# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୯/୨୦୨୦ (୧୩ ପୃଷ୍ଠା) | Bhubaneswar, Monday, November 9/2020 | ★★★★★★

୪୬ଶ ଭାଗ ୩୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଅଭିନନ୍ଦନ ଜଣାଇଲେ ଓବାମା, କ୍ଲିଣ୍ଟନ

ଆମେରିକା ରାଷ୍ଟ୍ରପତି ଭାବେ ଜୋ ବାଇଡେନ୍ ଓ ଉପରାଷ୍ଟ୍ରପତି ରୂପେ କମଳା ହାରିସ୍ ନିର୍ବାଚିତ ହେବା ପରେ ଦୁଇ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଏବଂ ବିଲ୍ କ୍ଲିଣ୍ଟନ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓବାମା ଏହାକୁ ଗଣତନ୍ତ୍ରର ବିଜୟ ଭାବେ ଅଭିହିତ କରିଥିବାବେଳେ ହାଉସ୍ ସ୍ପିକର ନାନ୍ସି ପେଲୋସି ଆମେରିକା ପାଇଁ ଏକ ନୂଆ ଆଶାର ଦିବସ ବୋଲି କହିଛନ୍ତି।

## ସଂକ୍ଷେପରେ

### ୫ ଲକ୍ଷ ଭାରତୀୟଙ୍କୁ ମିଳିପାରେ ଆମେରିକା ନାଗରିକତ୍ୱ

**ୱାଶିଂଟନ, ୮।୧୧(ପି.ଟି.):** ଆମେରିକାରେ ବିଭିନ୍ନ ଦେଶରୁ ଆସି ଉପଯୁକ୍ତ କାଗଜପତ୍ର ବିନା ରହିଥିବା ପ୍ରାୟ ୧.୧ କୋଟି ଲୋକଙ୍କୁ ନାଗରିକତ୍ୱ ପ୍ରଦାନ କରିବା ଲାଗି ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ସେଥିରେ ୫ ଲକ୍ଷରୁ ଅଧିକ ଭାରତୀୟ ରହିଛନ୍ତି। ଆମେରିକାରେ ବହୁ ଦେଶାନ୍ତରୀ ରହିଛନ୍ତି। କେତେକ କ୍ଷେତ୍ରରେ ସେମାନଙ୍କର ବହୁ ପିଢ଼ି ଧରି ଆମେରିକା ସହ ସମ୍ପର୍କ ରହିଛି ଓ ସେମାନେ ଦେଶକୁ ଦୃଢ଼ କରିଛନ୍ତି । ଭାରତୀୟ-ଆମେରିକୀୟମାନେ ଏହାର ପ୍ରତ୍ୟକ୍ଷ ଉଦାହରଣ ବୋଲି ବାଇଡେନ୍ ନିର୍ବାଚନ ପ୍ରଚାର ବେଳେ ଜାରି କରିଥିବା ନୀତି ଦସ୍ତାବିଜ୍‌ରେ ଉଲ୍ଲେଖ ଥିଲା। ତେଣୁ ସେ ଇମିଗ୍ରେଶନ ଆଇନରେ ସଂସ୍କାର ଆଣିବା ଦିଗରେ ଖୁବ୍‌ଶୀଘ୍ର କାର୍ଯ୍ୟ କରିବେ ବୋଲି ଜଣାପଡିଛି।

### ମ୍ୟାନ୍‌ମାରରେ ସୁ କୀଙ୍କ ସପକ୍ଷରେ ହାୱା



**ୟାଙ୍ଗୁନ୍, ୮।୧୧:** ମ୍ୟାନ୍‌ମାର ନିର୍ବାଚନ ଲାଗି ରବିବାର ସକାଳୁ ମତଦାନ ଆରମ୍ଭ ହୋଇଛି। ନୋବେଲ ଶାନ୍ତି ପୁରସ୍କାର ବିଜୟୀ ଅଙ୍ଗ୍ ସାନ୍ ସୁ କୀଙ୍କ ଶାସକ ଦଳ ପୁଣିଥରେ କ୍ଷମତାକୁ ଆସିବା ଆଶା କରାଯାଉଛି। ନ୍ୟାଶନାଲ ପାର୍ଲାମେଣ୍ଟର ନିମ୍ନ ଓ ଉଚ୍ଚ ସଦନ ଲାଗି ହେଉଥିବା ଏହି ନିର୍ବାଚନରେ ୯୦ରୁ ଅଧିକ ଦଳ ସାମିଲ ହୋଇଛନ୍ତି। ୩.୭ କୋଟି ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। କରୋନା ମହାମାରୀ କାରଣରୁ ମତଦାନ ହାର କମିପାରେ ବୋଲି କୁହାଯାଉଛି। ୨୦୧୫ ନିର୍ବାଚନରେ ସୁ କୀଙ୍କ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି ପାର୍ଟି ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇ ମ୍ୟାନ୍‌ମାରରେ ୫ ଦଶନ୍ଧିର ସେନାବାହିନୀ ନିର୍ଦ୍ଦେଶିତ ଶାସନର ଅନ୍ତ ଘଟାଇଥିଲା। ସାମରିକ ବାହିନୀ ସମର୍ଥିତ ୟୁନିୟନ ସଲିଡାରିଟି ଆଣ୍ଡ ଡେଭେଲପମେଣ୍ଟ ପାର୍ଟି ଏବେ ସୁ କୀଙ୍କ ଦଳର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରହିଛି।

### ଜାହାଜ ଚଳାଚଳ ମନ୍ତ୍ରଣାଳୟ ନାଁ ବଦଳିଲା

**ନୂଆଦିଲ୍ଲୀ, ୮।୧୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଜାହାଜ ଚଳାଚଳ ମନ୍ତ୍ରଣାଳୟର ନାଁ ବଦଳାଇଛନ୍ତି। ଏହାର ନାଁ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ରଖାଯାଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ଗୁଜରାଟର ଭାବନଗରରେ ଥିବା ଘୋଘାରୁ ସୁରଟ ନିକଟସ୍ଥ ହାଜିରାକୁ ରୋପାକ୍ସ ଫେରି ସେବା ଶୁଭାରମ୍ଭ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା ଘୋଷଣା କରିଛନ୍ତି। ବନ୍ଦରଗୁଡ଼ିକର ବିକାଶ ସହ ବିଶ୍ୱ ଶ୍ରେଣୀର ଅନ୍ତର୍ଦେଶୀୟ ଜଳ ପରିବହନ ବ୍ୟବସ୍ଥା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ।

### ୧୧୫୭ ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା

**ନୂଆଦିଲ୍ଲୀ, ୮।୧୧(ପି.ଟି.):** ବିହାର ବିଧାନସଭା ନିର୍ବାଚନରେ ଭାଗନେଇଥିବା ୧,୧୫୭ ପ୍ରାର୍ଥୀଙ୍କ ନାମରେ ଅପରାଧ ମାମଲା ରହିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ମୋଟ ୩,୭୩୩ ପ୍ରାର୍ଥୀଙ୍କ ମଧ୍ୟରୁ ୩୭୧ ଜଣ ମହିଳା। ଅପରାଧ ପୃଷ୍ଠଭୂମି ଥିବା ନେତାମାନଙ୍କୁ କ'ଣ ପାଇଁ ପ୍ରାର୍ଥୀ ଚୟନ କରାଯାଇଛି, ଜଣାଇବା ପାଇଁ ମାର୍ଚ୍ଚରେ ନିର୍ବାଚନ କମିଶନ ରାଜନୈତିକ ଦଳଗୁଡ଼ିକୁ କହିଥିଲେ। ଏଥିପାଇଁ ଗତ ଫେବୃଆରୀରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ଲଢୁଥିବା ପ୍ରାର୍ଥୀ ଓ ତାଙ୍କୁ ଟିକେଟ ଦେଇଥିବା ଦଳ ସେମାନଙ୍କ ଅପରାଧ ପୃଷ୍ଠଭୂମି ସମ୍ପର୍କରେ ଟିଭି ଓ ଖବରକାଗଜରେ ଅନ୍ୟୂନ ୩ ଥର ବିଜ୍ଞାପନ ଦେବା ବାଧ୍ୟତାମୂଳକ ବୋଲି ୨୦୧୮ ଅକ୍ଟୋବରରେ ଇସି ନିର୍ଦ୍ଦେଶନାମା ଜାରି କରିଥିଲେ।

# ସତ୍ୟକୁ ବାଛିଲା ଆମେରିକା



ଆମେରିକାର ଭାବୀ ଉପରାଷ୍ଟ୍ରପତି କମଳା ହାରିସ୍ ଓ ତାଙ୍କ ସ୍ୱାମୀ ଡୋଉଗ୍ ଏମହୋଫ୍‌ଙ୍କ ସହ ପ୍ରେସିଡେଣ୍ଟ ଇଲେକ୍ଟ ଜୋ ବାଇଡେନ୍ ଏବଂ ତାଙ୍କ ସ୍ତ୍ରୀ ଜିଲ୍।



ଭାବୀ ରାଷ୍ଟ୍ରପତି ଜୋ ବାଇଡେନ୍ ଜାତି ଉଦ୍ଦେଶ୍ୟରେ ସମ୍ବୋଧନ କରିବା ପୂର୍ବରୁ ତାଙ୍କ ସମର୍ଥକମାନେ ଚେସ୍ ସେଣ୍ଟରରେ ଅପେକ୍ଷା କରିଛନ୍ତି।

**ୱାଶିଂଟନ,୮।୧୧**

ଆମେରିକାବାସୀ ଅସତ୍ୟକୁ ପରାଜିତ କରି ସତ୍ୟକୁ ବିଜୟୀ କରାଇଛନ୍ତି। ସେମାନେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହରାଇ ଆଶା, ଏକତା ଓ ଶିଷ୍ଟତାକୁ ବାଛିଛନ୍ତି। ଆମେରିକାକୁ ପ୍ରତ୍ୟେକ କୁନି ଝିଅ ଏକ ସମ୍ଭାବନାର ଦେଶ ଭାବେ ଦେଖନ୍ତୁ ବୋଲି ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଡେମୋକ୍ରାଟ୍ କମଳା ହାରିସ୍ କହିଛନ୍ତି।

ପ୍ରଥମ ଥର ପାଇଁ ଜଣେ ଏସୀୟ-ଆମେରିକୀୟ, କୃଷ୍ଣକାୟ ତଥା ମହିଳା ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଶନିବାର ରାତିରେ ଡେଲାୱେରସ୍ଥିତ ୱିଲ୍‌ମିଂଟନର ଚେସ୍ ସେଣ୍ଟରରେ କମଳା ହାରିସ୍ ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଆମେରିକାରେ ମହିଳାଙ୍କୁ ଭୋଟ ପାଇବା ପାଇଁ ୧୦୦ ବର୍ଷ ଧରି ସଂଗ୍ରାମ କରିବାକୁ ପଡ଼ିଛି। ସେମାନଙ୍କ ମଧ୍ୟରେ ଥିବା କୃଷ୍ଣକାୟ ମହିଳାଙ୍କୁ ଅଣଦେଖା କରାଯାଇଛି। କିନ୍ତୁ ସେମାନେ ଆମ ଗଣତନ୍ତ୍ରର ମେରୁଦଣ୍ଡ ବୋଲି ଅନେକ ସମୟରେ ପ୍ରମାଣିତ କରିଛନ୍ତି। କୃଷ୍ଣକାୟ ରାଷ୍ଟ୍ରପତି ଭାବେ ମୁଁ ପ୍ରଥମ ହୋଇପାରେ। କିନ୍ତୁ ଶେଷ ମହିଳା ନୁହେଁ। ଏହି ଅବସରରେ କମଳା ହାରିସ୍ ତାଙ୍କ ମା' ଶ୍ୟାମଳା ଗୋପାଳନ୍ ହାରିସ୍‌ଙ୍କୁ ମନେପକାଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶ୍ୟାମଳାଙ୍କୁ ୧୯ ବର୍ଷ ହେଉଥିବାବେଳେ ସେ ଡାକ୍ତରୀ ପଢ଼ିବା ପାଇଁ ଆମେରିକା ଯାଇଥିଲେ। ୨୦୦୯ରେ ଆର ପାରିକୁ ଚାଲିଯାଇଥିବା ମା'ଙ୍କୁ କମଳା ତାଙ୍କ ସଫଳତାର ଶ୍ରେୟ ଦେଇ ସେ ସବୁବେଳେ ଆମ ହୃଦୟରେ ରହିବେ ବୋଲି କହିଥିଲେ। ଆମେରିକାର ଗଣତନ୍ତ୍ର ଓ ଅଖଣ୍ଡତାକୁ ରକ୍ଷା କରିଥିବାରୁ ସେ ପୋଲ୍ ୱାର୍କରମାନଙ୍କୁ ଧନ୍ୟବାଦ ଦେଇଥିଲେ। ପରେ ସେ ଭାବି ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଇଣ୍ଟ୍ରୋଡ୍ୟୁସ୍ କରିଥିଲେ। ୭୭ ବର୍ଷୀୟ ବାଇଡେନ୍ ମଞ୍ଚ ଉପରକୁ ଆସିବା ମାତ୍ରେ ଉପସ୍ଥିତ ଜନତାଙ୍କ ମଧ୍ୟରେ ଉଲ୍ଲାସ ଭରିଯାଇଥିଲା। ବକ୍ତବ୍ୟ ଆରମ୍ଭ କରି ବାଇଡେନ କହିଥିଲେ, ଲୋକେ ଆମକୁ ସ୍ପଷ୍ଟ ବହୁମତ ସହ ବିଜୟୀ କରାଇଛନ୍ତି। ଏଥିରେ ସାରା ଦେଶ ଖୁସି। ସମଗ୍ର ବିଶ୍ୱ ଆମ ଉପରେ ଖୁସି ଓ ଆଶା ଅଜାଡ଼ିଦେଉଛି। ଆସନ୍ତା କାଲି ଏକ ଉନ୍ନତ ଦିନ ହେବ। ଆପଣମାନେ ମୋ ଉପରେ ଯେଉଁ ଆସ୍ଥା ପ୍ରକଟ କରିଛନ୍ତି ସେଥିପାଇଁ କୃତଜ୍ଞ। ନିଜ ୧୫ ମିନିଟର ଭାଷଣରେ ସେ ଆହୁରି କହିଥିଲେ, ମୁଁ ଏପରି ଜଣେ ରାଷ୍ଟ୍ରପତି ହେବାକୁ ପ୍ରତିଜ୍ଞା କରୁଛି, ଯିଏ ବିଭାଜନ ନ କରି ସମସ୍ତଙ୍କୁ ଏକତ୍ରିତ କରିବ। ଯିଏ ରେଡ୍ ଷ୍ଟେଟ୍ ଓ ବ୍ଲୁ ଷ୍ଟେଟ୍‌କୁ ନ ଦେଖି କେବଳ ୟୁନାଇଟେଡ୍ ଷ୍ଟେଟ୍‌କୁ ଦେଖିବ। କରୋନା ମହାମାରୀ ଦେଶର ଅର୍ଥନୀତିକୁ ପ୍ରଭାବିତ କରିଛି। ଏହି ଭୂତାଣୁରେ ସଂକ୍ରମିତ ହୋଇଥିବା ଟ୍ରମ୍ପଙ୍କ ଭୋଟରକୁ ବାଇଡେନ୍ ଆଶା ଓ ସହାନୁଭୂତିର ସନ୍ଦେଶ ଦେଇଥିଲେ।

➤ପ୍ରଥମ ଭାରତୀୟ ବଂଶୋଦ୍ଭବ, କୃଷ୍ଣକାୟ ଓ ମହିଳା ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ କମଳା ହାରିସ୍ ଜାତି ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ବାର୍ତ୍ତା ଦେଇଛନ୍ତି।

➤ୱିଲ୍‌ମିଂଟନର ଚେସ୍ ସେଣ୍ଟରରେ ସେ କହିଛନ୍ତି, ଆମେରିକୀୟମାନେ ଏହି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କୁ ହରାଇ ଆଶା, ଏକତା, ଶିଷ୍ଟତା ଓ ସତ୍ୟକୁ ବାଛିଛନ୍ତି।

➤ଜାନୁୟାରୀ ୨୦ରେ ୪୬ତମ ରାଷ୍ଟ୍ରପତି ଭାବେ ଶପଥ ନେବାବେଳେ ବାଇଡେନ୍ (୭୮) ହେବେ ଆମେରିକାର ବରିଷ୍ଠତମ ରାଷ୍ଟ୍ରମୁଖ୍ୟ। ସେହିପରି ଦ୍ୱିତୀୟ କ୍ୟାଥୋଲିକ୍ ତଥା ୧୦୦ ବର୍ଷରେ କ୍ଷମତାସୀନ ରାଷ୍ଟ୍ରପତିଙ୍କୁ ହରାଇବାରେ ତୃତୀୟ ବ୍ୟକ୍ତି।

### ବାଇଡେନ୍‌ଙ୍କୁ ମନେପକାଇଲା ବେଜିଂ ନୁଡଲ୍ ରେଷ୍ଟୁରାଣ୍ଟ

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ୨୦୧୧ରେ ଚାଇନା ରାଜଧାନୀ ବେଜିଂକୁ ଯାଇଥିଲେ। ସେତେବେଳେ ସେ ବେଜିଂର ୬୦୦ ବର୍ଷ ପୁରୁଣା ଡ୍ରମ୍ ଟାୱାରସ୍ଥିତ ୟାଓଜି ଚାଓଗାନ୍ ନୁଡଲ ରେଷ୍ଟୁରାଣ୍ଟରେ ଖାଇଥିଲେ। ବାଇଡେନ୍ ନିର୍ବାଚନ ଜିତିବା ପରେ ଏହି ରେଷ୍ଟୁରାଣ୍ଟ ପକ୍ଷରୁ ସେଠାରେ ତାଙ୍କ ଫଟୋ ଟଙ୍ଗାଯାଇଛି। ବାଇଡେନ ବିଜୟୀ ହୋଇଥିବାରୁ ଆମେ ଖୁସି ବୋଲି ରେଷ୍ଟୁରାଣ୍ଟ ମ୍ୟାନେଜର ୟାଓ ୟାନ୍ କହିଛନ୍ତି।



## ହ୍ୱାଇଟ୍ ହାଉସ୍‌କୁ ଯିବେ ବାଇଡେନ୍‌ଙ୍କ କୁକୁର

ପ୍ରେସିଡେଣ୍ଟ ଇଲେକ୍ଟ ଜୋ ବାଇଡେନ୍ ଓ ତାଙ୍କ ସ୍ତ୍ରୀ ଜିଲ୍ ବାଇଡେନ୍ ହ୍ୱାଇଟ୍ ହାଉସ୍‌କୁ ଯିବେ। ତାଙ୍କ ସହ ଦୁଇଟି ଜର୍ମାନ୍ ଶିଫ୍‌ହାର୍ଡସ୍ କୁକୁର ମଧ୍ୟ ଯିବେ। ଦୁଇ କୁକୁର 'ମେଜର୍' ଓ 'ଚାମ୍ପ୍' ବାଇଡେନ୍ ଦମ୍ପତିଙ୍କ ସହ ସେଠାରେ ୪ ବର୍ଷ ରହିବେ। ରାଷ୍ଟ୍ରପତିଙ୍କୁ ପ୍ରେସିଡେଣ୍ଟ ଅଫ୍ ଦି ୟୁନାଇଟେଡ୍ ଷ୍ଟେଟ୍ସ (ପିଓଟିୟୁଏସ୍) କୁହାଯାଉଥିବାବେଳେ ଦୁଇ କୁକୁରଙ୍କୁ ସୋସିଆଲ ମିଡିଆରେ ୟୁଜର୍ସ ଡଗ୍ସ ଅଫ୍ ଦି ୟୁନାଇଟେଡ୍ ଷ୍ଟେଟ୍ସ (ଡିଓଟିୟୁଏସ୍) ଆଖ୍ୟା ଦେଇଛନ୍ତି।




## ୧୩୮ ନିୟୁତ ଘଣ୍ଟା ନିଦ ଚୋରି

**ହେଲସିଙ୍କି,୮।୧୧**

### ନିର୍ବାଚନ ରାତିରେ ଶୋଇଲେନି ଆମେରିକୀୟ

୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଦେଶବାସୀଙ୍କ ହୃଦ୍‌ସ୍ପନ୍ଦନ ବଢ଼ାଇଦେଇଥିଲା। ସ୍ୱାଭାବିକ ସମୟ ଅପେକ୍ଷା ମତଦାନ ରାତିରେ ଲୋକଙ୍କ ଚାପ ଓ ଉତ୍କଣ୍ଠା ଏତେ ବଢ଼ିଯାଇଥିଲା ଯେ, ସେମାନଙ୍କ ଶୋଇବା ସମୟ କମିଯାଇଥିଲା। ଆମେରିକୀୟମାନେ ପ୍ରାୟତଃ ଦୈନିକ ୭ ଘଣ୍ଟା ଶୋଉଥିବାବେଳେ ନିର୍ବାଚନ ରାତିରେ ସାଢ଼େ ୬ ଘଣ୍ଟା ଶୋଇପାରିଥିଲେ। ଏହି ବିଷୟ ଏକ ଉପକରଣରୁ ସଂଗୃହୀତ ତଥ୍ୟରୁ ଜଣାପଡ଼ିଛି।

ନିର୍ବାଚନ ରାତିରେ ଆମେରିକାବାସୀ ୧୩୮ ନିୟୁତ ଘଣ୍ଟା ଶୋଇପାରି ନ ଥିଲେ ବୋଲି ଫିନ୍‌ଲାଣ୍ଡରେ ବିକଶିତ ହେଲ୍‌ଥ ଟ୍ରାକିଂ ଉପକରଣ 'ଓଉରା ରିଙ୍ଗ୍' ତଥ୍ୟରୁ ସୂଚନା ମିଳିଛି। ଓଉରା ରିଙ୍ଗ୍‌କୁ କେତେଜଣ ୟୁଜର୍ସଙ୍କ ଅଙ୍ଗୁଳିରେ ପିନ୍ଧାଯିବା ପରେ ଏହା ସମ୍ପୃକ୍ତ ବ୍ୟକ୍ତିମାନଙ୍କ ହୃଦ୍‌ସ୍ପନ୍ଦନକୁ ଟ୍ରାକ୍ କରି ତାଙ୍କ ଭିତରେ ଚାଲିଥିବା ବିଭିନ୍ନ ଅବସ୍ଥା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲା। ଏଥିରେ ଥିବା ସେନ୍ସର ୟୁଜର୍ସଙ୍କ ଶରୀରର ତାପମାତ୍ରା, ରକ୍ତ ପ୍ରବାହ, ଉଦ୍‌ବିଗ୍ନତା ଓ ନିଦ୍ରାହୀନତାକୁ ମାପ କରିଥିଲା। ଆମେରିକାର ନାଗରିକମାନେ ନିର୍ବାଚନ ରାତିରେ ଶୋଇପାରି ନ ଥିବା ମୋଟ ସମୟ ୧୩୮ ନିୟୁତ ଘଣ୍ଟା ବୋଲି ହାରାହାରି ହିସାବରୁ ଜଣାପଡ଼ିଥିଲା।

## ଭୁଲ୍ ବନାନ ଶିଶୁ ହତ୍ୟାକାରୀଙ୍କୁ ଧରାଇଲା

**ହାର୍ଦୋଇ, ୮।୧୧(ଆଇଏଏନ୍ଏସ୍)**



### ୨ ଲକ୍ଷ ଟଙ୍କା ଦାବି କରି ମୋବାଇଲ୍‌ରେ ମେସେଜ ପଠାଇଥିଲେ

ନିଜର ଦୁର୍ବଳ ଭାଷା ଜ୍ଞାନ ଯେ ଦିନେ ରାମପ୍ରତାପ ସିଂଙ୍କୁ ହତ୍ୟା ମାମଲାରେ ଜେଲ୍ ପଠାଇଦେବ ଏକଥା ସେ କେବେ ବି ଭାବି ନ ଥିଲେ। ଅକ୍ଟୋବର ୨୬ରେ ସେ ତାଙ୍କ ଜେଜେମାଆଙ୍କ ଘର ନିକଟରୁ ୮ ବର୍ଷର ଶିଶୁପୁତ୍ରକୁ ଅପହରଣ କରିନେଇ ତାଙ୍କୁ ହତ୍ୟା କରିଥିଲେ। ସେହିଦିନ ସେ ପିଲାଟିର ବାପାଙ୍କ ପାଖକୁ ଏକ ଚୋରି ମୋବାଇଲ୍ ଫୋନ୍‌ରୁ ବାର୍ତ୍ତା ପଠାଇଥିଲେ। ପୁଅକୁ ଛାଡ଼ିବା ପାଇଁ ସେଥିରେ ସେ ୨ ଲକ୍ଷ ଟଙ୍କା ଦାବି କରିଥିଲେ ବୋଲି ହାର୍ଦୋଇ ଏସ୍‌ପି କହିଛନ୍ତି। ପରେ ଫୋନ ସୁଇଚ୍ ଅଫ୍ ହୋଇଯାଇଥିଲା। ସିମ୍ କାହା ନାମରେ ଅଛି ଜାଣିବା ପାଇଁ ସାଇବର ସର୍ଭିଲାନ୍ସ ସେଲ୍ ସହ ଯୋଗାଯୋଗ କରିବାରୁ ତାହା ଚୋରି ମୋବାଇଲ ବୋଲି ଜଣାପଡ଼ିଥିଲା। ସିସିଟିଭି ଚିତ୍ର ଓ ଅନ୍ୟାନ୍ୟ ସୂଚନା ଆଧାରରେ ପୋଲିସ ୧୦ ଜଣ ସନ୍ଦିଗ୍ଧଙ୍କୁ ଡାକି ନେଇ ସେମାନଙ୍କୁ କେତେକ ଲାଇନ ଲେଖିବାକୁ କହିଥିଲା। ରାମ ପ୍ରତାପଙ୍କ ଭୁଲ୍ ବନାନରୁ ସେ ହିଁ ୨ ଲକ୍ଷ ଟଙ୍କା ପାଇଁ ମୋବାଇଲ୍‌ରେ ବାର୍ତ୍ତା ପଠାଇଥିବା ସ୍ପଷ୍ଟ ହୋଇଯାଇଥିଲା। ଗିରଫ ପରେ ସେ ଅପରାଧ ସ୍ୱୀକାର କରିଛନ୍ତି।




ବିମୁଦ୍ରୀକରଣର ୪ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ବିରୋଧ କରି ନୂଆଦିଲ୍ଲୀରେ ଏନ୍ଏସ୍‌ୟୁଆଇ ପକ୍ଷରୁ ବିକ୍ଷୋଭ।

## ଅର୍ଣ୍ଣବଙ୍କ ଗିରଫଦାରି ସହ ସାମ୍ବାଦିକତାର ସମ୍ପର୍କ ନାହିଁ

**ନୂଆଦିଲ୍ଲୀ, ୮।୧୧**



ରିପବ୍ଲିକ୍ ଟିଭି ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ମୁମ୍ବାଇ ପୋଲିସ ଗିରଫ କରିବା ପରେ ଏହାକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କଠାରୁ ଆରମ୍ଭ କରି ବୟନଶିଳ୍ପ ମନ୍ତ୍ରୀ ସ୍ମୃତି ଇରାନୀଙ୍କ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଅପ୍ରତ୍ୟାଶିତ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେମାନେ ଦେଶରେ ଗଣମାଧ୍ୟମ ସ୍ୱାଧୀନତାକୁ ନେଇ ପ୍ରଶ୍ନ ଉଠାଇବା ସହ ଜରୁରିକାଳୀନ ସ୍ଥିତିର ଚିତ୍ରକୁ ମନେ ପକାଇଦେଇଥିଲେ। ଜଣେ ସାମ୍ବାଦିକଙ୍କ ଗିରଫଦାରି ବିରୋଧରେ ମୁହଁ ନ ଖୋଲିବା ଫାସିବାଦକୁ ସମର୍ଥନ କରିବା ସଦୃଶ ବୋଲି କହୁଥିଲେ। ସେମାନଙ୍କର ଉଦ୍‌ବେଗ ନିଶ୍ଚିତ ଭାବେ କୌଣସି ସାମ୍ବାଦିକଙ୍କ ପାଇଁ ନ ଥିଲା। ଏହା କେବଳ ଦେଶର ଜଣେ ଖ୍ୟାତନାମା ସାମ୍ବାଦିକଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ କଥାରୁ ସ୍ପଷ୍ଟ ହୋଇଥିଲା। ଅନ୍ୟପକ୍ଷରେ ଖୋଦ୍ ଆଦିତ୍ୟନାଥଙ୍କ ରାଜ୍ୟରେ ଖବରଦାତାମାନେ ନିର୍ଯାତିତ ହେବା, ମାଡ଼ ଖାଇବା ଓ ଗିରଫ ହେବା ନୂଆ କଥା ନୁହେଁ ବୋଲି ମତ ପ୍ରକାଶ ପାଇଛି।

ବୁଦ୍ଧିଜୀବୀଙ୍କ ମତରେ ଅର୍ଣ୍ଣବଙ୍କ ଗିରଫଦାରିକୁ ନେଇ ମନ୍ତ୍ରୀ ଓ ଭାଜପା ନେତାମାନେ ଅସନ୍ତୋଷ ବ୍ୟକ୍ତ କରିବା ଅର୍ଥ ନୁହେଁ ସେମାନେ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ନେଇ ଚିନ୍ତିତ। କଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଖବରଦାତାମାନେ କର୍ତ୍ତବ୍ୟ ନିର୍ବାହ କଲାବେଳେ ଆକ୍ରୋଶର ସମ୍ମୁଖୀନ ହୋଇଥାନ୍ତି।

୨୦୧୮ରେ ଅର୍ଣ୍ଣବ ଜଣେ ଇଣ୍ଟେରିୟର ଡିଜାଇନରଙ୍କୁ ତାଙ୍କ ପ୍ରାପ୍ୟ ନ ଦେବାରୁ ସେ ଓ ତାଙ୍କ ମାଆ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପାଇଁ ବାଧ କରିବା ଅଭିଯୋଗରେ ଗତ ୪ ତାରିଖରେ ଅର୍ଣ୍ଣବଙ୍କୁ ଗିରଫ କରାଯାଇଥିଲା। ଏହା ଗଣମାଧ୍ୟମ ସ୍ୱାଧୀନତା ଉପରେ ଆକ୍ରମଣ ବୋଲି ସାମ୍ବାଦିକ ମହଲରେ ବିତର୍କ ସୃଷ୍ଟି ହୋଇଥିଲା। ଦେଖିବାକୁ ଗଲେ ସାମ୍ବାଦିକ ମଧ୍ୟ ଜଣେ ନାଗରିକ। ସାମ୍ବାଦିକତା ସହ ସମ୍ପର୍କ ନ ଥିବା କୌଣସି ଅପରାଧ ପାଇଁ ଯଦି ଜଣେ ସାମ୍ବାଦିକ ଗିରଫ ହୁଅନ୍ତି, ତେବେ ଏହା ପ୍ରେସ୍ ସ୍ୱାଧୀନତା ସହ ସମ୍ପୃକ୍ତ ବୋଲି ସାବ୍ୟସ୍ତ କରିବା ନିଶ୍ଚିତ ଭାବେ କଷ୍ଟକର।

ପୋଲିସ କହିବାନୁଯାୟୀ, ମୃତ ସ୍ଥପତି ଅନ୍ୱୟଙ୍କ ପରିବାରର ଚାପ ଫଳରେ ପୁଣିଥରେ ମାମଲାର ଫାଇଲ ଖୋଲିଛି। ତେବେ ଏହା ପଛର ଅସଲ ଉଦ୍ଦେଶ୍ୟ ହେଉଛି କିଛି ମାସ ହେଲା ମହାରାଷ୍ଟ୍ର ସରକାର ଓ ମୁମ୍ବାଇ ପୋଲିସକୁ ସମାଲୋଚନା କରିଚାଲିଥିବା ଅର୍ଣ୍ଣବଙ୍କୁ ଉଚିତ ଶିକ୍ଷା ଦେବା।

କର୍ତ୍ତବ୍ୟ ସମ୍ପାଦନ ବେଳେ ଅର୍ଣ୍ଣବଙ୍କ ଭଳି ବହୁ ସାମ୍ବାଦିକ ଏଭଳି ମାମଲାର ସମ୍ମୁଖୀନ ହେଉଛନ୍ତି, ଯାହା ବାସ୍ତବରେ ଗଣମାଧ୍ୟମ ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରିଛି। ଦେଶର ସର୍ବବୃହତ ରାଜ୍ୟ ଉତ୍ତରପ୍ରଦେଶରେ ଭାଜପା କ୍ଷମତାରେ ରହିବାର ୬ ବର୍ଷ ମଧ୍ୟରେ ବହୁ ଖବରଦାତାଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ସେମାନଙ୍କୁ ଗିରଫ କରାଯାଇଛି। କେବଳ କୋଭିଡ୍ ଲକ୍‌ଡାଉନ ୩ ମାସ ମଧ୍ୟରେ ଭାରତରେ ଖବରଦାତାଙ୍କ ବିରୋଧରେ ୫୫ ମାମଲା ହୋଇଥିବାବେଳେ ସେଥିରୁ ଉତ୍ତରପ୍ରଦେଶରେ ୧୧ ରହିଛି। ଗତ ସେପ୍ଟେମ୍ବରରେ ହାଥ୍‌ରସରେ ଜଣେ ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାରେ ଖବର ସଂଗ୍ରହ କରିବାକୁ ଯାଇଥିବା କେରଳର ସାମ୍ବାଦିକ ସିଦ୍ଦିକ୍ କପ୍ପାନଙ୍କୁ ପୋଲିସ ଉଠାଇନେଇଥିଲା। ତାଙ୍କୁ କେବଳ ଗିରଫ କରାଯାଇ ନ ଥିଲା, ବରଂ ତାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ (ନିରାକରଣ) ଆଇନ ଏବଂ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା। ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ସହମତି ବିନା ପୋଲିସ ଏଭଳି କାର୍ଯ୍ୟାନୁଷ୍ଠାନ ନିଏ ନାହିଁ। ସେତେବେଳେ ପ୍ରେସ୍ ସ୍ୱାଧୀନତାକୁ ନେଇ କୌଣସି କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରି ନ ଥିଲେ।

### ତଲୋଜା ଜେଲ୍‌କୁ ସ୍ଥାନାନ୍ତର

**ନଭି ମୁମ୍ବାଇ, ୮।୧୧**

ରାଇଗଡ଼ ପୋଲିସ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ରବିବାର ସକାଳେ ନଭି ମୁମ୍ବାଇର ତଲୋଜା ଜେଲ୍‌କୁ ସ୍ଥାନାନ୍ତର କରିଛି। କଏଦୀମାନଙ୍କ ପାଇଁ ଆଲିବାଗ ମ୍ୟୁନିସିପାଲ ସ୍କୁଲରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ତାଙ୍କୁ ରଖାଯାଇଥିଲା। ସେଠାରେ ସେ ମୋବାଇଲ ଫୋନ୍ ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ଅର୍ଣ୍ଣବ କୌଣସି ବ୍ୟକ୍ତିଙ୍କ ମୋବାଇଲ ଫୋନ୍ ବ୍ୟବହାର କରି ସୋସିଆଲ ମିଡିଆରେ ଆକ୍ଟିଭ୍ ଥିଲେ ବୋଲି ତଦନ୍ତକାରୀ ଅଫିସର ରାଇଗଡ଼ କ୍ରାଇମ୍ ବ୍ରାଞ୍ଚ ଇନ୍ସପେକ୍ଟର ଜମିଲ ଶେଖ୍ କହିଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରେ ସେ କିପରି ମୋବାଇଲ ଫୋନ ପାଇଲେ ତାହାର ତଦନ୍ତ କରିବାକୁ ଜମିଲ ଆଲିବାଗ୍ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଲେଖିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୯/୨୦୨୦ | Bhubaneswar, Monday, November 9/2020 | ପୃଷ୍ଠା-୧




**ଦୀପିକାଙ୍କ ଡିମାଣ୍ଡ ୧୫କୋଟି**

ହାଇ ବଜେଟ ଆକ୍ସନ-ଥ୍ରୀଲର ଫିଲ୍ମ 'ପଠାନ୍' ପାଇଁ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ୧୫ କୋଟି ଟଙ୍କା ଡିମାଣ୍ଡ କରିଛନ୍ତି।

୦୭ ୦୮

**ଧାୱନଙ୍କ ଦୃଢ଼ ବ୍ୟାଟିଂ**

ଆଇପିଏଲ୍‌ର ରବିବାର ଅନୁଷ୍ଠିତ ୨ୟ କ୍ୱାଲିଫାୟର ମ୍ୟାଚ୍‌ରେ ୫୦ ବଲ୍‌ରୁ ଦ୍ରୁତ ୭୮ରନ ସ୍କୋର କରିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସର ଶିଖର ଧାୱନ।



# ସୂତାକଳରେ ଅନିଚ୍ଛାର ତାଲା

ସସ୍ମିତା ପାଇକରାୟ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ଓଡ଼ିଶାର ୧୨ଟି ଜିଲାରୁ ବର୍ଷକୁ ପ୍ରାୟ ୧୦କୋଟିକିଲୋ କପା ଉତ୍ପାଦନ ହେଉଛି। ହେଲେ ଏହାକୁ ବ୍ୟବହାର କରିବାକୁ ଗୋଟିଏ ହେଲେ ସୂତାକଳ ନାହିଁ। ରାଜ୍ୟର ୬ଟି ସମବାୟ ଭିତ୍ତିକ ସୂତାକଳରେ ଏବେ ତାଲା ଝୁଲୁଥିବାବେଳେ କଳାହାଣ୍ଡି ଜିଲା କେଶିଙ୍ଗା ସୂତାକଳରେ କେବଳ ତୁଳାଭିଣା ୟୁନିଟ୍ କାମ କରୁଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ବିଧାନସଭାରେ ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଗୋଟିଏପଟେ କାମ ନ ପାଇ ଲକ୍ଷାଧିକ ବେକାର ଯୁବତୀଯୁବକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ସେପଟେ ବିପୁଳ ପରିମାଣରେ କପା ଉତ୍ପାଦନ ହେଉଥିଲେ ମଧ୍ୟ ସୂତାକଳ ଓ ଟେକ୍ସଟାଇଲ ପାର୍କ ନ ଥିବାରୁ ରାଜ୍ୟ ବିପୁଳ ପରିମାଣରେ ନିଯୁକ୍ତି ସୁଯୋଗ ହରାଉଛି।

ଓଡ଼ିଶାରେ ଏବେ ୧,୨୨,୩୩୫ଜଣ ବୁଣାକାର ହସ୍ତତନ୍ତ ବୟନ ବୃତ୍ତି ଆପଣାଇ ଏହା ମାଧ୍ୟମରେ ପରିବାର ପ୍ରତିପୋଷଣ କରୁଛନ୍ତି। ବିଶେଷକରି ପଶ୍ଚିମ ଓଡ଼ିଶାରେ ଅଧିକ ପରିବାର ଏହି ଶିଳ୍ପ ଉପରେ ନିର୍ଭର



କରିଥାନ୍ତି। ବୁଣାକାରଙ୍କ ଚାହିଦା ଅନୁଯାୟୀ ଓଡ଼ିଶାରେ ହାରାହାରି ୯୫କୋଟି ଟଙ୍କାର ସୂତା ଆବଶ୍ୟକ ହେଉଥିବାବେଳେ ରାଜ୍ୟରେ ଏଯାବତ୍ ଗୋଟିଏ ବି ସୂତାକଳ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଓଡ଼ିଶାରେ ବିପୁଳ ପରିମାଣରେ କପା ଚାଷ ହେଉଥିବାରୁ ରାଜ୍ୟର ବୁଣାକାରମାନଙ୍କ ସୂତାର ଆବଶ୍ୟକତା ପୂରଣ କରିବାକୁ ସରକାରୀସ୍ତରରେ ସୂତାକଳ ପ୍ରତିଷ୍ଠା କରିବାକୁ ବିଭିନ୍ନ ସମୟରେ ଦାବି ହୋଇଛି। ସେହିଭଳି ବୟନ ଶିଳ୍ପର ବିକ୍ରୟ ଓ ପ୍ରଚାର ପ୍ରସାର ନିମନ୍ତେ ପଶ୍ଚିମ ଓଡ଼ିଶାରେ ଏକ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରିବାକୁ ମଧ୍ୟ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ହେଲେ ସୂତାକଳ ନ ଥିବାରୁ ଉତ୍ପାଦିତ କପାର ଅଧିକାଂଶ ଭାଗ ଅନ୍ୟ ରାଜ୍ୟକୁ ଚାଲିଯାଉଛି। ଏନେଇ ଟେକ୍ସଟାଇଲର ଆସିଷ୍ଟାଣ୍ଟ ଡାଇରେକ୍ଟର ଦେବରାଜ ସାହୁ

**କାମରେ ଲାଗିପାରୁନି ଉତ୍ପାଦିତ କପା**

- ନୂଆ ସୂତାକଳ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା ନାହିଁ
- ୧୨ ଜିଲାରୁ ବାର୍ଷିକ ୧୦କୋଟି କିଲୋ କପା ଉତ୍ପାଦନ

କହିଛନ୍ତି, ସରକାର ମଣ୍ଡି ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କଠାରୁ କପା କିଣିଥାନ୍ତି। ଓଡ଼ିଶାରେ ସୂତାକଳ ନ ଥିବାରୁ ବାହାର ରାଜ୍ୟକୁ ଏହି କପା ରପ୍ତାନୀ ହୋଇଥାଏ। କେସିଙ୍ଗା ସୂତାକଳରେ ଏବେ ତୁଳାଭିଣା କାର୍ଯ୍ୟ ହେଉଛି। ରାଜ୍ୟରୁ ଉତ୍ପାଦିତ କପାର କିଛି ଭାଗ ସେଠାକୁ ଯାଉଥିବାବେଳେ ବଳକା କପା ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକୁ ବିକ୍ରି ହୋଇଥାଏ। ତାମିଲନାଡୁକୁ ଓଡ଼ିଶାର ସିଂହଭାଗ କପା ଯାଇଥାଏ। ଏହାବ୍ୟତୀତ ପଞ୍ଜାବକୁ ମଧ୍ୟ କପା ବିକ୍ରି ହେଉଥିବା ସେ କହିଛନ୍ତି।

କଳାହାଣ୍ଡି, ବଲାଙ୍ଗୀର, ରାୟଗଡ଼ା, ନୂଆପଡ଼ା ଓ ସୁବର୍ଣ୍ଣପୁର ଜିଲା କପା ଉତ୍ପାଦନ କ୍ଷେତ୍ରରେ ଆଗରେ ରହିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟରୁ ମୋଟ ୫,୭୮,୫୦୦ ବେଲ୍ସ ବା ୯ କୋଟି ୮୩ ଲକ୍ଷ ୪୫ ହଜାର କିଲୋ କପା ଉତ୍ପାଦନ ହୋଇଥିବାବେଳେ କଳାହାଣ୍ଡି ଜିଲାରୁ ସର୍ବାଧିକ ୨,୨୭,୨୪୦ ବେଲ୍ସ କପା ଉତ୍ପାଦନ ହୋଇଛି। ସେହିଭଳି ବଲାଙ୍ଗୀରରୁ ୧,୧୩,୨୫୦, ରାୟଗଡାରୁ ୧,୬୨,୨୮୦, ନୂଆପଡାରୁ ୩୨,୧୧୦ ଓ ସୁବର୍ଣ୍ଣପୁରରୁ ୧୫,୫୧୦ ବେଲ୍ସ କପା ଉତ୍ପାଦନ ହୋଇଛି। ଏହାବାଦ୍ ବରଗଡ଼, ଗଜପତି, ଗଞ୍ଜାମ, କୋରାପୁଟ, ବୌଦ୍ଧ, କନ୍ଧମାଳ ଓ ଅନୁଗୋଳ ଜିଲାରୁ ମଧ୍ୟ କପା ଉତ୍ପାଦନ କରାଯାଉଛି। ହେଲେ ବରଗଡ଼ ଜିଲାରେ ଥିବା ଓଡିଶା ବୁଣାକାର ସମବାୟ ସୂତାକଳ, ଢେଙ୍କାନାଳର କଳିଙ୍ଗ ସୂତାକଳ, ଖୋର୍ଦ୍ଧାର ଉତ୍କଳ ବୁଣାକାର ସମବାୟ ସୂତାକଳ, କଟକ ଜିଲାର ଆଠଗଡ଼ରେ ଥିବା ଜଗନ୍ନାଥ ବୁଣାକାର ସମବାୟ ସୂତାକଳ, ଜଗତ୍‌ସିଂହପୁର ଜିଲାର ସାରଳା ବୁଣାକାର ସମବାୟ ସୂତାକଳ ଓ ବାଲେଶ୍ୱର ଜିଲାର ଶ୍ରୀଗୋପୀନାଥ ବୁଣାକାର ସମବାୟ ☞ପୃଷ୍ଠା-୨

# ଆମର କ'ଣ ଯାଉଥିଲା

ଆମେରିକାର ୪୬ତମ ନବନିର୍ବାଚିତ ରାଷ୍ଟ୍ରପତି ହୋଇଛନ୍ତି ଜୋ ବାଇଡେନ୍। ସେହି ଦେଶର ବ୍ୟବସ୍ଥା ଅନୁଯାୟୀ ପ୍ରତି ୪ ବର୍ଷରେ ନିର୍ବାଚନ ହୋଇଥାଏ। ସେଥିରେ ବିଜୟଲାଭ କରିଥିବା ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଘୋଷଣାର ଦୁଇ ମାସ ପରେ ଅର୍ଥାତ୍ ଜାନୁୟାରୀ ୨୧ରେ ଶପଥ ନେଇଥାନ୍ତି। ଏବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରାଜୟ ସୂଚାଇ ଦେଇଛି ଯେ ଏକଜିଦିଆ ବା ଏକଛତ୍ରବାଦ ଚିନ୍ତାଧାରା ନେଇ ଯେଉଁମାନେ ନିଷ୍ପତ୍ତି ନିଅନ୍ତି, ଗଣତନ୍ତ୍ରରେ ସେମାନଙ୍କ ପାଇଁ ସ୍ଥାନ ନାହିଁ। ବିଗତ ୪ ବର୍ଷ ମଧ୍ୟରେ ଟ୍ରମ୍ପ ଯେତେ ପଦକ୍ଷେପ ନେଇଛନ୍ତି ସେଥିରୁ ଅଧିକାଂଶ ବିବାଦୀୟ ରହିଆସିଛି। ଏପରିକି ଭାରତ ସହ ମିତ୍ରତା ଦେଖାଉଥିବା ସତ୍ତ୍ୱେ ଏଚ୍-୧ବି ଭିଜାଠାରୁ ଆରମ୍ଭ କରି ଆମଦାନୀ ନିୟମ ସବୁକିଛି ଭାରତ ବିରୋଧରେ ପଦକ୍ଷେପ ନେଇଥିଲେ। ପରାଜିତ ହେବାର ଅଳ୍ପ କିଛିଦିନ ପୂର୍ବରୁ ଭାରତକୁ ଅତ୍ୟନ୍ତ ଅପରିଷ୍କାର ଓ ଅପରିଚ୍ଛନ୍ନ ରାଷ୍ଟ୍ରର ଆଖ୍ୟା ଦେଇଥିବାରୁ ଟ୍ରମ୍ପ ଏହି ଦେଶରେ ସବୁବେଳେ ମନେରହିବେ। ୨୦୨୦ର ପ୍ରାରମ୍ଭରେ କୋଭିଡ୍-୧୯ ମହାମାରୀ ବିଶ୍ୱବ୍ୟାପୀ କାୟା ବିସ୍ତାର କରୁଥିବା ବେଳେ ଟ୍ରମ୍ପ ଏହାକୁ ଖାତିର କରି ନ ଥିଲେ। କେବଳ ସେତିକି ନୁହେଁ, ମୁହଁରେ ମାସ୍କ ବାନ୍ଧିବା ବିପକ୍ଷରେ ଯାଇ ଆମେରିକା ଲୋକଙ୍କୁ ଭୁଲ୍ ବାଟରେ ନେଇଥିଲେ। ଏହାର ପରିଣାମ ସ୍ୱରୂପ ୨,୩୫,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସେଠାରେ ମୃତ୍ୟୁ ଘଟିଥିବା ବେଳେ ୫୦ ହଜାରରୁ ଅଧିକ ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେହିପରି ଚାଇନା ସମେତ ଅନେକ ରାଷ୍ଟ୍ର ସହ ବାଣିଜ୍ୟିକ ସମ୍ପର୍କ ବିଗାଡ଼ିବାରେ ଟ୍ରମ୍ପଙ୍କୁ ଦାୟୀ କରାଯାଉଛି। ବର୍ତ୍ତମାନ ନିଆଯାଉଥିବା ପଦକ୍ଷେପର ପ୍ରଭାବ ଭବିଷ୍ୟତ ଉପରେ କ'ଣ ପଡ଼ିବ ତାହାକୁ ସମୀକ୍ଷା ନ କରି ଯେଉଁ ଶାସକମାନେ ତତ୍‌କ୍ଷଣାତ୍ ନିଷ୍ପତ୍ତି ନେଇଥାନ୍ତି, ତାହା ଦେଶ ପାଇଁ ମଙ୍ଗଳଦାୟକ ହୋଇ ନ ଥାଏ। ସେହି ଦୃଷ୍ଟିରୁ ଦେଖିଲେ ଟ୍ରମ୍ପ ସବୁଆଡୁ ବିଫଳ ହୋଇଥିବାରୁ ଆମେରିକାବାସୀ ତାଙ୍କୁ ପ୍ରତ୍ୟାଖ୍ୟାନ କଲେ। ଏହା ସତ୍ତ୍ୱେ ଆମେରିକାର ୭ କୋଟିରୁ ଅଧିକ ନାଗରିକ ଟ୍ରମ୍ପଙ୍କୁ ଭୋଟ ଦେଇଛନ୍ତି। ଟ୍ରମ୍ପଙ୍କ ସପକ୍ଷରେ କହିବାକୁ ଗଲେ ତାଙ୍କ ୪ ବର୍ଷ ଶାସନ ସମୟରେ ଆମେରିକା କୌଣସି ନୂଆ ଯୁଦ୍ଧ ଆରମ୍ଭ କରିନାହିଁ। ଏହା ବ୍ୟତୀତ ମଧ୍ୟପ୍ରାଚ୍ୟରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସଙ୍ଗଠନର ମେରୁଦଣ୍ଡ ଭାଙ୍ଗିବା ସହିତ ଇସ୍ରାଏଲ୍‌ର ଅନେକ ଆରବ ଦେଶ ସହିତ ଶାନ୍ତିଚୁକ୍ତି କରାଇବାରେ ଟ୍ରମ୍ପଙ୍କ ଭୂମିକା ପ୍ରଶଂସନୀୟ। ଏଥିସହିତ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍-ଉନ୍‌ଙ୍କ ସହ ବାର୍ତ୍ତାଳାପ କରି ଆଣବିକ ଯୁଦ୍ଧ ପ୍ରତି ବଢୁଥିବା ଉତ୍ତେଜନାକୁ ପ୍ରଶମିତ କରାଇ ଦେଇପାରିଛନ୍ତି।

**ତଥାଗତ ସତପଥୀ**

ଏବେ ବିଜୟ ପରେ ଜୋ ବାଇଡେନଙ୍କ ପାଇଁ ମହାମାରୀ, ଅର୍ଥନୀତିଠାରୁ ଆରମ୍ଭ କରି ସାମାଜିକ ସ୍ଥିତି ସୁଦୃଢ଼ କରିବା ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ଏଥିସହିତ ତାଙ୍କ ବିଜୟ ଭାରତ-ଆମେରିକା ସମ୍ପର୍କକୁ କିଭଳି ପ୍ରଭାବିତ କରିବ ତାହା ଉପରେ ଭାରତରେ ଚର୍ଚ୍ଚା ହେଲାଣି। ପ୍ରଥମରେ କୁହାଯାଇପାରେ ଯେ, ଭାରତୀୟ ବଂଶୋଦ୍ଭବ ଭାବେ କମଳା ହାରିସଙ୍କ ଜିତାପଟ ଭାରତବାସୀଙ୍କୁ ଖୁସି ଦେଇଛି। ସେ ବିଶ୍ୱର ସବୁଠାରୁ କ୍ଷମତାଶାଳୀ ରାଷ୍ଟ୍ର ଆମେରିକାର ଉପରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁଭଳି ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ପାଇଁ ବିଭିନ୍ନ ଉପାୟରେ ଭୋଟ ଯୋଗାଡ଼ କରିବାରେ ଲାଗିପଡ଼ିଥିଲେ, ସେସବୁ ବିଷୟ ଆମେରିକାରେ ଜଣାଶୁଣା। 'ହାଓଡି ମୋଦି' କାର୍ଯ୍ୟକ୍ରମରେ ଟ୍ରମ୍ପଙ୍କ ଉପସ୍ଥିତିକୁ ବାଇଡେନ୍ ଗୋଷ୍ଠୀ ଭଲଭାବେ ନଜର ପକାଇଥିବେ। ଏହା ପରେ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମ ଭାରତରେ ଆୟୋଜନ କରି ଯେଉଁଭଳି ଅନ୍ତର୍ଜାତୀୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରାଗଲା, ତାହାଦ୍ୱାରା ପ୍ରଧାନମନ୍ତ୍ରୀ ମୋଦିଙ୍କ ବ୍ୟକ୍ତିଗତ ସମର୍ଥନ ଟ୍ରମ୍ପଙ୍କ ନିର୍ବାଚନ ଜିତାପଟ ପଛରେ ରହିଛି ବୋଲି ଏହି ଦୁଇ କାର୍ଯ୍ୟକ୍ରମରୁ ସମଗ୍ର ପୃଥିବୀ ଜାଣିଲା। ନିର୍ବାଚନ ପ୍ରଚାର ବେଳେ ମୋଦିଙ୍କ ସମର୍ଥନ ଦ୍ୱାରା ଆଶା କରାଯାଉଥିଲା ଯେ ଆମେରିକାରେ ଥିବା ଭାରତୀୟଙ୍କ ଭୋଟ୍ ଟ୍ରମ୍ପଙ୍କ ସହିତ ରହିବ। କିନ୍ତୁ ସମଗ୍ର ଆମେରିକାର ରାଜନୈତିକ ସ୍ଥିତିକୁ ଅନୁଧ୍ୟାନ କରୁଥିବା ସେଠାକାର ଭାରତୀୟ ସଙ୍ଗଠନଗୁଡ଼ିକର ଟୁଇଟ୍‌ରୁ ଜଣାପଡ଼େ ଯେ ଅନିଚ୍ଛା ସତ୍ତ୍ୱେ ସେମାନେ ବାଇଡେନ୍‌ଙ୍କୁ ଭୋଟ୍ ଦେବେ ବୋଲି ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ନେଇଥିଲେ। ଅର୍ଥାତ୍ ଯଦି ସେମାନେ ଏଭଳି ପଦକ୍ଷେପ ଖୋଲାଖୋଲି ନେଇ ନ ଥାନ୍ତେ ଓ ମୋଦିଙ୍କ ଦ୍ୱାରା ପରିଚାଳିତ ହୋଇଥାନ୍ତେ, ତା'ହେଲେ ଆମେରିକାରେ ଥିବା ଭାରତୀୟମାନେ ପରିବର୍ତ୍ତିତ ପରିସ୍ଥିତିରେ ଅନେକ ନୂଆ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତେ। ଏହା ଥିଲା ଅଳ୍ପ କିଛି ଲକ୍ଷ ଆମେରିକୀୟ-ଭାରତୀୟଙ୍କ ବ୍ୟକ୍ତିଗତ ସମସ୍ୟା, ଯାହାକୁ ସେମାନେ ଉଚିତ ସମୟରେ ସୁଧାରି ଦେଇପାରିଲେ। ଅନ୍ୟପଟେ ଭାରତ ଯେଉଁ ବିଧିବଦ୍ଧ ନୀତିରେ ତ୍ରୁଟି କରି ଆମେରିକାର ଆଭ୍ୟନ୍ତରୀଣ ରାଜନୀତିରେ ପ୍ରବେଶ କରିଗଲା, ସେହି ଭୁଲ୍ ନିଷ୍ପତ୍ତିର କ୍ଷତି ଅନେକ ବର୍ଷ ପର୍ଯ୍ୟନ୍ତ ଆମକୁ ଭୋଗିବାକୁ ପଡ଼ିବ। କହିବାକୁ ଗଲେ ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ ରାଜନୀତିରେ ସିଧାସଳଖ ମୁଣ୍ଡ ପୂରାଇବା ଗୋଟିଏ ଦେଶର ବହିର୍ବ୍ୟାପାର ନୀତି ହୋଇ ନ ପାରେ। କାରଣ ସେଠାରେ କେଉଁ ପ୍ରକାର ରାଜନୈତିକ ପରିବର୍ତ୍ତନ ଆସିବ ତାହା ଏଠାକାର ଲୋକଙ୍କ ଚିନ୍ତା ବାହାରେ ହୋଇପାରେ। ମୋଦି ସେସବୁକୁ କିଛି ନ ଭାବି ଟ୍ରମ୍ପଙ୍କ ସପକ୍ଷରେ ଏକପାଖିଆ ସମର୍ଥନ କରି ଦେଇଥିବାରୁ ଏବେ ବାଇଡେନ୍‌ଙ୍କ ସହ ଭାରତ ପାଇଁ ପୁନଃସମ୍ପର୍କ ସ୍ଥାପନ କରିବା କଷ୍ଟକର ହୋଇପାରେ। ଏଠାରେ ମୋଦିଙ୍କ ଭୂମିକା ଅସ୍ଥାୟୀ ହୋଇଥିବା ବେଳେ ଆମେରିକା-ଭାରତ ସମ୍ପର୍କ ଚିରସ୍ଥାୟୀ ହେବା କଥା।

ଏପଟେ ଘରକୁ ଦେଖାଯାଉ। ବିହାର ବିଧାନସଭା ନିର୍ବାଚନ ଫଳାଫଳ ୧୦ ନଭେମ୍ବରରେ ଆସିବ। କିନ୍ତୁ ୭ ନଭେମ୍ବରରେ ହୋଇଥିବା ଏକ୍‌ଜିଟ୍ ପୋଲ୍ ଅନୁଯାୟୀ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ମହାମେଣ୍ଟ ଜିତିବା ପରିସ୍ଥିତିକୁ ଆସିଯାଇଛି। ସେହି ଏକ୍‌ଜିଟ୍ ପୋଲ୍ ଅନୁଯାୟୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ପରାଜିତ ହୋଇପାରେ। ଏକ୍‌ଜିଟ୍ ପୋଲ୍ ଓ ବାସ୍ତବ ଫଳ ମଧ୍ୟରେ ସାମଞ୍ଜସ୍ୟ ରହିଥିଲେ ମଧ୍ୟ ଅନେକ ସମୟରେ ଏପଟସେପଟ ହେଉଥିବା ଲକ୍ଷ୍ୟ କରାଯାଇଛି। କିନ୍ତୁ ଦୀର୍ଘ ଶାସନ କାଳ ଭଳି ନୀତୀଶ କୁମାରଙ୍କ ୧୫ ବର୍ଷର ଶାସନ ମଧ୍ୟରେ ଶେଷ ୩ ବର୍ଷ ଭାଜପା ସହ ମିଶି ଯେଭଳି ନିଷ୍ପତ୍ତି ନିଆଯାଇଛି ତାହା ଦ୍ୱାରା ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି ବୋଲି ଆଭାସ ମିଳୁଛି। କେବଳ କ୍ଷମତାରେ ରହିବା ପାଇଁ ନୀତୀଶ ନୈତିକତା ହରାଇଥିବାର ଏକାଧିକ ଦୃଷ୍ଟାନ୍ତ ରହିଛି। ଯଦି ୧୦ ନଭେମ୍ବରରେ ନୀତୀଶଙ୍କ ପତନ ଘଟି ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ଅଭ୍ୟୁଦୟ ଘଟେ, ତାହା ହେଲେ କ୍ଷମତାଲୋଭୀ ଲୋକଙ୍କୁ ଆତ୍ମସମୀକ୍ଷା କରିବାକୁ ପଡ଼ିବ। ଏଥିସହିତ ଗତ ବିହାର ବିଧାନସଭାରେ ଥିବା ଭାଜପାର ୫୩ ଆସନରୁ ଯଦି ସଂଖ୍ୟା ହ୍ରାସ ହୁଏ ତେବେ ଉତ୍ତର ଭାରତରେ ଭାଜପା ପାଇଁ ଏହା ଏକ ବଡ଼ଧରଣର ସତର୍କଘଣ୍ଟି। ବିଶେଷକରି ବିହାରରେ ଭାଜପାର ସ୍ଥାନୀୟ ନେତାଙ୍କ ଅଭାବ ଯୋଗୁ ସିଧାସଳଖ ପ୍ରଧାନମନ୍ତ୍ରୀ ମୋଦି ପ୍ରଚାରରେ ଯାଇଥିବା ହେତୁ ଏହା ମୋଦିଙ୍କ ବ୍ୟକ୍ତିଗତ ଭାବମୂର୍ତ୍ତିରେ ପ୍ରଥମ ବଡ଼ଧରଣର ଆଞ୍ଚ ଲାଗିଲା ବୋଲି କୁହାଯାଇପାରେ। ମହାମାରୀରେ ଜର୍ଜରିତ ବର୍ଷ ୨୦୨୦ର ଶେଷ ଆଡ଼କୁ ଆମେରିକାଠାରୁ ବିହାର ଯାଏ ପରିବର୍ତ୍ତନ ହୁଏତ ସୂଚାଇ ଦେଇଛି ଯେ, ସବୁକିଛି ଗିଳିଦେବାକୁ ଚେଷ୍ଟା କଲେ ତାହା ସହଜରେ ହଜମ ହୋଇ ନ ପାରେ।

# ଏସ୍‌ସି, ଏସ୍‌ଟି ଛାତ୍ରବୃତ୍ତି ରାଶି କମିବନି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

- ବିଭାଗୀୟ ଅଧାଦେଶକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ
- ଅନୁଧ୍ୟାନ କରିବ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ
- ଉଭୟ ସରକାରଙ୍କୁ ଟାର୍ଗେଟ୍ କରିଥିଲା ଯୁବ କଂଗ୍ରେସ

ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) ଛାତ୍ରୀଛାତ୍ରଙ୍କ ପୋଷ୍ଟ ମାଟ୍ରିକ ସ୍କଲାରଶିପ୍ (ଛାତ୍ରବୃତ୍ତି)ରେ କୌଣସି ପ୍ରକାର ପରିବର୍ତ୍ତନ ହେବ ନାହିଁ। ସ୍କଲାରଶିପ୍ ରାଶିକୁ କମାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଘୋଷଣା କରିଛନ୍ତି। ଏହି ଛାତ୍ରୀଛାତ୍ରମାନେ ବର୍ତ୍ତମାନ ପ୍ରଚଳିତ ହାରରେ ସ୍କଲାରଶିପ୍ ପାଇବେ। ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ଏନେଇ ପ୍ରକାଶିତ ଅଧାଦେଶକୁ ବର୍ତ୍ତମାନ ସ୍ଥଗିତ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ଏ ସମ୍ପର୍କିତ ଫାଇଲକୁ ବିଶଦ ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଇବାକୁ କହିଛନ୍ତି।

ନଭେମ୍ବର ୩ରେ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ଏସ୍‌ସି ଓ ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ମିଳୁଥିବା ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ରାଶି କମାଇ ଦିଆଯାଇଥିବା ନେଇ ଉଲ୍ଲେଖ ରହିଥିଲା। ବି.ଟେକ୍ ପିଲାଙ୍କୁ ବାର୍ଷିକ ୬୦ ହଜାର ଟଙ୍କା ଦିଆଯାଉଥିବାବେଳେ ତାହାକୁ କମାଇ ୨୫ ହଜାର କରାଯାଇଛି। ସେହିପରି ଏମ୍.ଟେକ୍ ୬୬ ହଜାର ପରିବର୍ତ୍ତେ ୨୫ ହଜାର, ବିଏଏମ୍ଏସ ୪୫ ହଜାର ପରିବର୍ତ୍ତେ ୨୫, ଏମ୍‌ବିଏ ୬୫ ବଦଳରେ ୨୫, ଏମ୍‌ସିଏ ୪୦ ବଦଳରେ ୨୫, ବିଏଚ୍ଏମ୍ଏସ୍ ୪୦ ହଜାର ପରିବର୍ତ୍ତେ ୭ହଜାର ୨୦୦ଟଙ୍କାକୁ କମାଇ ଦିଆଯାଇଥିବା ସେଥିରେ ଦର୍ଶାଯାଇଥିଲା। ହେଲେ ଏହି ବିଜ୍ଞପ୍ତିକୁ ନେଇ କଂଗ୍ରେସ ବିରୋଧ କରିଥିଲା। ☞ପୃଷ୍ଠା-୨

# ସେନା ଅଧିକାରୀ, ୩ ଯବାନ ଶହୀଦ

ଶ୍ରୀନଗର, ୮।୧୧

**ଜମ୍ମୁ-କଶ୍ମୀରରେ ଏନ୍‌କାଉଣ୍ଟର**

- ୩ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର କୁପ୍‌ୱାରା ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା(ଏଲ୍ଓସି)ରେ ଆତଙ୍କବାଦ ବିରୋଧୀ ଅଭିଯାନ ବେଳେ ଜଣେ ସେନା ଅଧିକାରୀ ଓ ୩ ଜଣ ଯବାନ ଶହୀଦ ହୋଇଛନ୍ତି। ସୁରକ୍ଷା କର୍ମୀଙ୍କ ଗୁଳିରେ ୩ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡିଛି। ଏପ୍ରିଲ ପରେ ଜମ୍ମୁ-କଶ୍ମୀରରେ ଏହା ସବୁଠୁ ବଡ଼ ଏନ୍‌କାଉଣ୍ଟର।

ମାଚିଲ୍ ସେକ୍ଟର ଅଞ୍ଚଳରେ ଥିବା ଏଲ୍ଓସି ନିକଟରେ ଶନିବାର ରାତି ୧ଟା ବେଳେ ସନ୍ଦିଗ୍ଧଙ୍କ ଗତିବିଧି ବିଏସ୍ଏଫ୍ ପାଟ୍ରୋଲିଂ ପାର୍ଟି ନଜରରେ ପଡ଼ିଥିଲା। ଯବାନମାନେ ଅନୁପ୍ରବେଶକାରୀଙ୍କୁ ଚ୍ୟାଲେଞ୍ଜ କରିବାରୁ ୩ ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ଆତଙ୍କବାଦୀ ନିହତ ହେବା ସହ ବିଏସ୍ଏଫ୍ କନ୍‌ଷ୍ଟେବଲ୍ ସୁଦୀପ୍ ସର୍କାର ଶହୀଦ ହୋଇଥିଲେ। ପରେ ଘଟଣାସ୍ଥଳକୁ ଅଧିକ ଯବାନ ପଠାଯିବା ସହ ଆତଙ୍କବାଦୀମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ☞ପୃଷ୍ଠା-୨

**ଆଇପିଏଲ: ଦିଲ୍ଲୀ-ମୁମ୍ବାଇ ଫାଇନାଲ** ପୃଷ୍ଠା-୮

# ଟ୍ରମ୍ପଙ୍କୁ ଛାଡ଼ପତ୍ର ଦେବେ ମେଲାନିଆ

**ପ୍ରଘଟ କଲେ ପୂର୍ବତନ ସହାୟିକା**



ମେଲାନିଆ ଟ୍ରମ୍ପ

ୱାଶିଂଟନ,୮।୧୧

ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ କେବଳ ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପରାଜିତ ହୋଇନାହାନ୍ତି, ସେ ତାଙ୍କ ସ୍ତ୍ରୀ ମେଲାନିଆ ଟ୍ରମ୍ପଙ୍କୁ ମଧ୍ୟ ହରାଇ ବସିଛନ୍ତି। ଟ୍ରମ୍ପ ହ୍ୱାଇଟ୍ ହାଉସ୍ ଛାଡ଼ିବା ମାତ୍ରେ ତାଙ୍କ ସହ ୧୫ ବର୍ଷର ଦେଣନେଣ ଦାମ୍ପତ୍ୟ ଜୀବନ ବିତାଇଥିବା ମେଲାନିଆ ଛାଡ଼ପତ୍ର ଦେବେ। ଏଇଠି ଶେଷ ହୋଇଯିବ ଏହି ହାଇପ୍ରୋଫାଇଲ୍ କପଲ୍‌ଙ୍କ ବୈବାହିକ ଜୀବନ। ବିଦାୟୀ ଫାର୍ଷ୍ଟ ଲେଡିଙ୍କ କେତେଜଣ ପୂର୍ବତନ କର୍ମଚାରୀ ଏପରି ଦାବି କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି।

ଏନେଇ ମେଲାନିଆଙ୍କ ଜଣେ ବାନ୍ଧବୀ କହିଛନ୍ତି, ୨୦୧୬ରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବାବେଳେ ମେଲାନିଆ କାନ୍ଦି ପକାଇଥିଲେ। କାରଣ ସେ ଜିତିବେ ବୋଲି ମେଲାନିଆ ଆଶା କରି ନ ଥିଲେ। ଟ୍ରମ୍ପ ଦମ୍ପତିଙ୍କ ପୁଅ ବାରୋନ୍ ନ୍ୟୁୟର୍କରେ ସ୍କୁଲ୍ ପାଠପଢ଼ା ଶେଷ କରି ନ ଥିବାରୁ ମେଲାନିଆ ୱାଶିଂଟନକୁ ଯିବା ପୂର୍ବରୁ ୫ ମାସ ଧରି ଅପେକ୍ଷା କରିଥିଲେ। ତେବେ ପୂର୍ବତନ ସହାୟିକା ଷ୍ଟେଫାନିଏ ଓକ୍‌ଅଫ୍ ଦାବି କରିଛନ୍ତି ଯେ, ବାରୋନଙ୍କୁ ଟ୍ରମ୍ପଙ୍କ ସମ୍ପତ୍ତିରୁ ସମାନ ଅଂଶ ଦେବା ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**
ବିମୁଦ୍ରୀକରଣ କଳାଟଙ୍କା ରୋକିବା ସହ ଆୟକର ବୃଦ୍ଧିରେ ସହାୟକ ହୋଇଛି। ଏଥିରୁ ଅର୍ଥନୀତିରେ ସ୍ୱଚ୍ଛତା ଆସିପାରିଛି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




**ଜନ୍ମଦିନର ଶୁଭେଚ୍ଛା**
ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ପିହୁ
ପରିବାରବର୍ଗ


ସୁଶୀଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୀମାନ୍ତରେ ଗୁଳି ବିନିମୟ : ଜଣେ ମାଓବାଦୀ ନିହତ, ୨ ଯବାନ ଆହତ

ମାଲକାନଗିରି,୮।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ରବିବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଫଳରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ୨ଜଣ ଯବାନ ଆହତ ହୋଇଥିବା ବିଜାପୁର ଏସ୍‌ପି କମଳଲୋଚନ କଶ୍ୟପ କହିଛନ୍ତି। ଖବରରୁ ଜଣାପଡ଼ିଛି, ରାୟପୁର ଜିଲା ତାମେଡ ଥାନା ଅନ୍ତର୍ଗତ ଭଡିଗୁଡା ଗ୍ରାମ ନିକଟରେ ମାଓବାଦୀଙ୍କ ଏକ କ୍ୟାମ୍ପ ଥିବା ଖବର ପାଇ ଡିଆରଜିପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଗୁଳିବିନିମୟ ପରେ ତଲାସି ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା। ଘଟଣାସ୍ଥଳରୁ ବୋମା, ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି।

# ମାଓବାଦୀଙ୍କୁ ମୂଳପୋଛ କରାଯିବ

ଭୁବନେଶ୍ୱର,(ବ୍ୟୁରୋ)/ ମାଲକାନଗିରି/ଚିତ୍ରକୋଣ୍ଡା, ୮।୧୧ (ଡି.ଏନ୍.ଏ.)


ସ୍ୱାଭିମାନ ଅଞ୍ଚଳରେ ମହିଳାଙ୍କ ସହ ପୋଲିସ ଡିଜି ଅଭୟ ଆଲୋଚନା କରୁଛନ୍ତି।

**ସ୍ୱାଭିମାନ ଅଞ୍ଚଳର ସ୍ଥିତି ସମୀକ୍ଷା କଲେ ଡିଜିପି**
- ଗ୍ରାମବାସୀଙ୍କୁ ମିଳିବ ଅଧିକ ସୁରକ୍ଷା
- ହିଂସା ଛାଡ଼ି ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ

ସ୍ୱାଭିମାନ ଅଞ୍ଚଳକୁ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ କରାଯିବ। ଯେଉଁ କେତେଜଣ ମାଓବାଦୀ ଅଛନ୍ତି, ସେମାନଙ୍କୁ ଖୁବ୍‌ଶୀଘ୍ର ମୂଳପୋଛ କରାଯିବ ବୋଲି ପୋଲିସ ଡିଜି ଅଭୟ କହିଛନ୍ତି। ସେ କହିଛନ୍ତି, ମାଓବାଦୀଙ୍କୁ ଦମନ ଅପେକ୍ଷା ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ଲାଗି ପ୍ରୟାସ କରିବା ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ମାଓବାଦୀମାନେ ଆତ୍ମସମର୍ପଣ କରିବା ନେଇ ସରକାରଙ୍କ ତରଫରୁ ବହୁତ ଭଲ ବନ୍ଦୋବସ୍ତ କରାଯାଇଛି। ସେମାନଙ୍କୁ କାଉନ୍‌ସେଲିଂ କରିବା ପରେ କର୍ମସଂସ୍ଥାନ ଯୋଗାଇ ଦିଆଯାଉଛି। ତେଣୁ ମାଓବାଦୀମାନେ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଡିଜିପି ଆହ୍ୱାନ ଦେଇଛନ୍ତି।

ଡିଜିପି ଅଭୟ ରବିବାର ମାଲକାନଗିରିକୁ ଦିନିକିଆ ଗସ୍ତରେ ଯାଇଥିଲେ। ପ୍ରଥମେ ସେ ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଗୋରା ସେତୁସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପକୁ ଯାଇ ମାଓବାଦୀଙ୍କ ଗତିବିଧି, ଯବାନଙ୍କ କାର୍ଯ୍ୟ ପ୍ରଣାଳୀ ଓ ସୁରକ୍ଷା ସ୍ଥିତିର ସମୀକ୍ଷା କରିଥିଲେ। ଡିଜିପିଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ ସାମିଲ ହୋଇଥିଲେ। ବିଏସ୍‌ଏଫ୍, ଏସ୍‌ଓଜି, ଡିଭିଏଫ୍ ଯବାନଙ୍କ ସହ ଡିଜିପି ଆଲୋଚନା କରିବା ପରେ ସ୍ଥାନୀୟ ଜନସାଧାରଣଙ୍କଠାରୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଜନସାଧାରଣଙ୍କୁ ବସ୍ତ୍ର ଓ ଛୋଟ ପିଲାଙ୍କୁ ସ୍କୁଲ ବ୍ୟାଗ, ପାଠ୍ୟୋପକରଣ ବଣ୍ଟନ କରିଥିଲେ। ପରେ ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି କହିଲେ, ବର୍ତ୍ତମାନ ସୁଦ୍ଧା ସ୍ୱାଭିମାନ ଅଞ୍ଚଳର ୭ ସ୍ଥାନରେ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ଯବାନମାନେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରିଥିବାରୁ ମାଓବାଦୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ତେଣୁ ଏବେ ପ୍ରାୟ ମାଓବାଦୀ ଭୟ ନାହିଁ ଓ ସେଠାରେ ଉନ୍ନୟନମୂଳକ କାର୍ଯ୍ୟ ଆଗେଇ ଚାଲିଛି। ବିଏସ୍‌ଏଫ୍ ଯବାନମାନେ ସର୍ବଦା ଗ୍ରାମବାସୀଙ୍କୁ ସୁରକ୍ଷା ଯୋଗାଇ ସେମାନଙ୍କୁ ସହଯୋଗ କରିବେ ବୋଲି ସେ କହିଛନ୍ତି। ସମୀକ୍ଷା ବୈଠକରେ ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ଆର୍‌କେ ଶର୍ମା, ଆଇଜି ଅପରେଶନ ଅମିତାଭ ଠାକୁର, ବିଏସ୍‌ଏଫ୍ ଆଇଜି ଏମ୍‌ଏସ୍ ଶର୍ମା, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିମ୍ ଅହମ୍ମଦ କେ, ମାଲକାନଗିରି ଏସ୍‌ପି ଋଷିକେଶ ଡି. ଖିଲାରି ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଅପରାହ୍ନରେ ସ୍ୱାଭିମାନ ଅଞ୍ଚଳରୁ ଫେରିବାପରେ ଭୁବନେଶ୍ୱର ଏୟାର ପୋର୍ଟରେ ଡିଜିପି ଅଭୟ ଖବରଦାତା ସମ୍ମିଳନୀରେ ଯବାନଙ୍କ କାର୍ଯ୍ୟ ଶୈଳୀ ଓ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ଡିଜିପି କହିଲେ, ସ୍ୱାଭିମାନ ଅଞ୍ଚଳରେ ଗତ କିଛିବର୍ଷ ହେଲା ଗମନାଗମନ ଓ ଟେଲି କମ୍ୟୁନିକେଶନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ୫ ଟାୱାର ତିଆରି ହାଇଛି। ୧୪ ରାସ୍ତା ପାଇଁ ଟେଣ୍ଡର ହୋଇଥିବାବେଳେ ୭ଟିରେ କାମ ଜାରି ରହିଛି। ବିଏସ୍‌ଏଫ, ସିଆର୍‌ପିଏଫ, ଏସଓଜି, ଆଇଆର ଓ ଏସ୍‌ଏସ୍ ବାଟାଲିୟନ ସହ ଓଡ଼ିଶା ପୋଲିସ ସହଯୋଗରେ ମାଓ ମୁକାବିଲା କରାଯାଉଛି। ବିଭିନ୍ନ ସୁରକ୍ଷା ବଳ ମଧ୍ୟରେ ସମନ୍ୱୟ ପୂର୍ବ ଅପେକ୍ଷା ଭଲ ହୋଇଛି। ମାଓବାଦୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରହିଛି। ସ୍ଥାନୀୟ ଲୋକଙ୍କର ସରକାର ଓ ସୁରକ୍ଷାବଳ ଉପରେ ବିଶ୍ୱାସ ବଢ଼ୁଛି। ମାଓବାଦୀଙ୍କ ଗତିବିଧି ଉପରେ ଆଗୁଆ ସୂଚନା ମିଳିପାରୁଥିବାରୁ ଏମାନଙ୍କୁ ଦମନ କରିବାରେ ସଫଳତା ମିଳିପାରୁଥିବା ଡିଜିପି କହିଛନ୍ତି।

# ମୁମ୍ବାଇରେ ଅଛନ୍ତି ବାଇଡେନ୍‌ଙ୍କ ସମ୍ପର୍କୀୟ

ମୁମ୍ବାଇ, ୮।୧୧

ଆମେରିକାର ନବନିର୍ବାଚିତ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ସହ କେବଳ ଭାରତର ସମ୍ପର୍କ ନାହିଁ, ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କର ମଧ୍ୟ ମୁମ୍ବାଇରେ ଦୂର ସମ୍ପର୍କୀୟ ରହିଛନ୍ତି। ୨୦୧୩ରେ ଉପରାଷ୍ଟ୍ରପତି ଥାଇ ଭାରତ ଗସ୍ତରେ ଆସିଥିବା ବାଇଡେନ୍ ମୁମ୍ବାଇରେ ଏକଥା କହିଥିଲେ। ତାଙ୍କର ସପ୍ତମ ପୂର୍ବପୁରୁଷ ଇଷ୍ଟ ଇଣ୍ଡିଆ କମ୍ପାନୀରେ କାମ କରୁଥିଲେ ଓ ଜଣେ ଭାରତୀୟଙ୍କୁ ବାହାହୋଇ ମୁମ୍ବାଇରେ ରହିଯାଇଥିଲେ। ବାଇଡେନ୍ ସଂଜ୍ଞାଧାରୀ ୫ ଜଣ ମୁମ୍ବାଇରେ ଅଛନ୍ତି। ବାଇଡେନ୍ ୧୯୭୨ରେ ପ୍ରଥମେ ସିନେଟର ହେବା ପରେ ମୁମ୍ବାଇରୁ ଜଣେ ବ୍ୟକ୍ତି ତାଙ୍କୁ ପତ୍ର ଲେଖି ଏହା ଜଣାଇଥିଲେ। ପତ୍ର ପଠାଇଥିବା ବ୍ୟକ୍ତିଙ୍କ ନାମ ବାଇଡେନ୍ ଥିଲା।

# 'ଓମ୍ୟାନ୍' ଶବ୍ଦକୁ ଅପ୍‌ଡେଟ୍ କଲା ଅକ୍ସଫୋର୍ଡ

ନୂଆଦିଲ୍ଲୀ,୮।୧୧




ଅକ୍ସଫୋର୍ଡ ଡିକ୍ସିନାରିରେ ଥିବା 'ଓମ୍ୟାନ୍' ଶବ୍ଦର ଅର୍ଥରେ ପରିବର୍ତ୍ତନ ଅଣାଯାଇ ଏହାକୁ ଅପ୍‌ଡେଟ୍ କରାଯାଇଛି। ପୂର୍ବରୁ ଶବ୍ଦକୋଷରେ 'ଓମ୍ୟାନ୍' ଶବ୍ଦର ଯେଉଁ ତାତ୍ପର୍ଯ୍ୟ ରହିଥିଲା ତାହା ଆପତ୍ତିଜନକ ଓ ଅପମାନଜନକ ଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ତେଣୁ ଶବ୍ଦକୋଷର ସଦ୍ୟ ସଂସ୍କରଣରେ ଏହାକୁ ବଦଳାଯାଇଛି। ଏବେ ଏହି ଶବ୍ଦର ଅର୍ଥ ମହିଳା, ଜଣେ ବ୍ୟକ୍ତିଙ୍କ ସ୍ତ୍ରୀ, ଗର୍ଲଫ୍ରେଣ୍ଡ ବା ପ୍ରେମିକା ଭାବେ ପରିବର୍ତ୍ତନ କରାଯାଇଥିବା ଅକ୍ସଫୋର୍ଡ ଡିକ୍ସିନାରି ପ୍ରେସ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ପ୍ରକାଶ ଯେ, ୨୦୧୯ରେ ମାରିନା ବିଟ୍ରାଇସ୍ ଗିଓଭାନାର୍ଡି ନାମ୍ନୀ ଜଣେ ମହିଳା ଅନ୍‌ଲାଇନ୍ ପିଟିଶନରେ ପୂର୍ବ ଅର୍ଥ 'ପିସ୍', 'ବ୍ୟାଗେଜ୍', 'ଓ୍ୱେଞ୍ଚ', 'ବାର୍ଡ' ଆଦି ଶବ୍ଦକୁ ଆପତ୍ତିଜନକ ଦର୍ଶାଇ ଏଥିରେ ପରିବର୍ତ୍ତନ ଆଣିବା ପାଇଁ ଦାବି କରିଥିଲେ।

# ଡିସେମ୍ବର ୧୨ରେ ଓକିଲ ସଂଘ ନିର୍ବାଚନ

କଟକ ଅଫିସ, ୮।୧୧

ହାଇକୋର୍ଟ ବାର୍ ଆସୋସିଏଶନ୍ ସମେତ ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ ଆସନ୍ତା ଡିସେମ୍ବର ୧୨ରେ ଅନୁଷ୍ଠିତ ହେବ। ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଥିବା ଓଡ଼ିଶା ବାର୍ କାଉନ୍‌ସିଲ ସମ୍ପାଦକ ଜେ. କେ. ସାମନ୍ତସିଂହାର ସୂଚନା ଦେଇଛନ୍ତି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ନିର୍ବାଚନର ସମସ୍ତ ପ୍ରକ୍ରିୟା ହେବ। ଭୋଟ୍ ପାଇଁ ପର୍ଯ୍ୟାପ୍ତ ପରିମାଣର ମାସ୍କ, ସାନିଟାଇଜର, ସାମାଜିକ ଦୂରତ୍ୱ ଓ ଗହଳି କମାଇବାକୁ ଅଧିକ ସଂଖ୍ୟାରେ ପୋଲିଂ ବୁଥ୍ ବ୍ୟବସ୍ଥା କରାଯିବ।

ନିର୍ବାଚନ ନିମନ୍ତେ ଆସନ୍ତା ୨୪ ଓ ୨୫ ତାରିଖରେ ପ୍ରାର୍ଥିପତ୍ର ଦାଖଲ ଏବଂ ୨୬ରେ ଯାଞ୍ଚ କରାଯିବ । ପାର୍ଥିପତ୍ର ଯାଞ୍ଚ ବେଳେ ଆବେଦନ କରିଥିବା ପ୍ରାର୍ଥୀମାନେ ନିଜର ପ୍ରଥମ ଓ ଦ୍ୱିତୀୟ ପ୍ରସ୍ତାବକଙ୍କ ପରିଚୟପତ୍ର (ବାର୍ କାଉନ୍‌ସିଲ ଦ୍ୱାରା ଦିଆଯାଇଥିବା)ର ନକଲ କପି ନିର୍ବାଚନ ଅଧିକାରୀଙ୍କ ନିକଟରେ ଜମା କରିବେ। ପ୍ରାର୍ଥିପତ୍ର ଦାଖଲର ଦେୟ ବାର୍ ଆସୋସିଏଶନମାନେ ନିଜସ୍ୱ ଭାବେ ନିର୍ଦ୍ଧାରଣ କରିବେ। ବାର୍ ଆସୋସିଏଶନ ଦ୍ୱାରା ଦିଆଯାଇଥିବା ମନିରିସିପ୍ଟକୁ ପ୍ରାର୍ଥୀମାନେ ପ୍ରାର୍ଥିପତ୍ର ଦାଖଲର ଫର୍ମ ସହ ସଂଲଗ୍ନ କରିବେ। ଆସନ୍ତା ୨୭ରେ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ ଓ ୨୮ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ। ଡିସେମ୍ବର ୧୨ରେ ସିକ୍ରେଟ ବାଲଟ ଯୋଗେ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଜାରି ରହିବ। ଫଳାଫଳ ନିର୍ବାଚନ ଅଧିକାରୀମାନେ ଓଡ଼ିଶା ବାର୍ କାଉନ୍‌ସିଲର ସମ୍ପାଦକଙ୍କ ନିକଟକୁ ଡିସେମ୍ବର ୧୩ରେ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚରେ ହେବାକୁ ଥିବା ନିର୍ବାଚନ କରୋନା ଯୋଗୁ ବନ୍ଦ ରହିଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଇଦାସଙ୍କର ଭଜନ ଟାଣ**
**ଭୋକ କଲା ଭାତ ପାଖକୁ ଆଣ।**

ନାମକୁ ମାତ୍ର ଈଶ୍ୱର ଆରାଧନା ଅଥଚ ମନ ଯାଇ ଖାଦ୍ୟ ପାଖରେ। ଭକ୍ତି ମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷରେ କୌଣସି ପ୍ରକାରର କାମନା, ବାସନା, ଲାଳସା ଗ୍ରହଣୀୟ ହୋଇ ନ ଥାଏ। ଖାଦ୍ୟଲୋଭି ବ୍ୟକ୍ତିଙ୍କ ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

### ସୂତାକଳରେ ଅନିଚ୍ଛାର ...

ସୂତାକଳରେ ଏବେ ତାଲା ଝୁଲିଛି। ଇତି ମଧ୍ୟରେ ବନ୍ଦ ହୋଇପଡ଼ିଥିବା ୬ ବୁଣାକାର ସମବାୟ ସୂତାକଳ ମଧ୍ୟରୁ ୩ଟିର ଘରୋଇକରଣ ମାଧ୍ୟମରେ ପୁନରୁଦ୍ଧାର ପାଇଁ ସ୍ଥିର ହୋଇଛି। ଏହାମଧ୍ୟରେ ବରଗଡ଼ର ଓଡ଼ିଶା ସୂତାକଳ, ଢେଙ୍କାନାଳ କଳିଙ୍ଗ ଓ ବାଲେଶ୍ୱରର ଶ୍ରୀଗୋପୀନାଥ ସୂତାକଳ ରହିଛି। ଶ୍ରୀଗୋପୀନାଥ ସୂତାକଳର ଘରୋଇକରଣ କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ଜମି ହସ୍ତାନ୍ତର ପ୍ରକ୍ରିୟା ଜାରି ରହିଛି। ଏଭଳିସ୍ଥିତିରେ ରାଜ୍ୟ ବାହାରକୁ ଯାଉଥିବା କୁଶଳୀ ପ୍ରବାସୀ ଶ୍ରମିକଙ୍କୁ କାମ ଯୋଗାଇଦେବାକୁ ଅଧିକ ସଂଖ୍ୟାରେ ସୂତାକଳ ଓ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରିବାକୁ ଦାବି ହୋଇଛି। ଏହି ଶ୍ରମିକମାନେ ଗୁଜରାଟ, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ କୁଶଳୀ ସୂତା ଓ ଲୁଗା କାରିଗର ଭାବେ କାମ କରୁଥିବାରୁ ରାଜ୍ୟରେ ସୂତାକଳ କାର୍ଯ୍ୟକ୍ଷମ ହେଲେ ସେମାନଙ୍କ ପାଇଁ ବିଶେଷ ଲାଭଦାୟକ ହୋଇପାରିବ ବୋଲି ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିଭଳି ଓଡ଼ିଶା ପୋଷାକ ନୀତି ୨୦୧୬ ଅନୁଯାୟୀ, ସୂତାକଳଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ପୋଷାକ ଓ ଟେକ୍ସଟାଇଲ୍ସ ପାର୍କ ପ୍ରତିଷ୍ଠା ଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ବୁଣାକାର ସଂଘ ପକ୍ଷରୁ କୁହାଯାଉଛି। ଓଡ଼ିଶା ଶିଳ୍ପୀ ମହାସଂଘ ସମ୍ପାଦକ ପ୍ରିୟରଞ୍ଜନ କର କହିଛନ୍ତି, ରାଜ୍ୟରେ ୩ଲକ୍ଷରୁ ଊର୍ଦ୍ଧ୍ୱ ବୁଣାକାର ଅଛନ୍ତି। ସେମାନଙ୍କ ସୂତା ଚାହିଦା ମେଣ୍ଟାଇବାକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ଅସମର୍ଥ। ସୂତା ପାଇଁ ଓଡ଼ିଶାର ବୁଣାକାରମାନଙ୍କୁ କର୍ଣ୍ଣାଟକ, ଗୁଜରାଟ, ତାମିଲନାଡୁ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରିବାକୁ ପଡୁଛି। ସେହିଭଳି ଟସର ଚାଷ ହେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟସର କୋଷାକୁ ଜଙ୍ଗଲଜାତ ସାମଗ୍ରୀରୁ ବାଦ୍ ଦିଆଯାଇନି। ବୁଣାକାରମାନେ ଟସର ନେବା ଆଣିବାବେଳେ ବନ ବିଭାଗ ଅଧିକାରୀଙ୍କ କୋପର ଶିକାର ହେଉଛନ୍ତି। କଞ୍ଚାମାଲର ବ୍ୟବସ୍ଥା ନ କରି ସରକାର ଓଡ଼ିଶା ହସ୍ତତନ୍ତକୁ ଗ୍ଲୋବାଲ୍ ବ୍ରାଣ୍ଡ କରିବା କଥା ଚିନ୍ତାକରିବା ଦୁର୍ଭାଗ୍ୟଜନକ ବୋଲି ଗୋପାଳପୁରର ଟସର ଶାଢି ବୁଣାକାର ଦୁର୍ଯ୍ୟୋଧନ ଚାନ୍ଦ କହିଛନ୍ତି।

### ଟ୍ରମ୍ପଙ୍କୁ ଛାଡ଼ପତ୍ର ....

ଲାଗି ମେଲାନିଆ ଏକ ବିବାହୋତ୍ତର ଚୁକ୍ତି ପାଇଁ ମୂଲଚାଲ କରୁଥିଲେ। ଟ୍ରମ୍ପ ଓ ମେଲାନିଆଙ୍କ ବିବାହ ଏକ କାରବାର ଭଳି ଥିଲା ଏବଂ ହ୍ୱାଇଟ୍ ହାଉସ୍‌ରେ ଉଭୟଙ୍କ ଅଲଗା ଅଲଗା ଶୟନ କକ୍ଷ ରହିଥିବା ଓକ୍‌ଅଫ୍ ପ୍ରଘଟ କରିଛନ୍ତି। ପୂର୍ବତନ ସହାୟିକା ଓମାରୋସା ମନିଗଲ୍ଟ ନ୍ୟୁମ୍ୟାନ୍ କହିଛନ୍ତି, ଟ୍ରମ୍ପ ଦମ୍ପତିଙ୍କ ୧୫ ବର୍ଷର ବିବାହ ଶେଷ ହୋଇଯାଇଛି। ମେଲାନିଆ ପ୍ରତିଟି ମୁହୂର୍ତ୍ତକୁ ଗଣୁଛନ୍ତି କେତେବେଳେ ଟ୍ରମ୍ପ ହ୍ୱାଇଟ୍ ହାଉସ୍ ଛାଡ଼ିବେ ଓ ସେ ନିଜ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇପାରିବେ। ଯଦି ଟ୍ରମ୍ପ କ୍ଷମତାରେ ଥିବାବେଳେ ମେଲାନିଆ ତାଙ୍କଠାରୁ ଅଲଗା ହେବାକୁ ଚେଷ୍ଟା କରିଥାନ୍ତେ ତେବେ ଟ୍ରମ୍ପ ତାଙ୍କୁ ଦଣ୍ଡିତ କରିବା ପାଇଁ ଏକ ଉପାୟ ବାହାର କରିଥାଆନ୍ତେ। ସର୍ବସାଧାରଣରେ ଅନୁରାଗଶୂନ୍ୟ ବ୍ୟବହାର ସତ୍ତ୍ୱେ ୭୪ ବର୍ଷୀୟ ଟ୍ରମ୍ପଙ୍କ ସହ ଏକ ମହାନ୍ ସମ୍ପର୍କ ଥିବା ୫୦ ବର୍ଷୀୟା ମେଲାନିଆ ଦାବି କରନ୍ତି। ଦ୍ୱିତୀୟ ସ୍ତ୍ରୀ ମେଲାନିଆ ମାପେଲ୍ସଙ୍କ ସହ ଟ୍ରମ୍ପ ବିବାହ ପୂର୍ବରୁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଉକ୍ତ ଚୁକ୍ତି ଅନୁସାରେ ମେଲାନିଆ ନିଜ ସ୍ୱାମୀଙ୍କୁ ସମାଲୋଚନା କରି କୌଣସି ପୁସ୍ତକ ପ୍ରକାଶ କିମ୍ବା ସାକ୍ଷାତ୍କାର ଦେଇ ପାରିବେ ନାହିଁ। ଏଥିପାଇଁ ମେଲାନିଆ ସବୁକିଛିକୁ ନେଇ ନୀରବ ରହି ଆସିଛନ୍ତି ବୋଲି ଆଇନଜୀବୀ ଖ୍ରୀଷ୍ଟିଆନା ପ୍ରେଭାଇଟ୍ କହିଛନ୍ତି।

### ଏସ୍‌ସି, ଏସ୍‌ଟି ଛାତ୍ରବୃତ୍ତି ...

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏସ୍‌ସି, ଏସ୍‌ଟି ଛାତ୍ରୀଛାତ୍ରଙ୍କ ବୃତ୍ତି ଟଙ୍କା କାଟ କରି ସେମାନଙ୍କ ଭବିଷ୍ୟତ ସହିତ ଖେଳ ଖେଳୁଛନ୍ତି। ଏହାଦ୍ୱାରା ସେମାନଙ୍କ ପାଠପଢ଼ାରେ ଗୁରୁତର ବାଧା ସୃଷ୍ଟି ହେବ। କେନ୍ଦ୍ରରେ ଉପା ସରକାର ଥିବାବେଳେ ୨୦୧୩-୧୪ରେ ଛାତ୍ରୀଛାତ୍ରଙ୍କୁ ଶତ ପ୍ରତିଶତ ବୃତ୍ତି ରାଶି ମିଳୁଥିଲା। ହେଲେ ଏନ୍‌ଡିଏ ସରକାର ଆସିବା ପରେ ଏହି ରାଶିକୁ କାହିଁକି କାଟି ଦେଲେ ବୋଲି ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ପ୍ରଶ୍ନ ଉଠାଇଥିଲେ। ପୁଣି ପ୍ରତି କ୍ଷେତ୍ରରେ କେନ୍ଦ୍ରକୁ ସମର୍ଥନ ଦେଉଥିବା ଓଡ଼ିଶା ସରକାର ପ୍ରତିବାଦ ନ କରି ରାଜ୍ୟର ଆଦିବାସୀ ଓ ଦଳିତ ଛାତ୍ରୀଛାତ୍ରଙ୍କ ପ୍ରତି କାହିଁକି ଏପରି ଅନ୍ୟାୟ କରୁଛନ୍ତି ବୋଲି ସେ କହିଥିଲେ।

### ସେନା ଅଧିକାରୀ...

ରବିବାର ସକାଳ ପାଖାପାଖି ୧୦ଟା ୨୦ ସମୟରେ ଏଲ୍‌ଓସି ଠାରୁ ୧.୫ କିଲୋମିଟର ଦୂରରେ ଅନ୍ୟ କେତେଜଣ ଅନୁପ୍ରବେଶକାରୀ ଠାବ ହେବାରୁ ପୁଣିଥରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨ ଆତଙ୍କବାଦୀ ନିହତ ହୋଇଥିବାବେଳେ ଜଣେ ସେନା ଅଧିକାରୀ ଓ ୨ ଯବାନ ଶହୀଦ ହୋଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଏକାବଳୀ ଯୋଗର ପ୍ରଭାବରୁ ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କିନ୍ତୁ ନିଜ ବ୍ୟବହାର୍ଯ୍ୟ ଅତ୍ୟାବଶ୍ୟକ ଜିନିଷଟି ଅପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଶ୍ୱିନୀ ନକ୍ଷତ୍ର ସ୍ୱାସ୍ଥ୍ୟ ସମସ୍ୟା ହେତୁ ମାନସିକ ସ୍ତରରେ ଅସୁଖୀ ରହିବେ।

**ବୃଷ**
ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ ସୁଯୋଗ ହାତଛଡା ହୋଇପାରେ। କୃତ୍ତିକା ନକ୍ଷତ୍ର ବ୍ୟକ୍ତିଙ୍କୁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମିଥୁନ**
ଆଜି ବହୁତ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡିବ। କିନ୍ତୁ ଗୃହ ସମସ୍ୟାର ସମାଧାନ, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଧୈର୍ଯ୍ୟହରା ନ ହୋଇ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିପାରିଲେ ସଫଳତା ପାଇବେ ।

**କର୍କଟ**
ମାନସିକ ସ୍ଥିରତା ଅବ୍ୟାହତ ରଖିଲେ ବହୁତ ଉପକାର ପାଇବେ। ପରିବାରର ବରାଦ ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବିଦେଶରେ ରହୁଥିବା ବ୍ୟକ୍ତିମାନେ ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ**
ପୂର୍ବାଫାଲଗୁନୀ ନକ୍ଷତ୍ର ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ । ଋଣଭାରରେ ଅତିଷ୍ଠ ହୋଇପାରନ୍ତି ଏବଂ ଅନ୍ୟକୁ ସରଳ ବିଶ୍ୱାସ କରି ଠକି ଯାଇପାରନ୍ତି। ନୂଆ ଯୋଜନା ଉପରେ ଗୁରୁତ୍ୱ ଦେଲେ ଅବଶ୍ୟ ସଫଳତା ମିଳିବ । ଦେହ ଭଲ ରହିବ, ମାତ୍ର ଶ୍ରମଜନିତ କ୍ଳାନ୍ତି ବୋଧ କରିବେ।

**କନ୍ୟା**
ଆଜିର ପ୍ରତ୍ୟୁଷ ଯାତ୍ରା ନିଶ୍ଚିତ ଫଳପ୍ରଦ ହେବ । ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ସଫଳତା ପାଇବେ । ତଥାପି ଚିତ୍ରା ନକ୍ଷତ୍ରର ଟେନସନ୍ କିଛି ମାତ୍ରାରେ ଲାଗିରହିବ । ପୂର୍ବଶତ୍ରୁତାରୁ ମାନସିକ ବ୍ୟଥା ଅନୁଭବ କରିପାରନ୍ତି ।

**ତୁଳା**
ବହୁତ ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂର ଯାତ୍ରା ପାଇଁ ପ୍ରସ୍ତୁତି କରିବେ। ଆପଣଙ୍କ ଉଦ୍ୟମ ସଫଳ ଦିଗରେ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିପାରନ୍ତି। ଅନୁସନ୍ଧାନ, ଚୁକ୍ତିପତ୍ର, ଆନୁଷ୍ଠାନିକ ଆଲୋଚନା ଓ ଅର୍ଥନୈତିକ କ୍ଷେତ୍ରରେ କିଛିଟା ସମସ୍ୟା ଭିତରେ ଚଳିବାକୁ ବାଧ ହେବେ।

**ବିଛା**
ଛୋଟଛୋଟ ଘଟଣା ପ୍ରତି ଗୁରୁତ୍ୱଦେଲେ ଅଯଥା ମାନସିକ ଅଶାନ୍ତିକୁ ବଢାଇବା ବ୍ୟତୀତ କିଛି ଲାଭ ହେବନି। ବିଶ୍ୱସ୍ତ ସୂତ୍ରରୁ ଆଶା କରୁଥିବା ଖବର ପାଇ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ସ୍ନାୟବିକ ଦୁର୍ବଳତା ଦେଖାଦେବା କାରଣରୁ ଆଳସ୍ୟ ଅନୁଭବ କରିବେ। ଅନୁରାଧା ନକ୍ଷତ୍ରର ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ।

**ଧନୁ**
ଆଜି ଉତ୍ତରାଷାଢା ନକ୍ଷତ୍ର ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ବିବାଦୀୟ ପରିସ୍ଥିତିରେ ଆପଣ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ରହିବ, ଫଳରେ ଏଥିପାଇଁ ଚିନ୍ତା କରିପାରନ୍ତି ।

**ମକର**
ଆଜି ଚେଷ୍ଟା କରୁଥିବା କାର୍ଯ୍ୟରେ ଅବଶ୍ୟ ସଫଳତା ପାଇବେ। ପାଖ ପଡୋଶୀଙ୍କ ଛଳନା ଓ ପ୍ରତାରଣାପୂର୍ଣ୍ଣ କଥାକୁ ଭାବିଚିନ୍ତି କରିବା ଭଲ ହେବ। କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ଧନିଷ୍ଠା ନକ୍ଷତ୍ରର ବହୁତ ଦିନର ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**କୁମ୍ଭ**
ପୂର୍ବଭାଦ୍ରବ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ । କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ । ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲ୍‌କା କରିବାରେ ସମର୍ଥ ହେବେ । ନିର୍ମାଣ, ଶେୟାରବଜାର, ଜମିଜମା କାରବାର ତଥା ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ମୀନ**
ଅନ୍ୟମାନଙ୍କର ଫୁସୁଲା ଫୁସୁଲି କଥାରେ ପଶନ୍ତୁ ନାହିଁ କାରଣ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ଆପୋଷ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଶାରୀରିକ ସୁସ୍ଥତା ସହିତ ବନ୍ଧୁଙ୍କ ପରାମର୍ଶ ପାଇ କାର୍ଯ୍ୟ ହାସଲ କରିବେ। ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି ଉତ୍ତରଭାଦ୍ରବ ନକ୍ଷତ୍ର କାର୍ଯ୍ୟହାସଲ କରିପାରିବେ।

ଆଜି କାର୍ତ୍ତିକ କୃଷ୍ଣ ନବମୀ ସୋମବାର, ନଭେମ୍ବର ୯ ତାରିଖ, ଜାତୀୟ ଆଇନସେବା ଦିବସ, ରାଶି ନକ୍ଷତ୍ର-ଦିବା ଘ.୦୮.୪୧ମି. ଗତେ ମଘା/ସିଂହ, ମିଥୁନ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୫୫ମି. ଗତେ ଘ.୦୭.୨୪ମି.ମଧ୍ୟେ, ଘ.୦୮.୫୪ମି. ଗତେ ଘ.୧୧.୦୮ମି. ମଧ୍ୟେ, ରାତ୍ରି ଘ.୦୭.୩୯ମି. ଗତେ ଘ.୧୧.୦୪ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୭.୧୯ମି. ଗତେ ଘ. ୦୮.୪୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283. D-69197

ମାଷ୍ଟରକ୍ୟାଣ୍ଟିନ୍‌ରୁ 12k.m କୁହା ମୌଜାରେ (ସୁନ୍ଦରପଦା) ୧୨୦୦ ବର୍ଗଫୁଟ ପ୍ଲଟକୁ ୧୧,୪୦,୦୦୦/- କିଣି ଆଜି ଘର କରନ୍ତୁ। 9853150290. D-69195

1500 sqft ( 12nos) per sqft 1700 main road side plot, infront Tata Areana, Ghatikia, Sankarpur, BBSR. 30' road, electricity supply water available. Gharabari plot – 8114744495, 8328943165 D-18838

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

**GENERAL**

**PURCHASE**

We buy old gold, land, building. Please contact Hindustan-Jewellers. 9437033691 D-68392




Godown space available near Puri bypass area 18000/-, open space 15000/-. 9938125254 D-18598




Swarna SPA newly open positively health benefits with expert therapist. 9556978408. D-70010

Get refreshment body massage by expert therapist contact for 7205084157. D-70011

Monalisa massage club : All types body massage with hiprofile smart lady rooms service available 9708545108. D-18831

Newly open full body massage SPA in Bhubaneswar. Contact: 7205058838. D-70012

Rejuvenate and Ayurvedic full body massage by smart therapist. 9348123330. D-70013

Refreshing your mind & body with best therapy at Lotus Spa. 8018234866 D-69577

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


75 Mahindra Rise.
ଗ୍ରେଟ୍ ମହିନ୍ଦ୍ରା SUV ଫେଷ୍ଟିଭାଲ୍
ଏହି ଦୀପାବଳୀରେ,
ଘରକୁ ଆଣନ୍ତୁ ହର୍ଷୋଲ୍ଲାସ ।
ଘରକୁ ଆଣନ୍ତୁ ମହିନ୍ଦ୍ରା ।
XUV300 ₹7 95 000.00* ରୁ ଆରମ୍ଭ
BOLERO ₹22 825.00* ପର୍ଯ୍ୟନ୍ତ ଲାଭ
SCORPIO ₹47 000.00* ପର୍ଯ୍ୟନ୍ତ ଲାଭ
ALTURAS G4 ₹2 66 000.00* ପର୍ଯ୍ୟନ୍ତ ଲାଭ
XUV500 ₹34 000.00* ପର୍ଯ୍ୟନ୍ତ ଲାଭ
MARAZZO ₹41 000.00* ପର୍ଯ୍ୟନ୍ତ ଲାଭ
ଅଫର 30 ନଭେମ୍ବର 2020 ପର୍ଯ୍ୟନ୍ତ ବୈଧ
ଅନ୍‌ଲାଇନ୍ ବୁକ୍ କରିବା ପାଇଁ ଲଗ୍ ଅନ୍ କରନ୍ତୁ @mahindrasyouv.com/own-online/
Mahindra with you hamesha 1800-209-6006
X-Mart EXCHANGE OR BUY. WITH TRUST.
*ଋଣ ପ୍ରଦାନ ବ୍ୟାଙ୍କର ନିଜସ୍ୱ ଅଧିକାର । #ବ୍ୟାଙ୍କ/ଅର୍ଥ ପ୍ରଦାନକାରୀ କମ୍ପାନୀ ଉପରେ ଋଣ ଅନୁମୋଦନ ନିର୍ଭରଶୀଳ । ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଲାଗୁ ହେବ । ଷ୍ଟକ୍ ମହଜୁଦ୍ ଥିବା ପର୍ଯ୍ୟନ୍ତ ବଛା ବଛା ମଡେଲ ଗୁଡ଼ିକ ଉପରେ ଅଫର ବୈଧ ଅଟେ । ଏହି ଅଫର ସହିତ ଅନ୍ୟ କୌଣସି ଅଫରକୁ ଯୋଡ଼ାଯାଇ ପାରିବ ନାହିଁ । ଦର୍ଶାଯାଇଥିବା ଅଫର ହେଉଛି ସର୍ବାଧିକ ଲାଭ, ଯାହା ମଧ୍ୟରେ ରହିଛି ଇନ୍‌ସୁରାନ୍ସ, ଏକ୍ସଚେଞ୍ଜ, ଲୟାଲ୍ଟି ଓ କର୍ପୋରେଟ୍ । ଅଫରର ଭିନ୍ନତା କ୍ରୟ କରାଯାଇଥିବା ବ୍ରାଣ୍ଡ ଏବଂ ମଡେଲ ଉପରେ ନିର୍ଭର କରେ, ଯାହା ସହର ଅନୁସାରେ ଭିନ୍ନ ହୋଇପାରେ । ସଠିକ୍ ବିବରଣୀ ପାଇଁ ନିକଟସ୍ଥ ମହିନ୍ଦ୍ରା ଡିଲରଙ୍କ ସହିତ ଯୋଗାଯୋଗ କରନ୍ତୁ । ପୂର୍ବ ସୂଚନା ବିନା ଅଫର ନିୟମାବଳୀରେ ପରିବର୍ତ୍ତନ/ସଂଶୋଧନ/ପ୍ରତ୍ୟାହୃତ କରାଯାଇପାରେ । ପ୍ରଦର୍ଶିତ ସହ ଉପକରଣ ଗୁଡ଼ିକ ମାନକ ଉପକରଣ ଗୁଡ଼ିକର ଅଂଶବିଶେଷ ନୁହେଁ । *ଷ୍ଟକ୍ ଥିବା ପର୍ଯ୍ୟନ୍ତ ଅଫର ବୈଧ ଅଟେ । *ସର୍ତ୍ତ ଏବଂ ନିୟମାବଳୀ ଲାଗୁ ହେବ ।
UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, JAJPUR, KENDRAPARA, PURI, NAYAGARH, KHURDA: 7574808551
ADITYA MOTORS: CUTTACK, JAGATSINGHPUR, KENDRAPARA, PURI, NAYAGARH, KHURDA: 7873999010, JAJPUR, PANIKOILI: 7873999027


HONDA
The Power of Dreams
सच कर देंगे सपने
FLY AGAINST THE WIND
Rajiv Sethu
Honda Racing India Champion
THE NEW HORNET 2.0
MUSCULAR, SPORTY AND ADVANCED STREET FIGHTER WITH A FIERCE POWER DISPLACEMENT.
BOOK ONLINE NOW!
www.honda2wheelersindia.com
CLICK BOOK RELAX
1st IN SEGMENT
GOLDEN UPSIDE DOWN (USD) FRONT FORK
AGGRESSIVE TANK DESIGN
LED ALL AROUND
FULLY DIGITAL,LIQUID CRYSTAL METER
KEY ON TANK
HET BS-VI
PGM-FI FUEL INJECTION
BEST DEAL HONDA Buy. Sell. Exchange
joyclub
ALWAYS WEAR A HELMET WHILE RIDING
3+3 years warranty
Other Honda Shield Products**
Annual Maintenance Contract
Road Side Assistance
Engine Health Assurance
Follow us on
Product shown in the picture may vary from actual product available in the market. Accessories shown in the picture are not part of standard equipment. All features and colours may not be part of all variants. **Conditions apply.
Honda is HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
Honda Exclusive Authorized Dealerships: ATHAGARH: Sidhivinayak Honda - 9124260000, 9658080060; BALUGOAN: Khimji Honda - 7735734881, 7077726329; BANKI: Shree Honda - 06723-240099, 9658201234; BIDHARPUR: Saivinayak Honda - 9937060477, 7894446899; BHUBANESWAR: Shivam Honda - 0674-2546296, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 9090912345; Khimji Honda - 7735734884, 9090067366; CUTTACK: Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; CHANDIKHOL: Basanti Honda - 06725-227011, 9853066000; JAGATSINGHPUR: Kanchan Murali Honda - 06724-222122, 223112, 7809568988, 9090876483; JAGATPUR: Durga Honda - 9114800118, 0671-2490462; JATNI: PGL Honda - 0674-2492419, 7788001027; KEONJHAR: Pritam Honda - 06766-254138, 8908881717; Barbil: Royal Motors- 7008712784; KHURDA: Sai Honda - 07852930002, 06755-223555; NAYAGRAH: Pattnaik Honda - 7205028044, 9937083142; Narsisgh Pur: Baba Honda - 9438057701; NIALI: Hindustan Honda - 9937075187, 0671-2803355; PURI: Shivam Honda - 06752-225555, 9040088747; Kujang:- Kanchan Murali Honda: 0672236122, 9040650040; PARADIP: Anil Honda - 06722-220909, 9438523425; RAHAMA: Navjyoti Honda - 9938339189; UTTARA: Gugnani Honda - 0674-3272244, 7852930844; PATTAMUNDAI: Satya Honda - 9937711139; SALEPUR: S.N.Honda - 9437439076; GAREJ CHACK: Gugnani Honda - 7008342169, 8144286965; KENDRAPARA: Saisudha Honda - 9178455081/2/3/4; KANDARPUR: Jay Pee Honda - 9861007679.
For Bulk/Institutional enquiries, please write us at: institutionalsales@honda2wheelersindia.com

ଭଗବାନଙ୍କ ସହିତ ମିଳନରେ ଯେଉଁ ନିଶା ଲାଗେ- ତାହା ଯେକୌଣସି ସୁରା ବା ମଦ୍ୟପାନର ନିଶାଠାରୁ ଅଧିକ ଆନନ୍ଦ ଓ ଉନ୍ମାଦନା ଦିଏ। -ଶ୍ରୀମା

# ଅବଗଣନା ଆରମ୍ଭ ହେଉ



ସୁକାନ୍ତ କୁମାର ପଟେଲ

କରୋନା ମହାମାରୀ ଯୋଗୁ ସମଗ୍ର ବିଶ୍ୱର ଚଳଚଞ୍ଚଳତା ବନ୍ଦ ହେଲା କିନ୍ତୁ ଜଳବାୟୁ ସଙ୍କଟ ହ୍ରାସହେଲା ନାହିଁ। ଉତ୍ତପ୍ତ ଜଳବାୟୁ ଦ୍ୱାରା ସମୁଦ୍ର ପତ୍ତନ ବୃଦ୍ଧି ହେବା ସହ ମେରୁ ଅଞ୍ଚଳରେ ବରଫ ଶିଳାଖଣ୍ଡ ମାନ ତରଳିବାକୁ ଆରମ୍ଭ କରିଛି। ଜାତିସଂଘ ଏହି ସମସ୍ୟାକୁ ସମଗ୍ର ବିଶ୍ୱବାସୀଙ୍କ ଅବଗତି ନିମନ୍ତେ ରିପୋର୍ଟ ମାଧ୍ୟମରେ ପ୍ରକାଶିତ କରିଛନ୍ତି। ଏକ ବହୁମୁଖୀ ସଂସ୍ଥା 'ୟୁନାଇଟେଡ ଇନ୍ ସାଇନ୍ସ' ଅନୁସାରେ ବିଗତ ୫ ବର୍ଷ ମଧ୍ୟରେ ବିଶ୍ୱ ସର୍ବାଧିକ ୫ ବର୍ଷର ଉତ୍ତପ୍ତତା ଅନୁଭବ କରିଛି ଏବଂ ପ୍ରତିକୂଳ ଜଳବାୟୁ ସୂଚନା ପ୍ରଦାନ କରୁଛି ଯେ, ଏ ପ୍ରକାର ଜଳବାୟୁ ପରିବର୍ତ୍ତନ ମଣିଷ ସମାଜ ନିମନ୍ତେ କ୍ଷତିକାରକ। ଜାତିସଂଘର ସାଧାରଣ ସମ୍ପାଦକ ଆଣ୍ଟୋନୀୟ ଗୁଟେରେଶଙ୍କ ମତରେ ବର୍ତ୍ତମାନ ବିଶ୍ୱବାସୀ କେବଳ ସବୁଜ ପ୍ରଣାଳୀରେ ବିଭିନ୍ନ କାର୍ଯ୍ୟଧାରା ସଂପାଦନ କରିବା ଦ୍ୱାରା ଆମ ଜୀବନ ଓ ଜୀବିକା ମଧ୍ୟ ସୁରକ୍ଷିତ ରହିବ।

ବିଶ୍ୱ ପାଣିପାଗ ସଂସ୍ଥା ଅନୁସାରେ ବିଶ୍ୱଉତ୍ତପ୍ତୀକରଣ ଯାହା ପୃଥିବୀ ଧ୍ୱଂସର କାରଣ, ତାହାର ହ୍ରାସ ନିମନ୍ତେ ଅଙ୍ଗାରକାମ୍ଳ ନିର୍ଗମନ ପ୍ରଦତ୍ତ ଲକ୍ଷ୍ୟକୁ ବିଶ୍ୱବାସୀ ଏ ପର୍ଯ୍ୟନ୍ତ ହାସଲ କରିବାକୁ ଅକ୍ଷମ। ଜଳବାୟୁ ଉତ୍ତପ୍ତ ହେତୁ ମେରୁ ପ୍ରଦେଶରେ ବରଫ ଶିଳାଖଣ୍ଡ ତରଳିବା ଯୋଗୁ ପର୍ଯ୍ୟାପ୍ତ ଜଳ ଯୋଗାଣ ବ୍ୟାହତ ହେବାର ସମ୍ଭାବନା ଅଧିକ। ଜାତିସଂଘର ବିଜ୍ଞାନ ଉପଦେଷ୍ଟା କମିଟି ଅନୁସାରେ ଏହି ଶତାବ୍ଦୀର ଶେଷରେ ମହାସାଗରର ଜଳସ୍ତର କିଛି ମାତ୍ରାରେ ବୃଦ୍ଧି ପାଇବ। ଆହୁରି ମଧ୍ୟ କୁହାଯାଇଛି ଯେ ୨୦୧୬ରୁ ୨୦୧୯ ମଧ୍ୟରେ ଯେତେ ହିମ ଖଣ୍ଡ ତରଳିଛି ତାହା ବିଗତ ଦଶନ୍ଧିରେ ତରଳି ନ ଥିଲା। ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁ ପ୍ରାୟ ୧.୨ କୋଟି ଜନତା ଏବଂ ୨୦୫୦ ସୁଦ୍ଧା ୧.୬ କୋଟି ଜନତା ବନ୍ୟା ପ୍ରପୀଡିତ ହେବେ। ଅଧିକନ୍ତୁ ଏବେ ୧.୯ କୋଟି ଜନତା ଜଳ ସଙ୍କଟ ଭୋଗୁଥିବା ବେଳେ ୨୦୫୦ ବେଳକୁ ଏହା ୩.୨ କୋଟିକୁ ବୃଦ୍ଧି ପାଇବ। ହିମ ଖଣ୍ଡ ତରଳିବା ଯୋଗୁ ଜଳ କ୍ଲିଷ୍ଟତା ଅନୁଭୂତ ହେବ। ଊନବିଂଶ ଶତାବ୍ଦୀଠାରୁ ଭୂପୃଷ୍ଠର ଉତ୍ତାପ ୧ ଡିଗ୍ରୀ ବୃଦ୍ଧି ପାଇଛି। ଜାତିସଂଘ ଅନୁସାରେ ବିଗତ ୫ ବର୍ଷ ମଧ୍ୟରେ ପୃଥିବୀର ଉତ୍ତପ୍ତତା ସର୍ବାଧିକ।

୨୦୧୫ର ପ୍ୟାରିସ ଚୁକ୍ତି ଅନୁସାରେ ଏହି ବର୍ଷଠାରୁ ଅଙ୍ଗାରକାମ୍ଳ ନିର୍ଗମନ ନିୟନ୍ତ୍ରଣ ଆରମ୍ଭ ହେବ ଏବଂ ଚୁକ୍ତିଭିତ୍ତିକ ରାଷ୍ଟ୍ରଗୁଡିକ ଶିଳ୍ପାୟନ ପୂର୍ବରୁ ଥିବା ୨ ଡିଗ୍ରୀ ନିମ୍ନ ତାପମାତ୍ରାକୁ ଅନୁସରଣ କରିବାକୁ ବାଧ୍ୟ ହେବେ। କିନ୍ତୁ ବିଶ୍ୱ ଜଳବାୟୁ ସଂସ୍ଥା ଅନୁସାରେ ୨୦୨୦ରୁ ୨୦୨୪ ମଧ୍ୟରେ ଉତ୍ତାପ ୧.୫ ସ୍ତର ରଖିବାର ସମ୍ଭାବନା ମାତ୍ର ୨୪ ପ୍ରତିଶତ। ଅନ୍ୟ ଏକ ରିପୋର୍ଟରୁ ଜଣାଯାଏ ଯେ ବିଶ୍ୱରେ ମନୁଷ୍ୟର ଅର୍ଥନୈତିକ କାର୍ଯ୍ୟ ନିମନ୍ତେ ପ୍ରାଣୀ, ପକ୍ଷୀ ଓ ମତ୍ସ୍ୟଙ୍କ ସଂଖ୍ୟା ବିଗତ ୫୦ ବର୍ଷରେ ପ୍ରାୟ ୨/୩ୟାଂଶ ହ୍ରାସ ପାଇଛି। ଏହା ପୁଣି ମାତ୍ରାଧିକ ବ୍ୟବହାର ଯୋଗୁ ହୋଇଛି। କେବଳ ସେତିକି ନୁହେଁ ମନୁଷ୍ୟର କାର୍ଯ୍ୟକଳାପ ଯୋଗୁ ୩/୪ ଭାଗ ଜମିର ଗୁଣବତ୍ତା ହ୍ରାସ ପାଇବା ବେଳେ ୪୦ ପ୍ରତିଶତ ସମୁଦ୍ରର ଜଳ ମଧ୍ୟ ବିଷାକ୍ତ ହୋଇଛି। ଏକ ସଂସ୍ଥା 'ଲିଭିଙ୍ଗ ପ୍ଲାନେଟ ଇଣ୍ଡେକ୍ସ' ଦ୍ୱାରା କରାଯାଇଥିବା ୪୦୦୦ରୁ ଅଧିକ ମେରୁଦଣ୍ଡୀ ପ୍ରଜାତିର ଜୀବଙ୍କୁ ନେଇ କରିଥିବା ଏକ ଗବେଷଣାରୁ ପ୍ରକାଶ କରନ୍ତି ଯେ, ଜଙ୍ଗଲ ଧ୍ୱଂସ ସହ କୃଷି କାର୍ଯ୍ୟ ସଂପ୍ରସାରଣ ହେତୁ ପ୍ରାୟ ୧୯୭୦ରୁ ୨୦୧୬ ମଧ୍ୟରେ ପ୍ରାୟ ୬୮ ପ୍ରତିଶତ ଜୀବଜନ୍ତୁ ନିଶ୍ଚିହ୍ନ। ଆହୁରି ମଧ୍ୟ କୁହାଯାଇଛି ଯେ, ପ୍ରାକୃତିକ ପରିବେଶ ଧ୍ୱଂସ ଓ ସଂକୋଚନା ଯୋଗୁ ତଥା ବନ୍ୟ ପ୍ରାଣୀଙ୍କ ସଂସ୍ପର୍ଶରେ ଆସିବା ଯୋଗୁ ମଣିଷ ଭବିଷ୍ୟତରେ କୋଭିଡ-୧୯ ଭଳି ନୂତନ ମାରାତ୍ମକ ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ବିଶ୍ୱ ବନ୍ୟଜନ୍ତୁ ପାଣ୍ଠିର ସାଧାରଣ ନିର୍ଦ୍ଦେଶକ ମାର୍କୋ ଲାମ୍ବେରେଟିନଙ୍କ ଅନୁସାରେ ପୃଥିବୀର ଜୈବମଣ୍ଡଳ ସନ୍ତୁଳନ ୧୯୭୦ ଠାରୁ ହ୍ରାସ ପାଇବାରେ ଲାଗିଛି। ବିଗତ ୩୦ ବର୍ଷରୁ ଏହା ବର୍ଦ୍ଧିତ ବେଗରେ ହ୍ରାସ ପାଉଛି, ଯାହା ୨୦୧୬ରେ ୬୦ ପ୍ରତିଶତ ଥିବାବେଳେ ବର୍ତ୍ତମାନ ଏହା ୭୦ ପ୍ରତିଶତକୁ ବୃଦ୍ଧିପାଇଛି। ଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଅର୍ଥନୈତିକ କାର୍ଯ୍ୟ ତ୍ୱରାନ୍ୱିତ ଯୋଗୁ ପ୍ରାକୃତିକ ସମ୍ବଳର ମାତ୍ରାଧିକ ବ୍ୟବହାର କରାଯାଇଥିଲା। ୧୯୭୦ ପର୍ଯ୍ୟନ୍ତ ମଣିଷର ପରିବେଶ ନଷ୍ଟର ମାତ୍ରା ପ୍ରକୃତିର ପୁନଃସୃଷ୍ଟି କରିବା ମାତ୍ରାଠାରୁ ଯଥେଷ୍ଟ କମ୍ ଥିଲା। କିନ୍ତୁ ଏବେ ଆମେ ପ୍ରକୃତିର ପୁନଃସୃଷ୍ଟି କରିବା ମାତ୍ରାର ଅର୍ଦ୍ଧାଧିକ ଆମେ ଖର୍ଚ୍ଚ କରୁଛୁ। ଶିଳ୍ପାୟନ ଏବଂ ଜଙ୍ଗଲ ଓ ପତିତ ଜମି କୃଷି କ୍ଷେତ୍ରରେ ପରିଣତ ଯୋଗୁ ପ୍ରଦୂଷଣର ମାତ୍ରା ବୃଦ୍ଧି ଘଟିଚାଲିଛି।

ଗତ କିଛିଦିନ ଧରି ଜଳବାୟୁ ପରିବର୍ତ୍ତନ ବିଶ୍ୱ ସଂପ୍ରଦାୟକୁ ବିପଦଗ୍ରସ୍ତ କରି ରଖିଛି। ଏହା ପୂର୍ବରୁ କରୋନା ମହାମାରୀ ଯୋଗୁ ଦୀର୍ଘ ୬ ମାସ ଧରି ଜନତା ଏହାର କବଳରୁ ମୁକ୍ତି ପାଇପାରୁ ନାହାନ୍ତି। ୧୯୭୦ରୁ ୨୦୧୬ ମଧ୍ୟରେ ଲାଟିନ ଆମେରିକୀୟ ଅଞ୍ଚଳରେ ବନ୍ୟଜନ୍ତୁ ସଂଖ୍ୟା ହ୍ରାସ ପ୍ରାୟ ୯୪ ପ୍ରତିଶତ ଏବଂ ଏହାପରେ ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ୪୫ ପ୍ରତିଶତ ଘଟିଛି। ଭାରତରେ ଜନସଂଖ୍ୟା ଅଧିକ ଦୃଷ୍ଟିରୁ ବନ୍ୟ ଜନ୍ତୁ ହ୍ରାସ କିଛି କମ୍ ନୁହେଁ। ରିପୋର୍ଟ ଅନୁସାରେ ୧୨ ପ୍ରତିଶତ ବଣୁଆ ସ୍ତନ୍ୟପାୟୀ ଓ ୩ ପ୍ରତିଶତ ପକ୍ଷୀ ପ୍ରଜାତି ହ୍ରାସ ହେବାର ରିପୋର୍ଟରୁ ଜଣାପଡେ। କେବଳ ସେତିକି ନୁହେଁ ଆମ ଦେଶରେ ୩ ପ୍ରତିଶତ ଉଭୟଚର ପ୍ରାଣୀଙ୍କର ଅବସ୍ଥା ସଙ୍କଟାପନ୍ନ। ବିଶ୍ୱ ଜୀବ ପାଣ୍ଠିର ରିପୋର୍ଟ ଅନୁସାରେ ମଧୁର ଜଳରେ ସ୍ତନ୍ୟପାୟୀ ଜୀବ, ଚଢେଇ, ସରୀସୃପ, ମାଛ ସହ ଉଭୟଚର ପ୍ରାଣୀଙ୍କର ଅବସ୍ଥା ମଧ୍ୟ ଉଦ୍‌ବେଗଜନକ। ୧୯୭୦ରୁ ଏହି ଜୀବମାନଙ୍କର ସଂଖ୍ୟା ୪ ପ୍ରତିଶତ ହ୍ରାସ ପାଇବାରେ ଲାଗିଛି। ଅର୍ଥାତ ଉପରୋକ୍ତ ଅବକ୍ଷୟ ମନୁଷ୍ୟକୃତ ଏବଂ ଆମର କାର୍ଯ୍ୟକଳାପ ଯୋଗୁ ଜୀବଜଗତ ଉପରେ ଏହାର ବିଧ୍ୱଂସକାରୀ ପ୍ରଭାବ ପରିଲକ୍ଷିତ। ଜନସଂଖ୍ୟା ବୃଦ୍ଧି ଯୋଗୁ ଏହାର ଚାପ ସ୍ୱାଭାବିକ ଭାବେ ଜୀବଜଗତ ଓ ପ୍ରାକୃତିକ ପରିବେଶ ଉପରେ ପଡୁଛି। ଜଙ୍ଗଲ ଓ ବନ୍ୟଜନ୍ତୁ ଧ୍ୱଂସ ପାଇବା ସହ ମନୁଷ୍ୟର ଖାଦ୍ୟ, ବସ୍ତ୍ର ଓ ଗୃହର ଆବଶ୍ୟକତା ନିମନ୍ତେ ଜଙ୍ଗଲ କଟାଯିବା ସହ ଏହାକୁ ଚାଷ ଜମିରେ ପରିଣତ କରାଯାଉଛି। ଲୋକମାନେ ଏବେ ଜୀବନ ଓ ଜୀବିକା ନିମନ୍ତେ ସହରାଞ୍ଚଳ ଆଡକୁ ଆକର୍ଷିତ ହେବା ବେଳେ ସହରାଞ୍ଚଳ ବୃଦ୍ଧି ଯୋଗୁଁ ପାହାଡ ଓ ଗଛଲତା ନିଶ୍ଚିହ୍ନ ହେଉଛି। ଅଧିକନ୍ତୁ ଆମେ ମଣିଷମାନେ ୭୫ ପ୍ରତିଶତ ବରଫାବୃତ ଅଞ୍ଚଳକୁ ବଦଳାଇସାରିଛୁ। ଏଣୁ ବନ୍ୟପ୍ରାଣୀଙ୍କର ବସତି ଧ୍ୱଂସ ହେବା ସହ ସେମାନେ ଏବେ ଜନବସତି ମୁହାଁ। ଏଣୁ ଅନେକ ସମୟରେ ବନ୍ୟଜନ୍ତୁ ଯଥା ହାତୀମାନେ ଜନବସତିକୁ ପଶି ଆସି ଜୀବନ କ୍ଷୟକ୍ଷତି ଘଟାଇବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ନିଜର ବିକାଶକୁ ଅଗ୍ରାଧିକାର ପ୍ରଦାନ କରି ମଣିଷ ଜୀବଜନ୍ତୁଙ୍କର ଅଧିକାର ଭୁଲି ଯାଉଛି। ଆଗରୁ ଯେଉଁ ପଦ୍ଧତିରେ ଜଙ୍ଗଲ ଜଳାଯାଇ ମଣିଷ ନିଜର ସ୍ଥାୟୀ ବସବାସ ପାଇଁ ଜାଗା ସ୍ଥିର କରୁଥିଲା ଏବେ ତାହା ଭିନ୍ନ ଢଙ୍ଗରେ ଚାଲିଛି। ଫଳରେ ଜୀବଜନ୍ତୁଙ୍କର ପ୍ରାକୃତିକ ଆବାସ ସ୍ଥଳ ସଙ୍କୁଚିତ ହେବାରେ ଲାଗିଛି। ସେମାନଙ୍କୁ ସୀମିତ ଇଲାକା ଭିତରେ ରହିବାକୁ ପଡିବା ସହ ଖାଦ୍ୟ ଓ ପ୍ରକୃତିଗତ ଆବଶ୍ୟକତା ସୀମିତ ହେବା ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ସେମାନଙ୍କ ବଂଶ ନିଶ୍ଚିହ୍ନ ନିପାତ ହେବାରେ ଲାଗିଛି ଏବଂ କେତେକ ପ୍ରଜାତିର ଜୀବଜନ୍ତୁ ପୃଥିବୀ ପୃଷ୍ଠରୁ ବିଦାୟ ନେଲେଣି। ସମୁଦ୍ରରେ ଥିବା ମତ୍ସ୍ୟଗଡ଼ିକର ସଂଖ୍ୟା ସହ ଅନ୍ୟାନ୍ୟ ସାମୁଦ୍ରିକ ଜୀବମାନଙ୍କର ସଂଖ୍ୟା ମଧ୍ୟ ମାନବ ଜନସଂଖ୍ୟା ବୃଦ୍ଧି ଯୋଗୁ ହ୍ରାସ ପାଇବାରେ ଲାଗିଛି। ବୁଝିବା ଉଚିତ ଯେ ଉପଯୁକ୍ତ ସହାବସ୍ଥାନ ଯୋଗୁ ଆମେ ଦୀର୍ଘଜୀବୀ ହେବା ଏବଂ ଆମ ସମାଜ ସୁରକ୍ଷିତ ହେବା। ବିକାଶ ନାମରେ ଜୀବଜନ୍ତୁ ଲୋପ କରିବା ସହ ସେମାନଙ୍କୁ ଭକ୍ଷଣ କରିବା ଦ୍ୱାରା ସେମାନଙ୍କର ପଶୁଜନିତ ରୋଗ 'ଜୋନୋଟିକ' ଅଥବା ରୋଗାଣୁ ପ୍ରଭୃତି ସୃଷ୍ଟି ହେଉଛି, ଯାହା କରୋନା ଭଳି ମାରାତ୍ମକ ରୋଗ ଆମ ପାଇଁ ବିପଦ ସୃଷ୍ଟି କରୁଛି।

ବିଲୁପ୍ତ ହେବା ଜୀବଜନ୍ତୁମାନଙ୍କର ଅନ୍ୟତ୍ର ଚାଲାଣ ବ୍ୟବସାୟକୁ ବନ୍ଦ କରିବା ଜରୁରୀ। ଅନ୍ୟପକ୍ଷରେ କେବଳ ବାଘ ଭାଲୁ, ହାତୀ ଇତ୍ୟାଦି ପ୍ରାଧାନ୍ୟ ଥିବା ପ୍ରାଣୀମାନଙ୍କ ସଂରକ୍ଷଣ ନିମନ୍ତେ ସ୍ୱତନ୍ତ୍ର ଯୋଜନା ନ କରି ଛୋଟ ଛୋଟ ଜୀବ ଜନ୍ତୁ ମାନଙ୍କର ସଂରକ୍ଷଣ ମଧ୍ୟ ଜରୁରୀ। ଉଦାହରଣ ସ୍ୱରୂପ ଶାଗୁଣା , ବାୟା ଚଢେଇ ଠାରୁ ଆରମ୍ଭ କରି କଇଁଛ ଓ ବେଙ୍ଗ ଭଳି ଅନେକ ଜୀବଜନ୍ତୁ ଙ୍କର ବଂଶ ଲୋପ ପାଇବା ପ୍ରାକୃତିକ ଅସନ୍ତୁଳନର ଚିହ୍ନ ଯାହା ଆଜି ସମସ୍ତଙ୍କ ନିମନ୍ତେ ଉଦ୍‌ବେଗର ବିଷୟ। ସମସ୍ତ କୀଟ ପତଙ୍ଗ ଓ ପ୍ରାଣୀ ଜଗତ ବଞ୍ଚିଲେ ଆମେ ସୁରକ୍ଷିତ ରହିବା। ଏ ବିଶ୍ୱର ସୁରକ୍ଷା ନିମନ୍ତେ ସବୁ ଜୀବ ଜଗତ ବଞ୍ଚି ରହିବା ଜରୁରୀ। ଆମେ ସମସ୍ତେ ପରସ୍ପର ସହ ସମ୍ବନ୍ଧିତ ଏହା ଆମକୁ ଜାଣିବାକୁ ହେବ। କରୋନା ମହାମାରୀରୁ ଆମେ ଏ ପର୍ଯ୍ୟନ୍ତ କିଛି ଶିକ୍ଷା ପାଇଲୁ ନାହିଁ। ସୁତରାଂ ଆସନ୍ତୁ ଆମେ ସମସ୍ତେ ମିଶି ଏହି ଶତାବ୍ଦୀ ଶେଷସୁଧା ଚେଷ୍ଟା କରି ଜୈବମଣ୍ଡଳ ଓ ବନ୍ୟଜନ୍ତୁର କ୍ଷୟକ୍ଷତିକୁ ଓଲଟା ଦିଗରେ ପରିପୂରଣ କରିବାକୁ ପଦକ୍ଷେପ ଗ୍ରହଣ କରିବା। ଏହାଦ୍ୱାରା ଆମର ଭବିଷ୍ୟତ, ଜୀବନ ଓ ଜୀବିକା ସୁରକ୍ଷିତ କରିପାରିବା। ଏଥିନିମନ୍ତେ ଜଳାଶୟ ଓ ଜଳ ସମ୍ପଦ ତଥା ଜଙ୍ଗଲଗୁଡିକର ପୁନରୁଦ୍ଧାର ଜରୁରୀ। ଅର୍ଥାତ କ୍ଷୟ କ୍ଷତି ର ପରିପୂରଣ ନିଶ୍ଚିତ ଜରୁରୀ ✓ ଏଣୁ ଆସନ୍ତୁ ,ଆପଣ,ଆମେ ସମସ୍ତେ ମିଶି ଅବଗଣନା ଏବେଠାରୁ ଆରମ୍ଭ କରିବା ଏବଂ ବିହିତ ପଦକ୍ଷେପ ଗ୍ରହଣ ପୂର୍ବକ ବସୁନ୍ଧରାର ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ଚେଷ୍ଟା କରିବା।

ପାର୍ବତୀ ଭବନ,ବସୁନ୍ଧରା ଲେନ, ବିଡାନାସୀ,
କଟକ, ମୋ- ୭୦୦୮୩୫୦୪୭୭

# କସ୍ତୁରବା ଆଦର୍ଶ ପଞ୍ଚାୟତ ଚିହ୍ନଟ କେବେ



ବାଦଲ ଭୂୟାଁ

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଲାଗି ବର୍ଷେ ତଳେ ଯେତେ ସବୁ କାର୍ଯ୍ୟକ୍ରମ ଘୋଷିତ ହୋଇଥିଲା ସେଥିରୁ ଅଧିକାଂଶ ଏଯାବତ୍ ଆରମ୍ଭ ହୋଇନାହିଁ। ବିଶେଷକରି ରାଜ୍ୟର ପ୍ରତି ବ୍ଲକରେ ଗୋଟିଏ କରି ପଞ୍ଚାୟତକୁ କସ୍ତୁରବା ଆଦର୍ଶ ଗ୍ରାମପଞ୍ଚାୟତ ଭାବେ ଘୋଷଣା କରିବା ପାଇଁ ପ୍ରସ୍ତାବ ଥିବାବେଳେ ବର୍ଷକ ଭିତରେ ଏଥିଲାଗି ଗୋଟିଏ ହେଲେ ପଞ୍ଚାୟତ ଚିହ୍ନଟ ହୋଇନାହିଁ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦେଶ ମାତୃକାର ସେବା ପାଇଁ ଯେଉଁ ଶ୍ରେଷ୍ଠ ବଳୀଦାନ ଓ କର୍ତ୍ତବ୍ୟନିଷ୍ଠା ରଖିଛନ୍ତି ଏ କ୍ଷେତ୍ରରେ ପୂଜ୍ୟା କସ୍ତୁରବା ଗାନ୍ଧୀଙ୍କ ପ୍ରେରଣା ଓ ଉତ୍ସାହ ପ୍ରାତଃ ସ୍ମରଣୀୟ।

୨୦୧୮ ଅକ୍ଟୋବର ୨ରୁ ୨୦୨୦ ଅକ୍ଟୋବର ୨ ପର୍ଯ୍ୟନ୍ତ ଦୁଇ ବର୍ଷ ଏହି ପ୍ରତିପାଳନ ଲାଗି ରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ ହୋଇଥିଲା। ରାଜ୍ୟ କମିଟିରେ ବହୁ ମନ୍ତ୍ରୀ, ବିଧାୟକ, ସାଂସଦ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ବୁଦ୍ଧିଜୀବୀ ରହିଛନ୍ତି। ଏହି କମିଟିର ପ୍ରଥମ ବୈଠକ ୨୦୧୮ ସେପ୍ଟେମ୍ବର ୨୫ରେ ସଚିବାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ଅବସରରେ ୨୪ଟି ବିଭାଗ ମାଧ୍ୟମରେ ୪୮ଟି କାର୍ଯ୍ୟକ୍ରମ ରୂପାୟନ ପାଇଁ ଘୋଷଣା କରାଯାଇଥିଲା। ଏଥିରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଗ୍ରାମାଞ୍ଚଳରେ ମହାତ୍ମା ଗାନ୍ଧୀ ଅବସ୍ଥାପନ କରିଥିବା ବିଭିନ୍ନ ଗୃହ ଏବଂ ସ୍ୱାଧୀନତା ସଂଗ୍ରାମୀ ପୀଠର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ସହଯୋଗରେ କରିବ ବୋଲି ସୂଚନା ଦିଆଯାଇଥିଲା। ଏହାଛଡ଼ା ଓଡ଼ିଶାର ପ୍ରତି ବ୍ଲକରେ ଗୋଟିଏ ଲେଖାଏ ପଞ୍ଚାୟତକୁ କସ୍ତୁରବା ଆଦର୍ଶ ଗ୍ରାମ ପଞ୍ଚାୟତ ଭାବେ ଘୋଷଣା କରି ଏଠାରେ ଗାନ୍ଧିଜୀଙ୍କ ଆଦର୍ଶର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା, ଶତପ୍ରତିଶତ ମହିଳା ସାକ୍ଷରତା ହାର ହାସଲ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ବିକାଶ, ଗାଁ ପରିମଳ, ଗ୍ରାମ୍ୟ ବିବାଦର ଆପୋଷ ସମାଧାନ, ନିଶା ନିବାରଣ, କୁଟୀର ଶିଳ୍ପର ବିକାଶ, ସ୍ୱାବଲମ୍ବୀ ପରିବାର ଗଠନ ଆଦି ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଥିଲା। ଏ ସବୁ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରୁଥିବା ଗ୍ରାମପଞ୍ଚାୟତଗୁଡ଼ିକୁ ସରକାରଙ୍କ ତରଫରୁ ପୁରସ୍କାର ପ୍ରଦାନ କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ଇତିମଧ୍ୟରେ ବର୍ଷେ ଅତିବାହିତ ହୋଇଯାଇଥିଲେ ବି ରାଜ୍ୟର ୩୧୪ ବ୍ଲକରୁ କେଉଁ ବ୍ଲକରେ କେଉଁ ପଞ୍ଚାୟତକୁ କସ୍ତୁରବା ଆଦର୍ଶ ପଞ୍ଚାୟତ ଘୋଷଣା କରାଯିବ ତାହାର ଚିହ୍ନଟ ପର୍ବ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ସେହିପରି ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ ଗାନ୍ଧୀ ବିଚାର ଅଧ୍ୟୟନ କେନ୍ଦ୍ର ସ୍ଥାପନ ଏବଂ ଗାନ୍ଧୀ ପାଠଚକ୍ର ଆୟୋଜନ ଲାଗି ଥିବା ପ୍ରସ୍ତାବ ଏଯାବତ୍ କାର୍ଯ୍ୟକାରୀ ହୋଇନାହିଁ। ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଏସ୍‌ସିଏସ୍‌ଟି କଲ୍ୟାଣ ବିଭାଗ ପକ୍ଷରୁ ଗାନ୍ଧୀ ୧୫୦ ଲାଗି ବିଭିନ୍ନ ପ୍ରତିଯୋଗିତାମାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆରମ୍ଭ ହୋଇଛି। ସ୍ୱାଧୀନତା ସଂଗ୍ରାମର ଐତିହାସିକ ପାଠ ସମେତ ଗାନ୍ଧିଜୀ ଯେଉଁସବୁ ସ୍ଥାନରେ ଅବସ୍ଥାନ କରିଥିଲେ ଓ ପଦଯାତ୍ରାରେ ଯାଇଥିଲେ ସେଠାରେ ସ୍ମାରକୀ ନିର୍ମାଣ ସହ ପୂର୍ବ କୀର୍ତ୍ତିର ସଂରକ୍ଷଣ ପାଇଁ ଥିବା ପ୍ରସ୍ତାବ ବିଶେଷ ଆଗେଇନାହିଁ। ତେବେ ଗାନ୍ଧୀ ସର୍କିଟର ଭିତ୍ତିଭୂମି ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ଏବଂ ଯୁବ ସମାଜକୁ ଏହି ପ୍ରତିପାଳନ କାର୍ଯ୍ୟରେ ଯୋଡ଼ିବା ପାଇଁ କ୍ରୀଡ଼ା ଓ ଯୁବସେବା ବିଭାଗ କେତେଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଇତିମଧ୍ୟରେ ଗାନ୍ଧୀ ଫଟୋଚିତ୍ର ପ୍ରଦର୍ଶନୀ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିବା ବେଳେ ସଂସ୍କୃତି ବିଭାଗ ମଧ୍ୟ କେତେଗୁଡ଼ିଏ ସଭାସମିତି କରିଛନ୍ତି। ଗାନ୍ଧୀ ସାହିତ୍ୟ ପ୍ରକାଶ ଲାଗି ଥିବା ପ୍ରସ୍ତାବ ଅନୁଯାୟୀ ଓଡ଼ିଶା ସାହିତ୍ୟ ଏକାଡେମୀ ମାଧ୍ୟମରେ ୩ଟି ଗ୍ରନ୍ଥ ପ୍ରକାଶ ପାଇବାକୁ ଯାଉଥିବା ବେଳେ ଗାନ୍ଧୀ ରଚନାବଳୀର ପୁନଃମୁଦ୍ରଣ ପାଇଁ ଉତ୍କଳ ଗାନ୍ଧୀ ସ୍ମାରକ ନିଧିଙ୍କୁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ମୋଟାମୋଟି ଭାବେ ଚଳିତ ଆର୍ଥିକବର୍ଷ ପାଇଁ ୭କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସରକାର ବରାଦ କରିଥିବା ବେଳେ ଗତବର୍ଷ ଗ୍ରହଣ କରାଯାଇଥିବା ୪୮ଟି ପ୍ରସ୍ତାବ ମଧ୍ୟରୁ ଅର୍ଦ୍ଧାଧିକରେ କାମ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ସୂଚନାଥାଉ କି ଭାରତର ଗୁଜରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ ପରି ରାଜ୍ୟରେ ଏହି ପ୍ରକଳ୍ପ ସଫଳତାର ସହିତ କାର୍ଯ୍ୟ କରୁଥିବାବେଳେ ଓଡ଼ିଶା ସରକାର ଏଯାବତ୍ ଏହାକୁ ନିର୍ଣ୍ଣୟ ନେଇପାରିନାହାନ୍ତି। ଓଡ଼ିଶା ସରକାର ଅନେକ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ଭିତରେ ନିର୍ଣ୍ଣୟ ନେଇପାରୁଥିବାବେଳେ କସ୍ତୁରବାଙ୍କ ପ୍ରକଳ୍ପ ଏଯାବତ୍ ଚୂଡ଼ାନ୍ତ ହୋଇ ନ ପାରିବା ଗାନ୍ଧୀ ପ୍ରେମୀଙ୍କୁ ବ୍ୟଥିତ କରୁଛି।

ପୁରୁଣା ସୋନାରୀ, ଜାମସେଦପୁର
ମୋ -୭୫୮୮୯୯୮୫୩୨

## ଏଇ ଭାରତରେ

ଅଭାବୀ ଲୋକମାନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି ଅତୁଲ ଆଜମେରା। ରହୁଛନ୍ତି ମହାରାଷ୍ଟ୍ରର ଉସ୍ମାନାବାଦରେ, ସରକାରୀ ହସ୍ପିଟାଲ ନିକଟରେ। ପେସାରେ ବ୍ୟବସାୟୀ । କିନ୍ତୁ ପ୍ରତିଦିନ ହସ୍ପିଟାଲ ରୋଗୀଙ୍କ ସମ୍ପର୍କୀୟଙ୍କୁ ମାଗଣାରେ ଖାଦ୍ୟ ଦେଉଛନ୍ତି । ମରୁଡିପ୍ରବଣ ମରାଠାୱାଡାର ଗରିବମାନେ ବେଶି ଏହି ହସ୍ପିଟାଲକୁ ଆସନ୍ତି । ଅତୁଲ ପ୍ରତିଦିନ ୩୦୦ ଲୋକଙ୍କୁ ଖାଇବାକୁ ଦେଉଛନ୍ତି । ତାଙ୍କର ଏହି ଅଭିଯାନର ନାମ ହେଉଛି 'ଅନ୍ନପୂର୍ଣ୍ଣା' । ୩୦ ଜଣ ବ୍ୟକ୍ତି ମାସିକ ୧୦୦୦ ଟଙ୍କା ଅନୁଦାନ ଦେଇ ଏହାକୁ ଚଳାଇଛନ୍ତି । ଅନ୍ୟମାନେ ବି ଏଥିପାଇଁ ସାହାଯ୍ୟ ଯୋଗାଇ ଦେଉଛନ୍ତି । ଜନ୍ମଦିନ, ବିବାହ କିମ୍ବା ଶ୍ରାଦ୍ଧ ଦିବସରେ ଲୋକମାନେ ସ୍ୱତନ୍ତ୍ର ଭାବେ 'ଅନ୍ନପୂର୍ଣ୍ଣା'ରେ ଖାଦ୍ୟ ବ୍ୟବସ୍ଥା କରନ୍ତି । ଯେଉଁମାନେ ଅନୁଦାନ ଦେଉଛନ୍ତି, ସେମାନଙ୍କ ନାମ ଖାଇବା ସ୍ଥାନରେ ଘୋଷଣା କରାଯାଉଛି । ଅନ୍ନପୂର୍ଣ୍ଣାର ଫେସବୁକ ପେଜରେ ବି ସେମାନଙ୍କ ନାମ ଦର୍ଶାଯାଉଛି । ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ନପୂର୍ଣ୍ଣାକୁ ସହାୟତା କରୁଛି। ଯିଏ ଯେଉଁଦିନ ଖାଦ୍ୟର ଆୟୋଜନ କରୁଛନ୍ତି, ସେମାନେ ଦାନ କରିଥିବା ଆର୍ଥିକ ପରିମାଣ ମଧ୍ୟ ଘୋଷଣା କରାଯାଉଛି । ଅତୁଲ ଓ ତାଙ୍କର ୪ ସାଙ୍ଗ ଏହାକୁ ଆରମ୍ଭ କରିଥିଲେ । ଆରମ୍ଭରୁ ଏମାନେ ବହୁ କଷ୍ଟସ୍ୱୀକାର କରିଛନ୍ତି ଓ ଅନ୍ୟମାନେ ସେମାନଙ୍କ ସହ ସାମିଲ ହେବା ଯୋଗୁ ସହଜ ହୋଇପାରିଛି ବୋଲି କହନ୍ତି ଅତୁଲ । ଅନ୍ନପୂର୍ଣ୍ଣା ଆରମ୍ଭରୁ ଯେଭଳି ଖାଇବାକୁ ଦେଉଥିଲା ଏବେବି ସମାନ ପ୍ରକାର ଖାଦ୍ୟ ଦେଉଛି । ଖାଦ୍ୟର ପରିମାଣ ଓ ମାନ ସେମିତି ରଖାଯାଇଛି । ପ୍ରତିଦିନ ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଖାଦ୍ୟ ପରିବେଷଣ ଆରମ୍ଭ କରି ପାଣି ଯୋଗାଇବା ଆଦି କାର୍ଯ୍ୟରେ ସହଯୋଗ କରୁଛନ୍ତି ଅତୁଲଙ୍କୁ। ମେଡିକାଲଠାରୁ ମାତ୍ର ୧ ୦ ୦ ମିଟର ଦୂରରେ ସେ 'ଅନ୍ନପୂର୍ଣ୍ଣା'ର ବ୍ୟବସ୍ଥା କରିଛନ୍ତି । ଏଣୁ ଲୋକମାନେ ସେଠାରେ ସହଜରେ ପହଞ୍ଚି ଯାଇପାରନ୍ତି । ଲକଡାଉନ ସମୟରେ ସେମାନେ ଦୈନିକ ୭୦୦ ଲୋକଙ୍କୁ ଟିଫିନ୍ ଯୋଗାଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୯୫

- ସିମଳା ଜିଲାର ଆଭ୍ୟନ୍ତର କୋଟଖାଇ ନିକଟବର୍ତ୍ତୀ ଖାଲତୁ ନାଳଠାରେ ଏକ ବସ୍ କେନାଲକୁ ଖସିପଡ଼ିବା ଫଳରେ ୨୫ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତ୍ରୀ ସୁଜାତା ଆନନ୍ଦଙ୍କ ୪୬ ବର୍ଷ ବୟସରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | 5 | 4 | 6 | | | | | | 1 | | | 0 | D |
| | | | | | D | | 0 | | | | 5 | | | |
| | | | 8 | | 7 | 1 | | | | | | | 5 | |
| | 2 | 8 | | | 1 | | 3 | A | | 0 | 4 | | | 9 |
| D | 1 | | | 9 | B | | | 8 | | | | | 4 | |
| | | | | 4 | | 8 | | D | | | | | 1 | |
| | 4 | | A | | 0 | E | | 6 | 3 | | D | | | 7 |
| | | | 6 | | | | 7 | | 2 | | A | | | |
| | C | 7 | | | | | 2 | 0 | | | 1 | 9 | | E |
| 0 | D | 6 | | | E | A | | | | 9 | | | | 3 |
| 4 | | A | E | | C | 6 | | | | 5 | 3 | | D | |
| | | | | D | | C | | | | 6 | | 5 | | |
| | 3 | 0 | 5 | A | | | | | | | | | | |
| 1 | 5 | | | | | | 8 | | | | | | E | 4 |
| | E | | 1 | 8 | 4 | | | | 7 | C | 2 | | B | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 6 | 4 | 2 | 9 | 8 | 7 | A | C | E | 0 | 3 | 1 | D | 5 |
| 3 | A | 1 | 5 | D | 7 | B | 4 | 6 | 8 | 2 | 9 | 0 | C | E |
| C | E | 0 | 4 | A | 6 | D | 1 | 3 | B | 5 | 7 | 8 | 2 | 9 |
| D | 2 | 8 | 3 | E | C | 9 | 0 | 5 | 1 | A | 6 | 7 | B | 4 |
| 9 | 7 | 5 | B | 1 | 0 | 2 | 8 | E | D | 4 | C | 3 | 6 | A |
| 0 | D | 6 | C | 8 | 1 | E | 3 | 7 | 4 | 9 | 2 | 5 | A | B |
| 4 | 1 | B | 9 | 0 | 5 | 8 | C | 2 | 3 | 7 | A | D | E | 6 |
| 7 | 5 | A | E | 2 | B | 0 | 9 | D | 6 | C | 8 | 4 | 1 | 3 |
| E | 9 | 3 | 6 | 7 | A | 4 | 5 | 1 | 0 | B | D | C | 8 | 2 |
| 2 | 8 | C | D | 4 | 3 | 6 | B | A | 5 | 1 | E | 9 | 0 | 7 |
| 6 | 3 | 7 | 1 | C | D | A | E | 9 | 2 | 8 | 4 | B | 5 | 0 |
| 5 | B | E | 0 | 6 | 2 | 3 | 7 | 4 | C | D | 1 | A | 9 | 8 |
| 1 | 0 | 9 | A | B | 4 | C | 2 | 8 | 7 | E | 5 | 6 | 3 | D |
| 8 | C | 2 | 7 | 3 | 9 | 5 | D | B | A | 6 | 0 | E | 4 | 1 |
| A | 4 | D | 8 | 5 | E | 1 | 6 | 0 | 9 | 3 | B | 2 | 7 | C |

ଗତ କାଲିର ଉତ୍ତର

# ବଡ଼ମଣିଷ ନା ଭଲମଣିଷ



ଡ. ବାସୁଦେବ ମିଶ୍ର

ମଣିଷ ସମାଜରେ ଆଚରଣ ଦୃଷ୍ଟିରୁ ବଡ଼ମଣିଷ ଏବଂ ଭଲମଣିଷ ଏ ଦୁଇଟି ଶବ୍ଦ ମଧ୍ୟରେ ଅନେକ ସମୟରେ ପାର୍ଥକ୍ୟ ଦେଖାଯାଏ। ଏପରି ଦେଖାଯାଏ, ସେମାନେ ବଡ଼ମଣିଷ ହୋଇଥିଲେ ଭଲମଣିଷ ହୋଇ ନ ଥାନ୍ତି ଏବଂ ଭଲମଣିଷ ହୋଇଥିଲେ ହୁଏ ତ ବଡ଼ମଣିଷ ହୋଇପାରି ନ ଥାନ୍ତି। ବଡ଼ ଏବଂ ଭଲ ଏପରି ଶବ୍ଦଗୁଡ଼ିକ ଅଭିଧାନର ଗଣ୍ଡି ମଧ୍ୟରୁ ବାହାରିଆସି ସେମାନଙ୍କର ଅର୍ଥବିସ୍ତୃତି କରିଥିବା ଦେଖାଯାଏ। ଆମ ସମାଜରେ ବହୁତ ଧନର ଅଧିକାରୀ ହୋଇଥିବା ଅଥବା ଯେ କୌଣସି ଉପାୟ ଅବଲମ୍ବନ କରି ଅଧିକରୁ ଅଧିକ ଧନ, ପ୍ରତିଷ୍ଠା ଅର୍ଜନ କରିଥିବା ଲୋକଟି ବଡ଼ମଣିଷ ପଦବାଚ୍ୟ ହେବା ଦେଖାଯାଏ। ଯଦିଓ ପ୍ରକୃତରେ ବଡ଼ମଣିଷର ଅର୍ଥ ହେଲା-ସତ୍ୟ, ଧର୍ମ, ନ୍ୟାୟର ମାର୍ଗରେ ଥାଇ ଅନ୍ୟମାନଙ୍କର ସେବାରେ ନିଜକୁ ଉତ୍ସର୍ଗୀକୃତ କରିବା। ଶାସ୍ତ୍ର କହେ- 'ଧନାନି ଜୀବିତଂ ଚୈବ ପରାର୍ଥେ ପ୍ରାଜ୍ଞ ଉତ୍ସୃଜେତ୍। ସନ୍ନିମିତ୍ତେ ବରଂ ତ୍ୟାଗୋ ବିନାଶେ ନିୟତେ ସତି।' ଏହି କଥାଟିକୁ ମନେରଖି ଅବିରତ କର୍ମତତ୍ପର ରହିଥିବା ପ୍ରତ୍ୟେକ ମଣିଷ ବାସ୍ତବରେ ଜଣେ ବଡ଼ମଣିଷ ହେବା ସଙ୍ଗେ ସଙ୍ଗେ ଜଣେ ଭଲମଣିଷ ମଧ୍ୟ ହୋଇଥାଏ। ଜଣେ ବଡ଼ମଣିଷ ନିଶ୍ଚୟ ଜଣେ ଧନୀ, ମାନୀ ଅଥବା ଜ୍ଞାନୀ ହୋଇଥିବ, ଏପରି କିଛି କଥା ନାହିଁ। ମହାଭାରତର ପ୍ରସଙ୍ଗ। ମହାରାଜ ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞ ଅନୁଷ୍ଠିତ ହେବାବେଳର ଘଟଣା। ଗୋଟିଏ ନେଉଳ ଯଜ୍ଞଶାଳାରେ ଇତସ୍ତତଃ ବୁଲିବୁଲି ଧୂଳିରେ ଗଡ଼ିଯାଉଥିବା ଯୁଧିଷ୍ଠିରଙ୍କର ଦୃଷ୍ଟିକୁ ଆସିଲା। ବିସ୍ମୟର କଥା ଥିଲା ଯେ, ସେହି ନେଉଳଟିର ଶରୀରର ଅର୍ଦ୍ଧେକ ସୁବର୍ଣ୍ଣମୟ ଥିଲା। କଥାଟିର ରହସ୍ୟ କିଛି ବୁଝି ନ ପାରି ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ ଯୁଧିଷ୍ଠିର। ଉତ୍ତରରେ ଶ୍ରୀକୃଷ୍ଣ ସେହି ନେଉଳର ପୂର୍ବ ବୃତ୍ତାନ୍ତ ବର୍ଣ୍ଣନା କରି କହିଥିଲେ ମହାରାଜ ଯୁଧିଷ୍ଠିରଙ୍କୁ- ଚାରିଦିନ କ୍ଷୁଧାର୍ତ୍ତ ରହିବା ପରେ ଜଣେ ଦରିଦ୍ର ବ୍ରାହ୍ମଣ ନିଜ ପରିବାର ସଦସ୍ୟଙ୍କର ଭୋଜନ ନିମିତ୍ତ କିଛି ଛତୁଆ ଯୋଗାଡ଼ କରିପାରିଥିଲେ। ସମସ୍ତ ଚାରିଜଣ ସଦସ୍ୟଙ୍କ ମଧ୍ୟରେ ସମାନଭାବେ ସେହି ଛତୁଆକୁ ବାଣ୍ଟି ଦିଆଯାଇଥିଲା। ଭୋଜନ ଆରମ୍ଭ କରିବା ପୂର୍ବରୁ ଦ୍ୱାର ନିକଟରେ କେହି କ୍ଷୁଧାର୍ତ୍ତ କିଛି ଖାଦ୍ୟ ମାଗୁଥିବାର ଶୁଣି ବ୍ରାହ୍ମଣ ନିଜେ ନିଜ ପାଇଁ ଥିବା ଖାଦ୍ୟକୁ ସେହି କ୍ଷୁଧାର୍ତ୍ତକୁ ଦେଇଆସିଲେ। ସେତିକି ଖାଦ୍ୟ ଖାଇବା ପରେ ମଧ୍ୟ ଉକ୍ତ ଭିକ୍ଷୁ ତଥାପି କ୍ଷୁଧାର୍ତ୍ତ ବୋଲି କହିବାରୁ ତାଙ୍କ ପତ୍ନୀ ନିଜ ଖାଦ୍ୟ ତାଙ୍କୁ ଦେଇ ଆସିଲେ। ଭିକ୍ଷୁକଟି ତଥାପି କ୍ଷୁଧାର୍ତ୍ତ ବୋଲି କହିବାରୁ ତାଙ୍କର ପୁତ୍ର ଏବଂ ପୁତ୍ରବଧୂ କ୍ରମେ ନିଜନିଜର ଖାଦ୍ୟ ସେହି ଭିକ୍ଷୁଙ୍କୁ ପ୍ରଦାନ କଲେ। ଭିକ୍ଷୁ ନିଜର କ୍ଷୁଧା ଶାନ୍ତ କରି ଆନନ୍ଦମନରେ ସେଠାରୁ ବିଦାୟ ନେଲେ। ସେହି ସ୍ଥାନରେ ତଳେ ପଡ଼ିଯାଇଥିବା ଛତୁଆର କେତୋଟି ଦାନା ଏହି ନେଉଳଟି ଖାଇବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା। ଖାଇବା ପରେ ତା'ର ଶରୀରର ଅର୍ଦ୍ଧେକ ସ୍ୱର୍ଣ୍ଣମୟ ହୋଇଯାଇଥିଲା। ଅନ୍ୟ କେଉଁ ପବିତ୍ର କ୍ଷେତ୍ରରେ ତା' ଶରୀରର ବାକି ଅର୍ଦ୍ଧେକ ସ୍ୱର୍ଣ୍ଣମୟ ହୋଇପାରିବ, ସେହି ଉଦ୍ଦେଶ୍ୟ ନେଇ ସେ ପ୍ରତ୍ୟେକଟି ତୀର୍ଥସ୍ଥାନ ପରିଭ୍ରମଣ କରୁଅଛି। ମହାରାଜ ଯୁଧିଷ୍ଠିରଙ୍କର ଯଜ୍ଞସ୍ଥଳ ଯେ ନିଶ୍ଚୟ ଏକ ପବିତ୍ର କ୍ଷେତ୍ର, ଏହି ଜ୍ଞାନରେ ସେ ନିଜ ଶରୀରର ବାକି ଅଂଶକୁ ସ୍ୱର୍ଣ୍ଣମୟ କରିବା ଅଭିପ୍ରାୟରେ ଏଠାକୁ ଆସିଅଛି। ଯଜ୍ଞଶାଳାର ପ୍ରତ୍ୟେକ ପ୍ରାନ୍ତରେ ଭୂମି ଉପରେ ଗଡ଼ି ପରୀକ୍ଷା କରି ଦେଖୁଛି ତା'ର ଶରୀର ବାକି ଅଂଶତକ ସ୍ୱର୍ଣ୍ଣମୟ ହେଲା କି ନାହିଁ।

ଆଜିକାଲି ମାଆବାପାମାନେ ନିଜ ପିଲାମାନଙ୍କୁ ଗୋଟିଏ ଭଲମଣିଷର ରାସ୍ତା ଏବଂ ପାହାଚ ଦେଇ ବଡ଼ମଣିଷଟିଏ କରିବା ସପକ୍ଷରେ ଥିବା ଦେଖାଯାଏ ନାହିଁ। ନିଜ ପିଲାମାନଙ୍କୁ କଳେବଳେ କୌଶଳେ ପରୀକ୍ଷାଗୁଡ଼ିକରେ ଅଧିକରୁ ଅଧିକ ନମ୍ବର ରଖି ଉପରକୁ ଉପର ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ଥାନ ଅଧିକାର କରିବା ଏବଂ ଶେଷରେ ବର୍ଷକୁ ପଚିଶ ତିରିଶ ଲକ୍ଷ ଅଥବା ତହିଁରୁ ଅଧିକ ପ୍ୟାକେଜର ସହିତ କୌଣସି କମ୍ପାନୀକୁ ନିଜ ମୁଣ୍ଡ ବିକ୍ରି କରିଦେବାକୁ ବୁଝାଏ। ଏ କଥା ସତ ଯେ ଅଧିକରୁ ଅଧିକ ଟଙ୍କାର ମୋହରେ ତଥା ବହୁ ଦୂରରେ ଥିବା ମେଟ୍ରୋ ସିଟିରେ ଜୀବନ ବିତାଉଥିବା ପୁତ୍ର ନିଜ ମାତାପିତାଙ୍କର ବାର୍ଦ୍ଧକ୍ୟଜନିତ କଷ୍ଟକୁ ଦେଖିବା ତଥା ବୁଝିବାକୁ ସକ୍ଷମ ହୋଇପାରେ ନାହିଁ। ସତକଥା କହିବାକୁ ଗଲେ ସେ କେବଳ ନିଜେ ନିଜକୁ ଏବଂ ନିଜର ଟଙ୍କା ବ୍ୟତୀତ କାହାକୁ ମଧ୍ୟ ଚିହ୍ନିବା ସପକ୍ଷରେ ନ ଥାଏ। ଏ ଭିତରେ ସେ କେବଳ ତଥାକଥିତ ବଡ଼ମଣିଷଟିଏ ହୁଏତ ହୋଇ ସାରିଥାଏ, କିନ୍ତୁ ଜୀବନବ୍ୟାପୀ ଭଲମଣିଷଟିଏ ହୋଇପାରେ ନାହିଁ।

ଅଧୁନା ଗାଁରେ ରହୁଥିବା ବୃଦ୍ଧଙ୍କର ଦୁଇଟି ପୁଅଙ୍କ ମଧ୍ୟରୁ ଯେଉଁ ପୁଅଟି ପିଲାଦିନେ ଭଲ ପାଠ ପଢୁଥିଲା ଏବଂ ସମସ୍ତଙ୍କର ଆଦରର ଧନ ବୋଲି ପରିଗଣିତ ହେଉଥିଲା, ଯାହା ଉପରେ ମାଆବାପାଙ୍କଠାରୁ ଆରମ୍ଭ କରି ସାହିପଡ଼ିଶା, ଶିକ୍ଷୟିତ୍ରୀଶିକ୍ଷକ ଏବଂ ବନ୍ଧୁବାନ୍ଧବ ସମସ୍ତେ ଅଯାଚିତ ଆଶୀର୍ବାଦ ଅଜାଡି ଦେଉଥିଲେ ଏବଂ ଅନେକ ଆଶା ରଖିଥିଲେ, ସେ ବର୍ତ୍ତମାନ ବଡ଼ମଣିଷଟିଏ ହୋଇ ନିଜ ଘରଠାରୁ ବହୁ ଦୂରରେ ବଡ଼ ସହରରେ ବହୁତଳ ପ୍ରାସାଦଟିଏ ନିର୍ମାଣ କରି ବାସ କରୁଛି। ଗାଁ କଥା କେବେଠାରୁ ବୋଧହୁଏ ସେ ପାସୋରିଗଲାଣି। ସେଇଠି ମାଆବାପା ବୃଦ୍ଧା ବୃଦ୍ଧ ହୋଇଗଲେଣି, ସେକଥା ଅନ୍ତତଃ କେବେ ସ୍ମରଣରେ ଆଣିବା ପାଇଁ ତା'ର ସମୟ ନାହିଁ। ସାଙ୍ଗସାଥୀମାନେ କିପରି ଅଛନ୍ତି ସେ କଥା କେବେ ବି ତା'ର ମନେପଡ଼େ ନାହିଁ। ଆଉ ଯେଉଁ ପୁଅଟି ଭଲ ପାଠ ପଢୁ ନ ଥିଲା, ଥରେ ପରୀକ୍ଷାରେ କମ୍ ନମ୍ବର ରଖିଥିବାରୁ ଯିଏ ବାପାଙ୍କଠାରୁ ମାଡ଼ ଖାଇ ବେହୋସ ହୋଇଯାଇଥିଲା, ସ୍କୁଲର ଶିକ୍ଷକମାନେ କେବେ ଯାହାକୁ ଆଶୀର୍ବାଦ କରି ବଡ଼ମଣିଷଟିଏ ହୁଅ ବୋଲି କହି ନ ଥିଲେ, ବୃଦ୍ଧଙ୍କର ସେହି ପୁଅଟି ଅବଶ୍ୟ ବଡ଼ମଣିଷଟିଏ ହୋଇପାରି ନାହିଁ, କିନ୍ତୁ ନିଶ୍ଚିତରୂପେ ଭଲମଣିଷଟିଏ ହୋଇପାରିଛି ବୋଲି କହିହେବ। କାରଣ ଗାଁଠାରୁ ଅଳ୍ପ ଦୂରରେ ଥିବା ସହରରେ ଛୋଟ ଚାକିରିଟିଏ କରେ ସତ, କିନ୍ତୁ ତା' ସହିତ ବୃଦ୍ଧ ମାଆବାପାଙ୍କର କଥା ବୁଝେ, ତାଙ୍କର ସେବା କରେ, ଯତ୍ନ ନିଏ। ଗାଁରେ ଜମିବାଡ଼ି, ଚାଷବାସ କଥା ବୁଝେ। ଗାଁର ଅନ୍ୟଲୋକ ତଥା ସାଙ୍ଗସାଥୀଙ୍କ ସୁଖଦୁଃଖରେ ସାମିଲ ହୁଏ। ରାତିଅଧରେ କେହି ବିପଦରେ ପଡ଼ିଲେ ସେ ତା' ଦୁଆରେ ଯାଇ ଆଗ ଠିଆହୁଏ। ଗାଁର ବିଭିନ୍ନ ସାମୂହିକ ପର୍ବରେ ତା'ର ନାଁ ଆଗ ଡାକ ପଡ଼େ। ଦୁଃଖୀରଙ୍କୀଙ୍କର କଥା ବୁଝେ। ବନ୍ଧୁବାନ୍ଧବ ତା'ର ଅମାୟିକ ବ୍ୟବହାରରେ ପ୍ରୀତ ହୋଇ ତାକୁ ଆଶୀର୍ବାଦ କରନ୍ତି। ଆଜି ବୃଦ୍ଧାବସ୍ଥାରେ ମାତାପିତାଙ୍କର ଆଶୀର୍ବାଦର ହାତ ଅବିରତ ତା' ମୁଣ୍ଡ ଉପରେ ରହିଛି। ତେଣୁ ଆମ ବିଚାରରେ ତା' ଜୀବନକାଳ ଭିତରେ ସେ ବଡ଼ମଣିଷଟିଏ ହୋଇପାରିଛି କି ନାହିଁ ହୁଏତ କହିହେବ ନାହିଁ, କିନ୍ତୁ ଭଲମଣିଷଟିଏ ନିଶ୍ଚୟ ହୋଇପାରିଛି ବୋଲି ସମସ୍ତେ ଅନୁଭବ କରନ୍ତି।

ଦଶରଥପୁର, ଯାଜପୁର
ମୋ-୯୪୩୮୩୨୮୭୫୫

## ପାଠକ ଶ୍ରେଷ୍ଠ ବିଚାରକ

### ଜାପାନୀଙ୍କ ଆୟୁଷ ବୃଦ୍ଧିର ରହସ୍ୟ

ମହାଶୟ,

୨୦୧୯ର ଏକ ସର୍ଭେ ରିପୋର୍ଟ ଅନୁସାରେ ଭାରତୀୟଙ୍କ ହାରାହାରି ଆୟୁ ୬୯ ବର୍ଷ ଥିବା ବେଳେ ଜାପାନୀଙ୍କ ହାରାହାରି ଆୟୁ ୮୪ ବର୍ଷ ଥିଲା। ଜାପାନରେ ୬୫ ପ୍ରତିଶତରୁ ଅଧିକ ଲୋକ ୯୦ ବର୍ଷ ବଞ୍ଚନ୍ତି । ସେମାନଙ୍କ ମଧ୍ୟରୁ ମାତ୍ର ୨ ପ୍ରତିଶତରୁ କମ୍ ଲୋକ ମେଦବହୁଳତା ରୋଗରେ ଆକ୍ରାନ୍ତ ହୁଅନ୍ତି । ସେମାନେ ଦୀର୍ଘାୟୁ ହେବାର ପ୍ରମୁଖ କାରଣ ସେମାନଙ୍କର କଠୋର ପରିଶ୍ରମ, ଶୃଙ୍ଖଳିତ ଜୀବନ ଶୈଳୀ ଓ ଜଳ ଚିକିତ୍ସା । ସାଧାରଣ ଜୀବନରେ କଠୋର ପରିଶ୍ରମ, ସାଧୁତା ଓ ଅତିଥି ସତ୍କାର ସେମାନଙ୍କ ଜୀବନଶୈଳୀର ବିଶେଷତ୍ୱ । ପ୍ରତିଦିନ ସକାଳୁ ସେମାନେ ୪/୫ ଗ୍ଲାସ ନଖ ଉଷୁମ ପାଣି ପିଅନ୍ତି । ସେମାନେ କେବେହେଲେ ଥଣ୍ଡା ପାଣି ପିଅନ୍ତି ନାହିଁ। ଖାଦ୍ୟ ଖାଇବାର ୨ ଘଣ୍ଟା ପରେ ପାଣି ପିଅନ୍ତି । ସବୁବେଳେ ନଖ ଉଷୁମ ପାଣି ପିଅନ୍ତି । ଉଷୁମ ପାଣି ମଧୁମେହ ନିୟନ୍ତ୍ରଣ କରିବା ସହ ମେଦବହୁଳତା, କୋଲେଷ୍ଟେରଲ ଓ ଓଜନକୁ ନିୟନ୍ତ୍ରଣରେ ରଖେ । ଦେହରୁ ଟକସିନ ବାହାର କରିଦେବା ସହ ରକ୍ତ ସଞ୍ଚାଳନକୁ ସ୍ୱାଭାବିକ କରେ ଓ ହୃଦରୋଗର ଆଶଙ୍କା ଦୂର କରେ । ଜାପାନୀଙ୍କ ଉନ୍ନତ ଜୀବନଶୈଳୀ ଓ ଜଳ ଚିକିତ୍ସାରୁ ଭାରତୀୟମାନେ ଶିକ୍ଷାଲାଭ କରିବା ଉଚିତ ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖ ସାଗର ଦେଖ ଗୋ ନଦୀ
ପୂରୁବ ସ୍ନେହ ରହିଛି ଯଦି
ହତାଶ ଆଜି ତୃଷିତ କବି
ଭୁବନଗୋଟା ଶିରରେ ଲଦି।
-(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୦୫,୦୪,୬୬୯ | ୧୨,୫୯,୨୯୪ | ୩,୫୬,୬୮,୬୨୪ |
| ଭାରତ | ୮୫,୩୧,୪୨୦ | ୧,୨୬,୩୭୦ | ୭୮,୯୧,୯୯୧ |
| ଓଡ଼ିଶା | ୩,୦୧,୫୭୪ | ୧୪୨୫(+୫୩) | ୨,୮୮,୧୬୮ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଲୋକଙ୍କୁ ବେଖାତିର କରୁଛି ସାଗର ସିମେଣ୍ଟ

■ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା, ବାହାର ଲୋକ କାମ କରୁଛନ୍ତି
■ ପ୍ରଭାବିତ ଲୋକଙ୍କ ଆନ୍ଦୋଳନ ପାଇଁ ସଜବାଜ

ଯାଜପୁର ଅଫିସ/କଳିଙ୍ଗନଗର(ଡି.ଏନ.ଏ.),୮।୧୧

ରାଜ୍ୟ ସରକାରଙ୍କ ଦ୍ରୁତ ଶିଳ୍ପାୟନ ପ୍ରକ୍ରିୟାରେ ଯାଜପୁର ଜିଲା କଳିଙ୍ଗନଗରରେ ନବେ ଦଶକରୁ ବିପୁଳ ପରିମାଣର ସରକାରୀ ଓ ସାଧାରଣ ପ୍ରଜାଙ୍କ ଜମି ଅଧିଗ୍ରହଣ ହୋଇଛି। ଶାଗମାଛ ଦରରେ ଲୋକଙ୍କ ଜମି ନେଇ ଶିଳ୍ପପତିମାନଙ୍କୁ ହସ୍ତାନ୍ତର ହୋଇଛି। ଗତ ୫ ବର୍ଷ ହେଲା ଇଡ୍‌କୋ ଜରିଆରେ ସିମେଣ୍ଟ କମ୍ପାନୀଗୁଡ଼ିକ ଜମି ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଛନ୍ତି। ସେଥିରୁ ସାଗର ସିମେଣ୍ଟ ପୂର୍ବରୁ ଅନୁଷ୍ଠିତ ଜନଶୁଣାଣିରେ ଦେଇଥିବା ପ୍ରତିଶ୍ରୁତିକୁ ଭୁଲି ଯାଇଥିବାରୁ ଜମିହରାଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଉଗ୍ରରୂପ ନେଇଛି। ଆସନ୍ତା ୧୭ ତାରିଖ ସୁଦ୍ଧା ସମସ୍ୟାର ସମାଧାନ ନକଲେ ୧୮ ତାରିଖରୁ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ପ୍ରଭାବିତ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏହି ମର୍ମରେ ଅଞ୍ଚଳବାସୀ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଗତ ୬ ତାରିଖରେ ପ୍ରଦାନ କରିଛନ୍ତି।

କଳିଙ୍ଗନଗର ଶିଳ୍ପାଞ୍ଚଳରେ ସରକାରୀ ବ୍ୟବସ୍ଥାରେ ଅସହାୟ ଲୋକେ ମଧ୍ୟ ପ୍ରତିବାଦ ନ କରି କ୍ଷତିପୂରଣ ବାବଦକୁ ଯାହା ମିଳିଛି ତାହା ଗ୍ରହଣ କରିଛନ୍ତି। ଏହି ପ୍ରକ୍ରିୟାରେ ସରକାରୀ କଳ କେବେହେଲେ ଜମିର ମୂଲ୍ୟ ଆକଳନ ଓ କ୍ଷତିପୂରଣ ପରିମାଣ ଅନୁମୋଦନରେ ଲୋକଙ୍କ ପ୍ରତି ଅନ୍ୟାୟ ହେଉଛି କି ବୋଲି ଦୁଇଥର ଚିନ୍ତା କରିଥିବାର ନଜିର ନାହିଁ । ରାଜ୍ୟର ଅନ୍ୟ ଶିଳ୍ପାଞ୍ଚଳରେ ରୟତମାନେ ଜମିର କ୍ଷତିପୂରଣ ବାବଦକୁ ଏକର ପ୍ରତି ୧୦ଲକ୍ଷ ୮୨ହଜାର ଟଙ୍କା ପାଇଛନ୍ତି। ସମ୍ବଲପୁର ଜିଲାରେ ଏହାର ଉଦାହରଣ ରହିଛି। କିନ୍ତୁ କଳିଙ୍ଗନଗର ଶିଳ୍ପାଞ୍ଚଳର ଏକର ପିଛା ମାତ୍ର ଲକ୍ଷେ ଟଙ୍କା ପର୍ଯ୍ୟାୟକ୍ରମେ ମିଳିଛି। ତେଣୁ ଏକର ପିଛା ଆହୁରି ୪ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରାଶି ପ୍ରଦାନ କରିବାକୁ ବାସଚ୍ୟୁତ କମିଟି ଦାବି କରି ଆସୁଛି। ସାଗର ସିମେଣ୍ଟ ବାର୍ଷିକ ୧.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ୪୦୦ କୋଟି ଟଙ୍କାର ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ପ୍ରତିଷ୍ଠା ପ୍ରସ୍ତାବ ରଖିଛି। ପାରିପାର୍ଶ୍ୱିକ ଉନ୍ନତି ନିମନ୍ତେ ୨୦ କୋଟି ଟଙ୍କା ଅଟକଳ କରିଛି। ନିର୍ମାଣ ସମୟରେ ୨୫୦-୩୦୦ ଜଣ ନିଯୁକ୍ତି ପାଇବେ ଏବଂ ଉତ୍ପାଦନ ସମୟରେ ମାତ୍ର ୫୮ ଜଣ ନିଯୁକ୍ତିରେ ରହିବେ ବୋଲି କମ୍ପାନୀର ସାରାଂଶରେ ଦର୍ଶାଯାଇଛି। ଏଥିପାଇଁ ଇଡ୍‌କୋ ଜରିଆରେ ଟାଙ୍ଗରସାହି, ଅରାସାହି, କଚେରୀ ଗାଁ, ଗୋଲା ଗାଁ, ବାଲିଗୋଠ, ମାଣତିରା, ଡାକରାପଦା, ପଙ୍କପାଳ ଗ୍ରାମର ୨୬.୫୦ ଏକର ଜମି ଅଧିଗ୍ରହଣ କରାଯାଇଛି। ଜମିର ଉପଯୁକ୍ତ ମୂଲ୍ୟ ସାଙ୍ଗକୁ ନିଯୁକ୍ତି ଓ ଠିକାଦାରିରେ ସୁଯୋଗ ଦେବାକୁ କହି ଜନଶୁଣାଣିକୁ ସଫଳ କରାଯାଇଥିଲା। କିନ୍ତୁ ଦୀର୍ଘଦିନ ବିତିଯାଇଥିଲେ ସୁଦ୍ଧା ଜମିହରାଙ୍କ ଦାବି କମ୍ପାନୀ କର୍ତ୍ତୃପକ୍ଷ ଭୁଲି ଯାଇଛନ୍ତି। ଏପଟେ କମ୍ପାନୀ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ପ୍ରଭାବିତ ଲୋକ ସ୍ଥାନୀୟ ନିଯୁକ୍ତି ଦାବି କରି ଆସୁଛନ୍ତି। ଏହି କ୍ରମରେ ୨୬।୧୨।୨୦୧୯ରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ, କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଓ ସାଗର ସିମେଣ୍ଟ କର୍ତ୍ତୃପକ୍ଷ ଏବଂ ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଭାବିତ ଅଞ୍ଚଳବାସୀ ରାଜୁ କାଲୁଣ୍ଡିଆ, ହିମାଂଶୁ ଭୂଷଣ ପୃଷ୍ଟି, ଜିତେନ୍ଦ୍ର ବେହେରା ଓ ଧର୍ମୁ ଚାତାରଙ୍କୁ ନେଇ ଏକ କୋର କମିଟି ଗଠନ କରାଯାଇଥିଲା। ଏହି କୋର କମିଟି ସହ ଆଲୋଚନା କରାଯାଇ ଜମିହରାଙ୍କୁ କ୍ଷତିପୂରଣ ପ୍ରଦାନ, କାରଖାନାର ନିର୍ମାଣ କାର୍ଯ୍ୟରେ ନିଯୁକ୍ତି, ଉତ୍ପାଦନ ଆରମ୍ଭ ହେଲେ ନିଯୁକ୍ତି, ବସ୍ତିବାସିନ୍ଦାଙ୍କୁ ପିଇବା ପାଣି, ଠିକା କାର୍ଯ୍ୟ ପ୍ରଭୃତି କରାଯିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଜମିହରାଙ୍କୁ କ୍ଷତିପୂରଣ ପ୍ରଦାନ ବ୍ୟତୀତ ଅନ୍ୟ କୌଣସି ନିଷ୍ପତ୍ତି ଏଯାଏ କାର୍ଯ୍ୟକାରୀ ହୋଇ ନାହିଁ ବୋଲି ବାବୁନି ରାଜ, ପିନୁ ସାମଲ ପ୍ରମୁଖ ପ୍ରଭାବିତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

## ବିମୁଦ୍ରୀକରଣକୁ ୪ ବର୍ଷ ବିଶ୍ୱାସଘାତକ ଦିବସ କହିଲା କଂଗ୍ରେସ

ଭୁବନେଶ୍ୱର, ୮।୧୧(ବ୍ୟୁରୋ): ଚାରିବର୍ଷ ତଳେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତାଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଘୋଷଣା କରିଥିଲେ। ୫ ଶହ ଓ ହଜାରେ ଟଙ୍କିଆ ନୋଟକୁ ସମ୍ପୂର୍ଣ୍ଣଭାବେ ଅଚଳ କରିଦେଇଥିଲେ। ଏହାର କୁପରିଣାମ ସ୍ୱରୂପ ଦେଶର ଅର୍ଥବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଲା। ଏଭଳି ଅପରିଣାମଦର୍ଶୀ ନିଷ୍ପତ୍ତିକୁ ସମାଲୋଚନା କରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବିମୁଦ୍ରୀକରଣକୁ ବିଶ୍ୱାସଘାତକ ଦିବସରୂପେ ଅଭିହିତ କରିଛନ୍ତି। କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନରସିଂହ କହିଛନ୍ତି, ଯେଉଁ ଉଦ୍ଦେଶ୍ୟ ରଖି ପ୍ରଧାନମନ୍ତ୍ରୀ ବିମୁଦ୍ରୀକରଣ ଘୋଷଣା କରିଥିଲେ ତାହା ସାଧନ ହେଲା ନାହିଁ। କିନ୍ତୁ ଦେଶର ଅର୍ଥବ୍ୟବସ୍ଥା କ୍ରମାଗତଭାବେ ବିଗତ ୪ବର୍ଷରେ ସମ୍ପୂର୍ଣ୍ଣ ଧୂଳିସାତ ହେଲା। ୨୦୧୪ରେ ଦେଶର ଜିଡିପି ୮% ଥିଲା। ପରବର୍ତ୍ତୀ ଅବସ୍ଥାରେ ଏହା କ୍ରମାଗତ ହ୍ରାସପାଇ ୨୦୧୯ ମାର୍ଚ୍ଚରେ ୩%କୁ ଚାଲିଆସିଥିଲା। ବର୍ତ୍ତମାନ ଏହା ବିଯୁକ୍ତ ୨୩%ରେ ପହଞ୍ଚିଲାଣି। ବିମୁଦ୍ରୀକରଣ ଘୋଷଣା ସମୟରେ କଳାଧନ ଉପରେ ରୋକ ଲାଗିବ, ଜାଲିନୋଟ କାରବାର ବନ୍ଦ ହେବ, ଆତଙ୍କବାଦୀ ଓ ମାଓବାଦୀ କାର୍ଯ୍ୟକଳାପ ଲୋପ ହେବ ବୋଲି କହିଛନ୍ତି। ଏ ସମସ୍ତ କଥା କେବଳ ଘୋଷଣାରେ ହିଁ ରହିଯାଇଛି। ବାସ୍ତବରେ ବିମୁଦ୍ରୀକରଣ ପରବର୍ତ୍ତୀ ଅବସ୍ଥାରେ କଳାଧନ ଓ ଜାଲିନୋଟ କାରବାର ବନ୍ଦ ହେବା ପରିବର୍ତ୍ତେ ବଢ଼ିଛି। ବିମୁଦ୍ରୀକରଣ ସମୟକୁ ଦେଶରେ ଚଳନ୍ତି ୫ ଶହ ଓ ହଜାରେ ଟଙ୍କିଆ ନୋଟ ଯାହାର ପରିମାଣ ୧୫ ଲକ୍ଷ ୪୪ ହଜାର କୋଟି ଟଙ୍କା ଥିଲା ସେଥିରୁ ୯୯.୩ ପ୍ରତିଶତ ଅର୍ଥାତ୍ ୧୫ ଲକ୍ଷ ୩୩ ହଜାର କୋଟି ଟଙ୍କା ରିଜର୍ଭ ବ୍ୟାଙ୍କକୁ ଫେରିଆସିଥିଲା। ମାତ୍ର ୧୧ ହଜାର କୋଟି ଟଙ୍କା ବ୍ୟାଙ୍କ ବ୍ୟବସ୍ଥାକୁ ଫେରି ନ ଥିଲା। କିନ୍ତୁ ନୂଆ ନୋଟ ଛାପିବା ଏବଂ ବିମୁଦ୍ରୀକରଣ ପରବର୍ତ୍ତୀ ପଦକ୍ଷେପ ନେବାରେ ରିଜର୍ଭ ବ୍ୟାଙ୍କ ୨୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବିମୁଦ୍ରୀକରଣ ଯୋଗୁ ଦେଶରେ ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକ ଭୟଙ୍କର ଭାବେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେଲେ। ମୋଦି ସରକାରଙ୍କ ଏଭଳି ନିଷ୍ପତ୍ତି କେବଳ ପୁଞ୍ଜିପତି ଓ କର୍ପୋରେଟ ଜଗତକୁ ଖୁସି କରିବା ତଥା ନିର୍ବାଚନ ଜିତିବାର ଏକ ସରଳ ଉପାୟ ବୋଲି ନରସିଂହ କହିଛନ୍ତି। ଏହି ଅବସରରେ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କେନ୍ଦ୍ର ଉପରେ ପ୍ରବଳ ବର୍ଷିଛନ୍ତି।

## ପିସିସି ଆଇନଜୀବୀ ପ୍ରକୋଷ୍ଠର ଅଧ୍ୟକ୍ଷ ହେଲେ ସୁରେନ୍ଦ୍ର

ଭୁବନେଶ୍ୱର, ୮।୧୧(ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି (ପିସିସି) ଆଇନଜୀବୀ ପ୍ରକୋଷ୍ଠର ନୂତନ ଅଧ୍ୟକ୍ଷ ଭାବେ ହାଇକୋର୍ଟ ବରିଷ୍ଠ ଓକିଲ ସୁରେନ୍ଦ୍ର ନାଥ କରଙ୍କୁ ନିଯୁକ୍ତି ମିଳିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ଏଆଇସିସି ଆଇନ ପ୍ରକୋଷ୍ଠର ଅଧ୍ୟକ୍ଷ ତଥା ରାଜ୍ୟ ସଭା ସଦସ୍ୟ ବିବେକ ଟାଙ୍ଖା ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। କଂଗ୍ରେସ ସହିତ ଜଡ଼ିତ ଥିବା ସୁରେନ୍ଦ୍ର ପିସିସି ଆଇନ ବିଭାଗକୁ ସୁସଙ୍ଗଠିତ କରିବା ସହିତ ଦଳକୁ କିପରି ମଜଭୁତ ଓ କ୍ରିୟାଶୀଳ କରାଯାଇ ପାରିବ ସେଥିପାଇଁ ସେ କାର୍ଯ୍ୟକରିବେ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

## ୧୫,୨୮୪ ପିଲା କରୋନା ସଂକ୍ରମିତ

ରାଜ୍ୟରେ ଆଉ ୧୪୩୪ ଚିହ୍ନଟ, ୧୫ ମୃତ

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଛି। କେବଳ ଖୋର୍ଦ୍ଧା ଓ କଟକକୁ ଛାଡ଼ି ଦେଲେ ଅନ୍ୟସବୁ ଜିଲାରେ ଦୈନିକ ସଂକ୍ରମଣ ଶହେ ତଳକୁ ରହିଛି। ଏଯାବତ୍ ୪୯,୩୯,୩୯୦ ନମୁନା ପରୀକ୍ଷା ହୋଇଥିବାବେଳେ ୬.୧୧% କରୋନା ପଜିଟିଭ୍ ବାହାରିଛି। ଶେଷ ୨୪ ଘଣ୍ଟାରେ ପରୀକ୍ଷଣ ହୋଇଥିବା ୫୦,୮୧୧ ନମୁନାରୁ ୧,୪୩୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ସଂକ୍ରମଣ ୩,୦୧,୫୭୪ରେ ପହଞ୍ଚିଛି। ଏଥିମଧ୍ୟରେ ୧୫,୨୮୪ ପିଲା ରହିଛନ୍ତି। ଯେଉଁମାନଙ୍କ ବୟସ '୦'ରୁ ୧୪ବର୍ଷ ମଧ୍ୟରେ ରହିଛି। ସେହିପରି ୧୫ରୁ ୪୦ବର୍ଷ ବୟସରେ ସର୍ବାଧିକ ୧,୫୫,୬୨୩ଜଣ ଥିବାବେଳେ ୪୧ରୁ ୬୦ ବର୍ଷ ମଧ୍ୟରେ ସର୍ବାଧିକ ୯୮,୪୪୮ଜଣ ରହିଛନ୍ତି ଓ ୩୨,୨୧୯ଜଣ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି କରୋନାରେ ସଂକ୍ରମିତ ହୋଇଥିବା ରାଜ୍ୟ ସରକାରଙ୍କ କୋଭିଡ୍ ଡ୍ୟାସ୍‌ବୋର୍ଡରୁ ଜଣାପଡ଼ିଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୮୩୩ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ବାହାରିଥିବାବେଳେ ୬୦୧ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଖୋର୍ଦ୍ଧାରୁ ସର୍ବାଧିକ ୧୪୪ଜଣ ଥିବାବେଳେ କଟକରୁ ୧୪୧ ଓ ଦେବଗଡ଼ରେ ସର୍ବନିମ୍ନ ୫ଜଣ ଚିହ୍ନଟ ହୋଇଛନ୍ତି। ଅପରପକ୍ଷରେ ରାଜ୍ୟରେ ପୁଣି ୧୫ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ସମ୍ବଲପୁର, ଖୋର୍ଦ୍ଧାରୁ ୩ଜଣ ଥିବାବେଳେ ବଲାଙ୍ଗୀର ଓ ବରଗଡ଼ରୁ ୨ଜଣ ଲେଖାଏ, ସୁନ୍ଦରଗଡ଼, ଗଞ୍ଜାମ, ଝାରସୁଗୁଡ଼ା, କଟକ ଓ ଦେବଗଡ଼ରୁ ଜଣେ ଲେଖାଏ ରହିଛନ୍ତି।



## ନମିତା ପାଇବେ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି)

ଚଳିତ ବର୍ଷର ଏକଲବ୍ୟ ପୁରସ୍କାର ପାଇବେ ଅନ୍ତର୍ଜାତୀୟ ମହିଳା ହକି ଖେଳାଳି ନମିତା ଟପ୍ପୋ। ଏହା ବ୍ୟତୀତ ଅନ୍ତର୍ଜାତୀୟ ଭାରୋତ୍ତୋଳନକାରୀ ସ୍ନେହା ସୋରେନ ଓ ବ୍ୟାଡ୍‌ମିଣ୍ଟନ ଖେଳାଳି ରତ୍ନପର୍ଣ୍ଣା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ରବିବାର ଅନୁଷ୍ଠିତ ଏକଲବ୍ୟ ପୁରସ୍କାର ଜୁରୀ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ପୁରସ୍କାର ଆକାରରେ ନମିତାଙ୍କୁ ମାନପତ୍ର ସହ ୫ ଲକ୍ଷ ଟଙ୍କା ଏବଂ ଦୁଇ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ୫୦,୦୦୦ଟଙ୍କା ଲେଖାଏ ପ୍ରଦାନ କରାଯିବ। ପ୍ରକାଶ ଯୋଗ୍ୟ ଯେ, ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ଦ୍ୱାରା ପରିଚାଳିତ 'ଇଣ୍ଡିଆନ ମେଟାଲ୍ସ ଚାରିଟେବଲ ଟ୍ରଷ୍ଟ(ଇମ୍ପାକ୍ଟ) ଦ୍ୱାରା ୧୯୯୩ ମସିହାରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। କ୍ରୀଡ଼ା କ୍ଷେତ୍ରରେ ବିଗତ ଦୁଇ ବର୍ଷର ପ୍ରଦର୍ଶନ ଆଧାରରେ ଯୁବ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। କୋଭିଡ କଟକଣା ମଧ୍ୟରେ ଏଥର ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। "ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍ ମାନଙ୍କୁ ଉତ୍ସାହିତ କରିବା ଏହି ପୁରସ୍କାରର ମୂଳ ଲକ୍ଷ୍ୟ। ଫଳରେ ସେମାନେ ଉନ୍ନତ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ରାଜ୍ୟ ତଥା ଦେଶପାଇଁ ସୁନାମ ଅର୍ଜନ କରିପାରିବେ" ବୋଲି ପୁରସ୍କାର ବିଜେତାଙ୍କ ନାମ ଘୋଷଣା ଅବସରରେ ପ୍ରକାଶ କରିଛନ୍ତି ଇମ୍ପାକ୍ଟର ଟ୍ରଷ୍ଟି ତଥା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା। ୧୯୯୫ ଜୁନ୍ ୪ରେ ସୁନ୍ଦରଗଡ଼ରେ ଜନ୍ମିତ ନମିତା ୨୦୦୭ରେ ଜାତୀୟ ଏବଂ ୨୦୧୨ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଇତିମଧ୍ୟରେ ୧୫୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଥିବା ଏହି ଦକ୍ଷ ମିଡ୍‌ଫିଲ୍ଡର ୨୦୧୪ ଏସିଆନ ଗେମ୍ସରେ ବ୍ରୋଞ୍ଜ, ୨୦୧୭ ଏସିଆନ୍ କପ୍‌ରେ ସ୍ୱର୍ଣ୍ଣ ଏବଂ ୨୦୧୮ ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ।

## ବାଇଡେନ୍, କମଲାଙ୍କୁ ନବୀନଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

ଆମେରିକାର ୪୬ତମ ରାଷ୍ଟ୍ରପତି ଭାବେ ଜୋ ବାଇଡେନ୍ ଏବଂ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ଭାରତୀୟ ବଂଶୋଦ୍ଭବ କମଲା ହାରିସ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଉଭୟଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତ ଏବଂ ଆମେରିକା ମଧ୍ୟରେ ବନ୍ଧୁତା ବଢ଼ିବା ସହ ଶକ୍ତିଶାଳୀ ହେବ ବୋଲି ନବୀନ ଆଶା ପୋଷଣ କରିଛନ୍ତି। ବିଶ୍ୱର ଦୁଇ ବଡ଼ ଗଣତାନ୍ତ୍ରିକ ଦେଶ ଏକାଠି କାମ କରି ଦୁନିଆକୁ ଭଲରେ ରଖିପାରିବେ ବୋଲି ସେ କହିଛନ୍ତି।

## ଆଇ-କୋର୍ ଏମ୍‌ଡି ଅନୁକୁଳ ମାଇତିଙ୍କ ମୃତ୍ୟୁ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ଚିଟ୍‌ଫଣ୍ଡ ଠକେଇ ମାମଲାରେ ଝାରପଡ଼ା ଜେଲରେ ଥିବା ଆଇ-କୋର୍ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଅନୁକୁଳ ମାଇତିଙ୍କ (୫୫) ରବିବାର ମୃତ୍ୟୁ ହୋଇଛି। ଜେଲରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ସକାଳେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜେଲ ପକ୍ଷରୁ ଜଣାପଡ଼ିଛି।

**ଚିଟ୍‌ଫଣ୍ଡ ଠକେଇ ମାମଲାରେ ଝାରପଡ଼ା ଜେଲରେ ଥିଲେ**

୨୦୦୭ରେ ପଶ୍ଚିମବଙ୍ଗରେ ଆଇ-କୋର-ଇ-ସର୍ଭିସେସ୍ ଲିମିଟେଡ୍ ନାମକ କମ୍ପାନୀ ପ୍ରତିଷ୍ଠା ହୋଇଥିଲା। ପରେ ୧୨ ରାଜ୍ୟରେ ଏହାର ଶାଖା ଖୋଲିଥିଲା। କୋଲକାତାର ବାସିନ୍ଦା ଅନୁକୁଳ ଓ ତାଙ୍କ ସ୍ତ୍ରୀ କନିକା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଥିଲେ। ଜମାକାରୀଙ୍କୁ ବର୍ଷକରେ ଦୁଇଗୁଣା କରିବାର ଲୋଭ ଦେଖାଇ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ବିପୁଳ ଅର୍ଥ ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ଜମାକରୀଙ୍କୁ ଟଙ୍କା ଫେରସ୍ତ କରିବା ବଦଳରେ ସଂସ୍ଥା ବନ୍ଦ ହୋଇଯାଇଥିଲା। ଠକେଇ ଅଭିଯୋଗ ପରେ ୨୦୧୭ରେ ସିବିଆଇ ଉଭୟଙ୍କୁ ଗିରଫ କରିବା ପରେ ଉଭୟେ ଝାରପଡ଼ା ଜେଲରେ ଥିଲେ। ସେହିବର୍ଷ ସ୍ତ୍ରୀ କନିକାଙ୍କ ଜାମିନ ମଞ୍ଜୁର ହୋଇଥିବାବେଳେ ଅନୁକୁଳଙ୍କୁ ଜାମିନ ମିଳି ନ ଥିଲା।

## ମାସ୍କ ପିନ୍ଧି ନ ଥିବାରୁ ଉଠ୍‌ବସ୍

ଭିଡିଓ ଭାଇରାଲ ପରେ ତଦନ୍ତ ନିର୍ଦ୍ଦେଶ

ବଇଣ୍ଡା, ୮।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ କଲେଜ ଛକରେ ଶନିବାର ପ୍ରଶାସନ ପକ୍ଷରୁ ଯାଞ୍ଚ ବେଳେ ମାସ୍କ ପିନ୍ଧି ନ ଥିବା ଦୁଇଜଣ ବ୍ୟକ୍ତି ଉଠ୍‌ବସ୍ ହେଉଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଘଟଣା ଜିଲା ପ୍ରଶାସନ ନଜରକୁ ଆସିବା ପରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହାର ତଦନ୍ତ ପାଇଁ ଆଠମଲ୍ଲିକ ଉପଜିଲାପାଳଙ୍କୁ ରବିବାର ନିର୍ଦ୍ଦେଶ ଦେଇଛନ୍ତି।

ଘଟଣାରୁ ଜଣାପଡ଼ିଛି, କିଶୋରନଗର ତହସିଲଦାର ଓ ପୋଲିସ ଉପସ୍ଥିତିରେ ଅପରାହ୍ନରେ ମାସ୍କ ଯାଞ୍ଚ କରାଯାଉଥିଲା। ସେହି ସମୟରେ ରାସ୍ତାରେ ଚାଲିକରି ଯାଉଥିବା ୨ ଜଣ ସ୍ଥାନୀୟ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଆଦୌ ମାସ୍କ ପିନ୍ଧି ନ ଥିବାବେଳେ ଅନ୍ୟ ଜଣେ ଠିକ୍ ଭାବେ ମାସ୍କ ପରିଧାନ କରି ନ ଥିଲେ। ଫଳରେ ଉଭୟଙ୍କୁ ୫ ଶହ ଟଙ୍କା ଲେଖାଏ ଜରିମାନା ଦେବାକୁ ତହସିଲଦାର କହିଥିଲେ। କିନ୍ତୁ ଟଙ୍କା ନ ଥିବା କହି ଦୁଇବ୍ୟକ୍ତି କାନ ଧରି ଉଠବସ୍ ହୋଇଥିଲେ। ନିକଟସ୍ଥ ଏକ ଘରେ ଲାଗିଥିବା ସିସିଟିଭି କ୍ୟାମେରାରେ ଏହି ଦୃଶ୍ୟ ରେକର୍ଡ ହୋଇଥିଲା। ପରେ ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଥିଲା। ଏ ସମ୍ପର୍କରେ ତହସିଲଦାର ଲକ୍ଷ୍ମୀପ୍ରସାଦ ସାହୁ କହିଛନ୍ତି, କଲେଜ ଛକଠାରେ ଯାଞ୍ଚ ବେଳେ ସମ୍ପୃକ୍ତ ଦୁଇ ବ୍ୟକ୍ତି ମଦ୍ୟପାନ ସହ ମାସ୍କ ନ ପିନ୍ଧି ଆସୁଥିଲେ। ମାସ୍କ କାହିଁକି ପିନ୍ଧି ନାହାନ୍ତି ବୋଲି ପଚାରିବାରୁ ଉଭୟେ ଆଗାମୀ ଦିନରେ ମାସ୍କ ପିନ୍ଧିବେ ବୋଲି କହିବା ସହ ସେଠାରେ ଉଠ୍‌ବସ୍ ହୋଇଥିଲେ। କିନ୍ତୁ ଏପରି ଉଠ୍‌ବସ୍ ହେବାକୁ ସେ କହି ନ ଥିବା ତହସିଲଦାର ପ୍ରକାଶ କରିଛନ୍ତି।

## ସିଡିଏସ୍‌ରେ ଓଡ଼ିଆ ଝିଅ ଅଦିତି ଟପ୍ପର



ଭୁବନେଶ୍ୱର, ୮।୧୧(ବ୍ୟୁରୋ)

ସଂଯୁକ୍ତ ପ୍ରତିରକ୍ଷା ସେବା (ସିଡିଏସ୍)-୨ ପରୀକ୍ଷା (ମହିଳା)ରେ ଓଡ଼ିଆ ଝିଅ ଅଦିତି ପରିଡ଼ା ଟପ୍ପର ହୋଇଛନ୍ତି। ଏଭଳି ସଫଳତା ହାସଲ କରିବାପରେ ଅଦିତି ହେଉଛନ୍ତି ଓଡ଼ିଶାର ପ୍ରଥମ ମହିଳା। ତାଙ୍କ ଘର ଢେଙ୍କାନାଳ ଜିଲାର ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ନାଧରା ଗାଁରେ। ସେ ଭାରତୀୟ ସ୍ଥଳ ସେନା ବାହିନୀର ବ୍ରିଗେଡିୟର ଭୂଦେବ ପରିଡ଼ାଙ୍କ ଝିଅ। ଅଦିତି ଚଳିତବର୍ଷ ପୁଣେର ସିମ୍ବୋସିସ କଲେଜରୁ ସାମ୍ବାଦିକତାରେ ସ୍ନାତକ ହାସଲ କରିଥିବାବେଳେ ୨୦୧୭-୨୦୨୦ ବ୍ୟାଚ୍‌ରେ ଟପ୍ପର ହୋଇଛନ୍ତି। ସେ ଜଣେ ଭଲ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ। ସେ ଓଡ଼ିଶୀ ଓ ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରନ୍ତି। ନିଜ ସଫଳତାକୁ ନେଇ ଅଦିତି କହିଛନ୍ତି ଯେ, ମୁଁ ପିଲାଦିନରୁ ଭାରତୀୟ ସେନାରେ ଯୋଗଦେବାକୁ ଉତ୍ସାହିତ ଥିଲି। ମୋର ବାପା ଜଣେ ବ୍ରିଗେଡିୟର ଭାବରେ କାର୍ଯ୍ୟ କରୁଥିବାରୁ ମୁଁ ଏକ ସେନା ବାତାବରଣରେ ଜନ୍ମ ହୋଇଥିଲି। ଭାରତ ମାତାର ସେବା କରିବା ମୋ ଜୀବନର ଏକ ସ୍ୱପ୍ନ ବୋଲି ସେ କହିଛନ୍ତି।

## ୧୦ ଡିଗ୍ରୀ ତଳେ ପାରଦ

କମୁଛି ତାପମାତ୍ରା, ବଢୁଛି ଥଣ୍ଡା

■ ସୋନପୁର ସବୁଠୁ ଥଣ୍ଡା ସହର
■ ୧୮ ଡିଗ୍ରୀକୁ ଖସିଲା ଭୁବନେଶ୍ୱର

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

ରାଜ୍ୟରେ ପାରଦ ଧୀରେ ଧୀରେ ଖସିବାରେ ଲାଗିଛି। ତାପମାତ୍ରା କମୁଥିବାରୁ ଥଣ୍ଡା ବଢୁଛି। ସନ୍ଧ୍ୟା ଅପେକ୍ଷା ସକାଳେ ଅଧିକ ଶୀତ ଅନୁଭୂତ ହେଉଛି। ରବିବାର ରାଜ୍ୟର ୧୧ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀଠାରୁ କମ୍ ରହିଛି। ସର୍ବନିମ୍ନ ୯.୬ ଡିଗ୍ରୀ ତାପମାତ୍ରା ସହିତ ସୋନପୁର ସବୁଠୁ ଥଣ୍ଡା ସହର ପାଲଟିଛି। ଗତ କିଛିଦିନ ହେବ ଏହି ସହରରେ ତାପମାତ୍ରା ସବୁଠୁ କମ୍ ରହୁଛି। ଅନ୍ୟ ୧୦ସ୍ଥାନ ମଧ୍ୟରେ ଫୁଲବାଣୀ ୧୦.୫, ଦାରିଙ୍ଗବାଡ଼ି ୧୦.୫, ଅନୁଗୋଳ ୧୧.୦, କୋରାପୁଟ ୧୧.୬, ଭବାନୀପାଟଣା ୧୨.୨, ଝାରସୁଗୁଡ଼ା ୧୩.୦, କେନ୍ଦୁଝର ୧୩.୮, ବାରିପଦା ୧୪.୨, ବଲାଙ୍ଗୀର ୧୪.୬, ସମ୍ବଲପୁରରେ ୧୪.୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ବୌଦ୍ଧ ୧୫.୫, ତାଳଚେର ୧୫.୬, ହୀରାକୁଦ ୧୫.୯, ଟିଟିଲାଗଡ଼ ଓ ମାଲକାନଗିରି ୧୬.୫, କଟକରେ ୧୬.୮, ନୟାଗଡ଼ ୧୭, ଚାନ୍ଦବାଲି ୧୭.୧, ଭୁବନେଶ୍ୱର, ବାଲେଶ୍ୱର ଓ ପୁରୀ ୧୮, ସୁନ୍ଦରଗଡ଼ ୧୮.୫, ଛତ୍ରପୁର ୧୯, ପାରାଦୀପ ୧୯.୪, ଗୋପାଳପୁରରେ ସର୍ବନିମ୍ନ ତାପମାତ୍ରା ୧୯.୬ ଡିଗ୍ରୀ ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଆଗକୁ ଆହୁରି ତାପମାତ୍ରା ହ୍ରାସ ପାଇବ। ତେବେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାତିର ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। କିନ୍ତୁ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ୩ରୁ ୫ଡିଗ୍ରୀ ତଳକୁ ଖସିବ। ସେହିପରି ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ୨ରୁ ୩ ଡିଗ୍ରୀ ତାପମାତ୍ରା କମ୍ ରହିବ ବୋଲି ଆକଳନ କରାଯାଇଛି।

ସେପଟେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟର ସବୁ ସହରରେ ପାଗ ଶୁଖିଲା ରହିବ। କିନ୍ତୁ ୧୧ ଓ ୧୨ ତାରିଖ କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ। ୧୧ ତାରିଖରେ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷାର ଆଶଙ୍କା ରହିଛି। ୧୨ ତାରିଖରେ ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନ ସମେତ ମାଲକାନଗିରି, କୋରାପୁଟ, ରାୟଗଡ଼ାରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



ସ୍ୱର୍ଗୀୟ ଲକ୍ଷ୍ମୀଧର ବେହେରା
(ଆବିର୍ଭାବ : ୦୧/୦୨/୧୯୫୬ ତିରୋଧାନ : ୩୦/୧୦/୨୦୨୦)
ବଙ୍ଗାଳି ସାହି, ବରପଦା, ଭଦ୍ରକ

ଶୋକସନ୍ତପ୍ତ ପରିବାରବର୍ଗ :
ଜାନକୀ ଦେବୀ (ପତ୍ନୀ)
ଭାଇ ଓ ବୋହୂ - (ଭରତ-ରେଣୁ) (ଶରତ-ବାସନ୍ତୀ) (ପରୀକ୍ଷିତ-ପୁଷ୍ପା) (ନଟବର-ରୁନା) (ଗୋପିନାଥ- ଗୀତା) (ରମାକାନ୍ତ-ମଞ୍ଜୁ) (ସଂଜୟ-ମାନସୀ)
ଭଉଣୀ ଓ ଭିଣୋଇ- (ସାବିତ୍ରୀ ଓ ମାଧବ)
ଝିଅ ଓ ଜ୍ୱାଇଁ - (ପିଙ୍କି-ଜୟନ୍ତ) (ରିଙ୍କି-କମଲ) (ମିନୁ-ବିଦ୍ୟା) (ରୁପା-ଚିତ୍ତ) (ସିପା-ନରେନ୍)
ପୁଅ ଓ ଝିଅ - ଗୌତମ, ପୂଜା, ଲିପା, ଲିଜା, ବିଟୁ, ଲିଟୁ, ରିଜା, ରାଜ୍, ଗୁଡି, ଶୁଭଙ୍କର, ସଚ୍ଚିନ୍
ନାତି ଓ ନାତୁଣୀ - ଜୁବ୍‌ଲି, କରନ, ଲଭଲି, ମିଷ୍ଟି, ସାଇ, କ୍ରିଷ୍ଣା
ଏବଂ ଆତ୍ମୀୟସ୍ୱଜନ ଓ ଲିଓଟ୍ରୋନିକ୍ସ ପରିବାର ବର୍ଗ
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
LEOTRONIX® STABILIZER A Friend for Lifetime

## ମାଙ୍କଡ଼ା ଖଣିରେ ଚଢ଼ାଉ: ଜେସିବି, ୩ ଟ୍ରକ୍ ଜବତ

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆଙ୍କ ନେତୃତ୍ୱରେ ବିଭିନ୍ନ ତହସିଲ ଅଞ୍ଚଳରେ ବେଆଇନ ଭାବେ ପଥର ଖନନ ଓ ପଥର ଚାଲାଣ ଉପରେ ଚଢ଼ାଉ ଜାରି ରହିଛି। ରବିବାର ଖୋର୍ଦ୍ଧା ତହସିଲଦାର ପଦ୍ମ ଚରଣ ସାହୁ ନେତୃତ୍ୱରେ ଏକ ଟିମ୍ ନିୟାଳ ଅଞ୍ଚଳରେ ଥିବା ମାଙ୍କଡ଼ା ଖଣିରେ ଚଢ଼ାଉ କରି ଗୋଟିଏ ଜେସିବି ମେସିନ୍, ଗୋଟିଏ ହାଇୱା ଟ୍ରକ୍ ସମେତ ୨ଟି ଟ୍ରକକୁ ଜବତ କରିଛନ୍ତି। ଏଥି ସହ ୨ଲକ୍ଷ ୨୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ସଂକ୍ଷେପରେ

### ଆଇନଜୀବୀ ପ୍ରତାପ ଦାସଙ୍କ ପରଲୋକ

**ଭୁବନେଶ୍ୱର,୮।୧୧(ବ୍ୟୁରୋ):** ଭୁବନେଶ୍ୱର ବାର୍ ଆସୋସିଏଶନର ପୂର୍ବତନ ଉପସଭାପତି ତଥା ଭୁବନେଶ୍ୱର ଆଇନଜୀବୀ ୱେଲ୍‌ଫେୟାର ଟ୍ରଷ୍ଟର ଉପସଭାପତି ପ୍ରତାପ ଦାସ (୬୩)ଙ୍କ ରବିବାର ସକାଳେ ମୃତ୍ୟୁ ଘଟିଛି। ସେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ପରେ ତାଙ୍କୁ ଲୁଇସ୍‌ରୋଡ୍‌ସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ବିଧାୟକ ଅମର ଶତପଥୀ, ଭୁବନେଶ୍ୱର ବାର୍ ଆସୋସିଏଶନ ସଚିବ ଆତ୍ମପ୍ରକାଶ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଆଇନଜୀବୀ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଅପରାହ୍ଣରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ଗାଡ଼ି ଧକ୍କାରେ ଯୁବକ ମୃତ

**ନିଶ୍ଚିନ୍ତକୋଇଲି,୮।୧୧ (ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ସୁକରପଡ଼ା ଡାକବଙ୍ଗଳା ନିକଟରେ ରବିବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲିଅନ୍ତା,୮।୧୧(ଡି.ଏନ୍.ଏ.):** ପାହାଳ ଫାଣ୍ଡି ପୋଲିସ ରବିବାର ରୁଦ୍ରପୁରର ସ୍ୱାଗତ ବିହାର ଅଞ୍ଚଳରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ତପନ କୁମାର କର। ତାଙ୍କ ଘର ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅଞ୍ଚଳରେ ହୋଇଥିବା ବେଳେ ସେ ଏଠାରେ ଭଡ଼ାରେ ରହୁଥିଲେ। ସୋମବାର କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

### ଚୌଦ୍ୱାର ଜେଲରୁ କଏଦୀ ସ୍ଥାନାନ୍ତର

**ଚୌଦ୍ୱାର,୮।୧୧(ଡି.ଏନ.ଏ.):** ଚୌଦ୍ୱାର ଜେଲରୁ ରବିବାର ୫୦ଜଣ କଏଦୀଙ୍କୁ ଆଠଗଡରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସ୍ଥିତିରେ କରୋନା ସଂକ୍ରମଣକୁ ଲକ୍ଷ୍ୟରେ ରଖି କଏଦୀମାନଙ୍କ ଭିତରେ ସମଦୂରତା ରକ୍ଷା କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ଜେଲ୍ ଅଧୀକ୍ଷକ ଶୁଭକାନ୍ତ ମିଶ୍ର କହିଛନ୍ତି।

### ପୃଥକ ଘଟଣାରେ ୫ ବଖରା ଭସ୍ମୀଭୂତ

**ଡେଲାଙ୍ଗ/ଚୌଦ୍ୱାର, ୮।୧୧(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ଘୋରଡିଆସ୍ଥିତ ବଡ଼ଜେନାସାହିରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ବ୍ରଜବନ୍ଧୁ ବଡ଼ଜେନାଙ୍କ ୨ବଖରା ଜଳିଯାଇଛି। ଘରେ ଥିବା ସମସ୍ତ ସାମଗ୍ରୀ ପୋଡିଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିଭଳି ଚୌଦ୍ୱାର ଥାନା ସୁଆମଟିକର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ସୀତାରାମ କାଣ୍ଡୟମଙ୍କ ୩ ବଖରା ଜଳିଯାଇଛି। ଏଥିରେ ଘରେ ଥିବା ସମସ୍ତ ସାମଗ୍ରୀ ପୋଡିଯାଇଛି। ପଡୋଶୀ ଓ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚିବାବେଳକୁ ସବୁକିଛି ପୋଡିଯାଇଥିଲା। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବିପନ୍ନମାନେ ଖୋଲା ଆକାଶ ତଳେ ରହିଥିବା ଦେଖିବାକୁ ମିଳିଛି।

### ଆଜି ରାଜ୍ୟସ୍ତରୀୟ ଆଇନ ସାକ୍ଷରତା ଉତ୍ସବ

**କଟକ ଅଫିସ, ୮।୧୧:** ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୋମବାର ରାଜ୍ୟସ୍ତରୀୟ ଆଇନ ସାକ୍ଷରତା ଉତ୍ସବ ପାଳନ ହେବ। ଏହି ଅବସରରେ ଷ୍ଟୁଡେଣ୍ଟ ଲିଗାଲ ଲିଟେରାସୀ କ୍ଲବଗୁଡିକରୁ ୫ ପ୍ରାନ୍ତରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଭର୍ଚୁଆଲ ଭାବେ ରାଜ୍ୟସ୍ତରୀୟ ପ୍ରବନ୍ଧ, ଚିତ୍ରାଙ୍କନ ଓ ଅଭିନୟ ପ୍ରତିଯୋଗିତାରେ ଭାଗ ନେବେ। ଚଳିତ ମାସ ଶେଷ ସପ୍ତାହରେ ଅନ୍‌ଲାଇନ୍ ମାଧମରେ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି।

# ଖୋର୍ଦ୍ଧା ସହରରେ ପୁଣି ପଶିଲା ହାତୀ

**ଖୋର୍ଦ୍ଧା ଅଫିସ, ୮।୧୧**

ମାସକ ପରେ ପୁଣି ଖୋର୍ଦ୍ଧା ସହରରେ ପଶିଛି ହାତୀ। ରବିବାର ସନ୍ଧ୍ୟାରେ ମୁକୁନ୍ଦପ୍ରସାଦ ନିକଟରେ ଗୋଟିଏ ହାତୀକୁ ଦେଖି ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଖବର ପାଇ ବନ ବିଭାଗ ଓ ପୋଲିସ ପହଞ୍ଚି ଘଉଡ଼ାଇବାରୁ ହାତୀଟି ସାମନ୍ତରାପୁର ଆଡ଼କୁ ଚାଲିଯାଇଥିଲା। ସାମନ୍ତରାପୁର ଛକ ନିକଟରେ ହାତୀଟି ଛିଡ଼ାହୋଇ ରହିବାରୁ ସେହି ରାସ୍ତା ଦେଇ ଯାତାୟାତ ବନ୍ଦ ହୋଇଯାଇଥିଲା।

ସୂଚନା ଅନୁଯାୟୀ, ସକାଳେ କୁମାରବସ୍ତ କାଜୁ ଜଙ୍ଗଲରେ ହାତୀଟି ବୁଲୁଥିଲା। ସନ୍ଧ୍ୟାରେ ସେ ଖୋର୍ଦ୍ଧା ସହର ଆଡ଼କୁ ମୁହାଁଇଥିଲା। ରାତି ସାଢେ ୮ଟାରେ ସାମନ୍ତରାପୁର ଛକକୁ ଚାଲି ଆସି ଦୀର୍ଘ ସମୟ ଧରି ଅଟକି ରହିଥିଲା। ଫଳରେ ଲୋକେ ଭୟଭୀତ ହୋଇପଡ଼ିଥିଲେ।



ଖୋର୍ଦ୍ଧା ସହରକୁ ପଶିଆସିଥିବା ହାତୀ।

ପ୍ରକାଶ ଥାଉ କି, ଗତ ଅକ୍ଟୋବର ୭ରେ ହାତୀ ଖୋର୍ଦ୍ଧା ଉପକଣ୍ଠ ପଲ୍ଲା ସ୍କୁଲ ନିକଟ ଅଞ୍ଚଳରେ ୨ଟି ଦନ୍ତା ହାତୀ ପଶିଥିଲେ। ସେହିପରି ଅକ୍ଟୋବର ୪ରେ ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ବିଭାଗ ନିକଟ ଅଞ୍ଚଳକୁ ଦୁଇଟି ହାତୀ ପଶିଆସିଥିଲେ।

### ମାଖେନାକୁ ନେଇ ଆତଙ୍କିତ

**ବାରଙ୍ଗ,୮।୧୧(ଡି.ଏନ୍.ଏ.):** ଚନ୍ଦକା ଅଞ୍ଚଳରେ କିଛିଦିନ ହେବ ମାଖେନା ହାତୀର ଉତ୍ପାତ ବଢ଼ିବାରେ ଲାଗିଛି। ଶନିବାର ବିଳମ୍ବିତ ରାତିରେ ଏହି ହାତୀ ପାଇକେରାପୁର ଓ ଆଖପାଖ ଗ୍ରାମର ଧାନ ଫସଲ ଖାଇବା ସହ ବ୍ୟାପକ ନଷ୍ଟ କରିଛି। ଏଥିସହ ଗ୍ରାମର ପବନା ରଞ୍ଜିତ ଓ ଝୁନୁ ସାମନ୍ତରାୟଙ୍କ ବାରିରେ ପଶି କଦଳୀ ଗଛ, ପନିପରିବା ନଷ୍ଟ କରିଥିବା ଜଣାପଡ଼ିଛି। ଏହି ହାତୀ ଚନ୍ଦକା ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ବାହାରୁଥିବାରୁ ସ୍ଥାନୀୟ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ସନ୍ଧ୍ୟାହେଲେ ଗ୍ରାମମାନଙ୍କରେ ଆତଙ୍କ ଖେଳିଯାଉଛି।

## ‘ଦାବି ପୂରଣ ହେଲେ ସହଯୋଗ କରିବୁ’

**ପୁରୀ ଅଫିସ, ୮।୧୧**

**ସିଦ୍ଧମହାବୀର ଆର୍‌ଓବି ବିବାଦ**

ବହୁ ପ୍ରତୀକ୍ଷିତ ସିଦ୍ଧମହାବୀର ରେଳ ଓଭରବ୍ରିଜ୍ (ଆର୍‌ଓବି) ପାଇଁ ଜମି ଅଧିଗ୍ରହଣ ନିମନ୍ତେ ମାପଚୁପ ଚାଲିଛି। ମାତ୍ର ଏହି ପ୍ରକଳ୍ପ ଲାଗି କ୍ଷତିଗ୍ରସ୍ତ ହେବାକୁ ଥିବା ମାଟିଆପଡ଼ା, କୁମୁଟିପାଟଣା, ବାଲୁଖଣ୍ଡ ଏବଂ ସିଦ୍ଧମହାବୀର ମୌଜାର ଜନସାଧାରଣ ଏବଂ ବ୍ୟବସାୟୀ ରବିବାର ସର୍କିଟ ହାଉସ୍‌ରେ ଏମ୍‌ପି ପିନାକୀ ମିଶ୍ର ଏବଂ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ଭେଟି କେତେକ ଦାବି ରଖିଛନ୍ତି। ଦାବି ପୂରଣ ହେଲେ ସେମାନେ ଆର୍‌ଓବି ନିର୍ମାଣ ଦିଗରେ ସହଯୋଗ କରିବେ ବୋଲି କହିଛନ୍ତି। ସେହି ଦାବିଗୁଡ଼ିକ ହେଉଛି, ଜଗନ୍ନାଥଙ୍କ ସମ୍ପତ୍ତି ଯେଉଁମାନଙ୍କ ନାମରେ ରହିଛି ପ୍ରାଥମିକତା ଭିତ୍ତିରେ ତାହା ହିତାଧିକାରୀଙ୍କ ନାଁରେ କରାଯାଉ। କ୍ଷତିଗ୍ରସ୍ତଙ୍କୁ ଘର ଓ ସ୍ୱତନ୍ତ୍ର କ୍ଷତିପୂରଣ ଦିଆଯାଉ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ବିସ୍ଥାପିତଙ୍କ ଭଳି କ୍ଷତିପୂରଣ ଦିଆଯାଉ। ଏକ ମାର୍କେଟ କମ୍ପ୍ଲେକ୍ସ କରି ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ କରାଯାଉ। ଏସବୁ ଦାବି ପୂରଣ ନ ହେଲେ ସେମାନେ ଅସହଯୋଗ କରିବେ ବୋଲି ଜଣାଇଛନ୍ତି।

## ଏଏସ୍‌ଆଇ ବଟକୃଷ୍ଣ ସାହୁ ନିଲମ୍ବିତ

**ସାକ୍ଷୀଗୋପାଳ,୮।୧୧ (ଡି.ଏନ.ଏ./ସ୍ୱ.ପ୍ର.):** ପୁରୀ ଜିଲା ସତ୍ୟବାଦୀ ଥାନାର ଏଏସ୍‌ଆଇ ବଟକୃଷ୍ଣ ସାହୁଙ୍କୁ ରବିବାର ଏସ୍‌ପି ଅଖିଳେଶ୍ୱର ସିଂ ନିଲମ୍ବନ କରିଛନ୍ତି। ଗତ ୩୦ ତାରିଖରେ ଏକ ସଡ଼କ ଦୁର୍ଘଟଣା ଘଟିଥିଲେ ମଧ୍ୟ ଏଏସ୍‌ଆଇ ସାହୁ ୩୧ ତାରିଖରେ ଘଟିଥିବା ଦର୍ଶାଇ ମାମଲା ରୁଜୁ କରିଥିଲେ। ଏପରି କି ଗାଡ଼ି ନମ୍ବର ବଦଳାଇ ଦେଇଥିବା ନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଏସ୍‌ପି ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

## ଏମାର ମଠ କୋଠା ସଫେଇକୁ ନେଇ ଉତ୍ତେଜନା

**ସାକ୍ଷୀଗୋପାଳ,୮।୧୧ (ଡି.ଏନ.ଏ./ସ୍ୱ.ପ୍ର.)**

ସାକ୍ଷୀଗୋପାଳ ମନ୍ଦିର ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିଥିବା ପୁରୀ ଏମାର ମଠର ଏକ ପରିତ୍ୟକ୍ତ କୋଠା ଘର ସଫେଇକୁ ନେଇ ରବିବାର ଦୁଇଜଣ ଆଇନଜୀବୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଖବରପାଇ ସତ୍ୟବାଦୀ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସୂଚନା ଅନୁଯାୟୀ, ସିନିୟର ସିଟିଜେନଙ୍କ ବିଶ୍ରାମ ଓ ଅବସର ବିନୋଦନ କେନ୍ଦ୍ର ସ୍ଥାପନ ଲକ୍ଷ୍ୟରେ ରବିବାର ପୂର୍ବାହ୍ଣରେ ସତ୍ୟବାଦୀ ବିକାଶ ପରିଷଦର ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ ଓ ଅନ୍ୟମାନେ ଉକ୍ତ କୋଠାରେ ଉଠିଥିବା ଗଛ କାଟିବା ସହିତ ପରିସରରେ ଅଳିଆ ସଫା କରୁଥିଲେ। ଏହାକୁ ଆଇନଜୀବୀ ବିନାୟକ ମହାନ୍ତି ବିରୋଧ କରିଥିଲେ। ଏନେଇ ଉଭୟ ଆଇନଜୀବୀଙ୍କ ମଧ୍ୟରେ ପ୍ରଥମେ ବଚସା ପରେ ଗଣ୍ଡଗୋଳ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଉଭୟ ଆଇନଜୀବୀଙ୍କୁ ଥାନାକୁ ନେଇଥିଲେ। ଏ ସଂକ୍ରାନ୍ତରେ ଉଭୟ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏନେଇ ସାକ୍ଷୀଗୋପାଳ ମନ୍ଦିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ମିଶ୍ର କହିଛନ୍ତି, ଏହି କୋଠା ସତ୍ୟବାଦୀ ଗୋପୀନାଥ ଦେବଙ୍କର ସମ୍ପତ୍ତି ରହିଥିଲା। ଏହାକୁ ଏମାର ମଠ ଲିଜ ସୂତ୍ରରେ ନେଇଥିଲା। ମାତ୍ର ଲିଜର ସର୍ତ୍ତ ଖିଲାପ କରିବାକୁ ନେଇ ମନ୍ଦିର ପକ୍ଷରୁ ଚକବନ୍ଦି କମିଶନରଙ୍କ ଅଦାଲତରେ ଏକ ମାମଲା ରୁଜୁ ହୋଇଥିଲା। କୋର୍ଟ ଏହି ସମ୍ପତ୍ତିକୁ ସାକ୍ଷୀଗୋପାଳ ଠାକୁରଙ୍କୁ ଫେରାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ରାଜ୍ୟ ଦେବୋତ୍ତର କମିଶନର ଏହି ଦେବୋତ୍ତର ସମ୍ପତ୍ତିକୁ ସତ୍ୟବାଦୀ ଗୋପୀନାଥ ଦେବଙ୍କୁ ଦଖଲ ହସ୍ତାନ୍ତର କରିବା ପାଇଁ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ବୋଲି ସେ କହିଛନ୍ତି।

## ୨୭୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ: ୪ ଗିରଫ

**ପୁରୀ ଅଫିସ, ୮।୧୧:** ପୁରୀକୁ ଚୋରାଚାଲାଣବେଳେ ଶନିବାର ଅପରାହ୍ଣରେ ବଳଭଦ୍ରପୁର ବାଇପାସ୍ ନିକଟରେ ଚନ୍ଦନପୁର ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଧରିଛି। ସେମାନଙ୍କଠାରୁ ୨୭୩ ଗ୍ରାମ୍ ବ୍ରାଉନ୍‌ସୁଗାର ସହ ଗୋଟିଏ କାର ଓ ମୋବାଇଲ ଫୋନ ଜବତ କରାଯାଇଛି। ପୋଲିସ ମାମଲା (ନଂ.୨୬୯/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜଳେଶ୍ୱରର ଶେଖ୍ ସାଜନ, ଶେଖ ସମତୁଲ୍ଲା ଓ ତାଙ୍କ ସ୍ତ୍ରୀ ଅପ୍‌ସାନା ବିବି ଏବଂ ପୁରୀ ନରେନ୍ଦ୍ରକୋଣର ପ୍ରକାଶ ବେହେରା। ସେମାନେ ବାଲେଶ୍ୱର ଜଳେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ପୁରୀରେ ବିକ୍ରି କରିବାକୁ ଆସୁଥିଲେ ବୋଲି ଥାନାଧିକାରୀ ପ୍ରିୟରଞ୍ଜନ ନାୟକ କହିଛନ୍ତି। ଗତମାସରେ ପୁରୀରୁ ୨୭୫ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଥିଲା।




ଆମେରିକାର ଭାବୀ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ଅଭିନନ୍ଦନ ଜଣାଇ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ମୂଲ୍ୟବୋଧ ସହ ସାଲିସ କରି ନ ଥିଲେ ପ୍ରଦ୍ୟୁମ୍ନ

**ଜୟନ୍ତୀ ସମାରୋହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**




ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ସମାଜବାଦୀ ନେତା ତଥା ଦୈନିକ ଖବରକାଗଜ ‘ପ୍ରଗତିବାଦୀ’ର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ ଅବସରରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପ୍ରଦ୍ୟୁମ୍ନ ବଳ ଜୟନ୍ତୀ ସମାରୋହ କମିଟି ପକ୍ଷରୁ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଣେ ଛାତ୍ର ନେତା ଭାବେ ଜୀବନ ଆରମ୍ଭ କରି ପ୍ରଦ୍ୟୁମ୍ନବାବୁ ରାଜନୀତି, ସମାଜସେବା ଓ ସାମ୍ବାଦିକତାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି। ଜୀବନରେ ସେ ସବୁବେଳେ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇଆସିଛନ୍ତି। ଏଥିସହ ସେ କେବେ ବି ସାଲିସ କରିନାହାନ୍ତି। ତାଙ୍କ ଉଦ୍ୟମ ଯୋଗୁ ପ୍ରଗତିବାଦୀ ଏକ ସାପ୍ତାହିକରୁ ଦୈନିକ ଖବରକାଗଜରେ ପରିଣତ ହୋଇ ନିଜର ସ୍ଥିତିକୁ ମଜଭୁତ କରିପାରିଛି। ପ୍ରଗତିବାଦୀ ପକ୍ଷରୁ ଗରିବ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଦ୍ୟୁମ୍ନ ବଳ ରିଲିଫ୍ କମିଟି ଗଠନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ ଧନ୍ୟବାଦ ଜଣାଇଥିଲେ। ବର୍ତ୍ତମାନ ସମାଜ ଆଗକୁ ବଢୁଛି। ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଘଟୁଛି। ପରିବର୍ତ୍ତନ ସହ ମୂଲ୍ୟବୋଧର ସୁରକ୍ଷା ପ୍ରତି ଧ୍ୟାନ ଦେଲେ ଏହା ସମସ୍ତଙ୍କ ପାଇଁ ଉପଯୋଗୀ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ବିଶିଷ୍ଟ ସମାଜସେବୀ କ୍ରିଷ୍ଣାରାଣୀ ବୋଷଙ୍କୁ ‘ପ୍ରଦ୍ୟୁମ୍ନ ବଳ ସମ୍ମାନ’ ପ୍ରଦାନ କରାଯାଇଥିବାବେଳେ ୧୦ଜଣ କୋଭିଡ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ।

ବିଶିଷ୍ଟ ଅତିଥିଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଦ୍ୟୁମ୍ନ ବଳଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ସମ୍ମାନିତ ଅତିଥିଭାବେ ନଗର ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ପ୍ରଦ୍ୟୁମ୍ନ ବଳ ମେମୋରିଆଲ ଟ୍ରଷ୍ଟର ଟ୍ରଷ୍ଟି ତଥା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ପ୍ରଗତିବାଦୀର ଡାଇରେକ୍ଟର ଡ. ମୋନାଲିସା ବଳ ଧନ୍ୟବାଦ ଦେଇଥିଲେ। ଶରଣାରବିନ୍ଦ ପରିଚାଳନା କରିଥିଲେ।

## ସ୍ୱଚ୍ଛତା କ୍ଷେତ୍ରରେ ପୁରୀ ଅଗ୍ରଣୀ ସହର

**ପୁରୀ ଅଫିସ, ୮।୧୧**

**ମୋ ଧାମ, ମୋ ଗର୍ବ ଅଭିଯାନ ଉଦ୍‌ଯାପିତ**

ଗତ ୧ତାରିଖଠାରୁ ସ୍ୱଚ୍ଛତା ସମ୍ବନ୍ଧୀୟ ସଚେତନତାଧର୍ମୀ କାର୍ଯ୍ୟକ୍ରମ ‘ମୋ ଧାମ, ମୋ ଗର୍ବ’ ଅଭିଯାନ ଚାଲିଥିଲା। ରବିବାର ସକାଳେ ବ୍ଲୁ ଫ୍ଲାଗ୍ ବେଳାଭୂମିରେ ଏହାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଏହି ଅଭିଯାନ ପ୍ରତ୍ୟେକ ଦିନ ଜାରି ରହିବ। ସ୍ୱଚ୍ଛତା କ୍ଷେତ୍ରରେ ପୁରୀ ଏକ ଅଗ୍ରଣୀ ସହର ହୋଇପାରିଛି। ଆଗକୁ ଆହୁରି ସଫଳତା ପାଇବ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ଜାରି ରଖିବେ।

ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ପ୍ରଶାସନର ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ଜିଲାପାଳ ବଲୱନ୍ତ ସିଂ ଏହି ଅଭିଯାନର ଭବିଷ୍ୟତ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ପୋଲିସ ବ୍ୟାଣ୍ଡ ପକ୍ଷରୁ ଜାତୀୟ ସଙ୍ଗୀତ ଏବଂ ଶେଷରେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ସ୍ୱଚ୍ଛ ସାଥୀ ଏବଂ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷ ପୁରୀକୁ ସ୍ୱଚ୍ଛ ରଖିବା ଲାଗି ଶପଥ ନେଇଥିଲେ। ମନ୍ତ୍ରୀ ଜେନା ଏହି ଶପଥ ପାଠ କରାଇଥିଲେ।

## ଠେଙ୍ଗେଡୀଜୀଙ୍କ ଜନ୍ମତିଥି

**ପୁରୀ ଅଫିସ, ୮।୧୧:** ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ରାଣୀସତୀ ଭବନ ପରିସରରେ ରବିବାର ରାଷ୍ଟ୍ରଋଷି ଦତ୍ତୋପନ୍ତ ଠେଙ୍ଗେଡୀଜୀଙ୍କ ୧୦୦ତମ ଜନ୍ମତିଥି ପାଳନର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ସଂଯୋଜକ ପ୍ରଶାନ୍ତ କୁମାର ଭୂୟାଁଙ୍କ ସଂଯୋଜନାରେ ମଞ୍ଚର ପୂର୍ବତନ ଅଖିଳ ଭାରତୀୟ ସହସଂଯୋଜକ ସରୋଜ ମିତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଠେଙ୍ଗେଡୀଜୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦାଶଙ୍କର ପାଣିଗ୍ରାହୀ, ପ୍ରାନ୍ତ ସଂଘର୍ଷ ବାହିନୀ ସଚିବ ସଚ୍ଚିଦାନନ୍ଦ ଦାଶ, ପ୍ରାନ୍ତ ସଂଯୋଜକ ଶତ୍ରୁଘ୍ନ ତରାଇ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ଉପରେ ଆହ୍ୱାନ ଦେଇଥିଲେ। ଅଭ୍ୟର୍ଥନା ସମିତି ଅଧକ୍ଷ ଶତ୍ରୁଘ୍ନ ବଳିୟାର ସିଂ ସ୍ୱାଗତ ଭାଷଣ ଦେଇଥିଲେ।

## ଫାଇଲିନ୍ ସହାୟତା ପାଇଁ ହାଇକୋର୍ଟରେ ମାମଲା

**ବ୍ରହ୍ମଗିରି,୮।୧୧(ଡି.ଏନ.ଏ):** ଫାଇଲିନ୍ ବାତ୍ୟାର ୭ବର୍ଷ ପରେ ବି କ୍ଷତିଗ୍ରସ୍ତମାନେ ବାସଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି। ଆର୍ଥିକ ସହାୟତା ଅଭାବରୁ ଅନେକ ଘର ଅଧା ନିର୍ମିତ ଅବସ୍ଥାରେ ରହିଛି। ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ୩୦୪୬ଜଣ ଫାଇଲିନ୍ ହିତାଧିକାରୀଙ୍କ ମଧ୍ୟରୁ ୫୩୫ଜଣ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ପଡିଛି। ଏହି ସମୟରେ ବିଶ୍ୱବ୍ୟାଙ୍କ ପକ୍ଷରୁ ହିତାଧିକାରୀଙ୍କ ନିମନ୍ତେ ଆସିଥିବା ସହାୟତା ରାଶି ଫେରାଇ ନେବା ପାଇଁ ଓସ୍‌ଡମା ପକ୍ଷରୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଆସିଛି। ଏହାର ପ୍ରତିବାଦରେ ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ଆବାହକ ବିହାରୀବନ୍ଧୁ ପଲାଇଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ନଂ.୨୭୬୨୮/୨୦) କରାଯାଇଛି। ରବିବାର ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ସଭାପତି ଦେବରାଜ ବଳିଆରସିଂ, ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଏସ୍‌ବିଆଇ କଟକ ଶାଖାର ଶତବାର୍ଷିକ ପ୍ରତିଷ୍ଠା ଦିବସ




**କଟକ ଅଫିସ, ୮।୧୧:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ କଟକ ଶାଖାର ଶତବାର୍ଷିକ ପ୍ରତିଷ୍ଠା ଦିବସ ଶାଖାର ମହାପ୍ରବନ୍ଧକ ଭବାନୀ ଶଙ୍କର ମହାନ୍ତିଙ୍କ ପୌରୋହିତ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧିକା ରୁମା ଦେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ଶତବାର୍ଷିକ ଲୋଗୋ, ସୋଲାର ସିଷ୍ଟମ, ନୂତନ ରୋବଟଚାଳିତ କ୍ୟାସ ହବ୍ ଏବଂ ଗ୍ରାହକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା। ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ ସି. ଏଲ. ଏନ. ଚାର୍ୟୁଲୁ ଓ ଉପ ମହାପ୍ରବନ୍ଧକ ଆନନ୍ଦ ବିକ୍ରମ ପ୍ରମୁଖ ଯୋଗଦେଇଥିଲେ। କଟକ ଶାଖାର ପୂର୍ବତନ କର୍ମଚାରୀ ଆଲୋକ ଦେ, ଉପେନ୍ଦ୍ର ଦାଶ, ଜ୍ୟୋତି ଭୂଷଣ ମହାପାତ୍ର, ବିନ୍ଦୁ ଦାସ, ରାଜେସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଲିଟିଲ ଷ୍ଟାର ଗ୍ରୁପର ଫୁଲ ବଉଳବେଣୀ ଉତ୍ସବ

**ନିମାପଡ଼ା,୮।୧୧(ଡି.ଏନ୍.ଏ.):** ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ୧୯ତମ ଫୁଲ ବଉଳବେଣୀ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ପାଟପୁର ଗ୍ରାମସ୍ଥିତ ଲୋକନାଥଙ୍କ ପୀଠରେ ଆୟୋଜିତ ସମାରୋହରେ ଅତିଥିଭାବେ ନିମାପଡ଼ା କଲେଜର ପ୍ରଶାସନିକ ଅଧିକାରୀ ଜଗତ୍ ପ୍ରସାଦ ସାବୁତ, ଅଧ୍ୟାପକ ସୁବ୍ରତ ମହାନ୍ତି, ରବୀନ୍ଦ୍ରନାଥ ପାଢୀ, ଶିକ୍ଷକ ନିର୍ମଳ ମିଶ୍ର, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ବ୍ରଜେନ୍ଦ୍ର ପ୍ରଧାନ, ଅଜୟ ମିଶ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଭା ସମ୍ମାନ ସମାରୋହରେ କଳା ଓ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟକାର ଓ ଅଭିନେତା ଅଜୟ ସେଠୀ, ଶିଶୁ କଳାକାର ସାଇ ପ୍ରତ୍ୟାଶା ପଟ୍ଟନାୟକ, ଅଭିନେତ୍ରୀ ଏମ୍.ଆର୍ ତମନ୍ନା, ନିମାପଡ଼ା କଲେଜର ଶ୍ରେଷ୍ଠ ଗ୍ରାଜୁଏଟ ଓ ଟପ୍ପର ମଧୁସ୍ମିତା ନାୟକ, କୁନି ଛାତ୍ରୀ ଆଂଶିକା ଆରିୟା ନନ୍ଦା, ତଲିସା ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କରୋନା ଯୋଦ୍ଧା ଭାବେ ନିମାପଡ଼ା ମେଡିକାଲର ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ର, ଶିକ୍ଷକ ନିର୍ମଳ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ଛାତ୍ରୀଛାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ପୋଲିସ ନିଷ୍କ୍ରିୟତାକୁ ଦାୟୀକଲା ପରିବାର

**ଖୋର୍ଦ୍ଧା ଅଫିସ, ୮।୧୧**

**ଝୁଲନ୍ତା ମୃତଦେହ ମିଳିବା ଘଟଣା**
- କାର୍ଯ୍ୟାନୁଷ୍ଠାନ ଦାବି କଲେ ପରିବାର ଲୋକେ
- ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ

ଜଙ୍କିଆ ଥାନା ଅଧୀନ ଅରିସଲ ଗାଁର ଏକ ଗଛରୁ ଦୁଧିଆଝର ଗ୍ରାମର କେଶବ ସେଠୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାରେ ତଦନ୍ତ ସହ ଅଭିଯୁକ୍ତଙ୍କ ଗିରଫ ପାଇଁ ପରିବାର ଲୋକେ ଦାବି କରିଛନ୍ତି। ଦୁଇମାସ ତଳେ କେଶବଙ୍କୁ ଆକ୍ରମଣ ନେଇ ସିକୋ ଓ ନାରୁଣୀ ଫାଣ୍ଡି ସମେତ ଜଙ୍କିଆ ଥାନାରେ ଏତଲା ଦିଆଯାଇଥିଲା। ମାତ୍ର ପୋଲିସର ନିଷ୍କ୍ରିୟତା ଯୋଗୁ ଆମ ପୁଅ କେଶବର ଜୀବନ ଗଲା ବୋଲି ତାଙ୍କ ପରିବାରବର୍ଗ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବିରେ ରବିବାର ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗରେ ଦର୍ଶାଯାଇଛି ଯେ, କେଶବ ଜଣେ ଝିଅକୁ ଭଲ ପାଉଥିଲେ। ତେବେ ଉଭୟଙ୍କ ଜାତି ଅଲଗା ହୋଇଥିବାରୁ ତାଙ୍କ ପ୍ରେମକୁ ସ୍ୱୀକୃତି ମିଳି ନ ଥିଲା। ଅଗଷ୍ଟ ୯ରେ ଉଭୟ ଫେରାର ହୋଇଯାଇଥିଲେ। ଝିଅ ନିଖୋଜ ଥିବା ନେଇ ପରିବାର ଲୋକେ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ଅଗଷ୍ଟ ୧୪ରେ ଉଭୟଙ୍କୁ ଝିଅଘର ଲୋକେ ନାରୁଣୀ ନିକଟରେ ଧରିଥିଲେ। ଝିଅକୁ ନେଇଯାଇ କେଶବଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ କେଶବ ପ୍ରଥମେ ସିକୋ ଓ ପରେ ନାରୁଣୀ ଫାଣ୍ଡିରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଫାଣ୍ଡି ଅଧିକାରୀ ଗ୍ରହଣ କରି ନ ଥିଲେ। ତେବେ ଜଙ୍କିଆ ଥାନାରେ ବାରମ୍ବାର ଅଭିଯୋଗ ପରେ ଅକ୍ଟୋବର ୧ରେ ମାମଲା ରୁଜୁ ହୋଇଥିଲା। କେଶବ ଚିକିତ୍ସିତ ହୋଇ ମାଉସୀ ଘର ଅରିସଲ ଗ୍ରାମକୁ ଫେରିଥିଲେ। ଶୁକ୍ରବାର ଗାଁ ପୋଖରୀ ପାଖ ଏକ ଗଛରୁ ତାଙ୍କର ଝୁଲନ୍ତା ମୃତଦେହ ମିଳିଥିଲା। ଏ ନେଇ ଏସ୍‌ପି ସ୍ୱାଇଁ କହିଛନ୍ତି, ପ୍ରାଥମିକ ଅନୁସନ୍ଧାନରୁ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ। ମୃତକଙ୍କ ପରିବାର ଅଭିଯୋଗ କ୍ରମେ ଏସ୍‌ସି, ଏସ୍‌ଟି ଆକ୍ଟ ୩(୨)ଭି ୩(୨)(ଭି ଏ)ରେ କେସ୍ ନଂ. ୨୨୮/୨୦ ରୁଜୁ ହୋଇଛି। ୧୪ଜଣଙ୍କ ନାମରେ ଅଭିଯୋଗ ରହିଛି। ଅତିରିକ୍ତ ଏସ୍‌ପି ର୍ୟାଙ୍କର ଜଣେ ଅଧିକାରୀଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ଉପରେ ପୋଲିସ ଅବହେଳା ନେଇ ପ୍ରମାଣ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ବିଗ୍ ବାସ୍କେଟରେ ୨ କୋଟି ୟୁଜର ଡାଟା ଚୋରି

ନୂଆଦିଲ୍ଲୀ,୮।୧୧: ଗ୍ରସେରି ଇ-କମର୍ସ ପ୍ଲାଟଫର୍ମ ବିଗ୍ ବାସ୍କେଟରେ ୟୁଜରଙ୍କ ଡାଟା ଚୋରି ହୋଇଥିବା ଜଣାପଡିଛି। ସାଇବର ଇଣ୍ଟେଲିଜେନ୍ସ ଫାର୍ମ ସିବିଲର ଆକଳନ ମୁତାବକ ୨ କୋଟି ୟୁଜର ଡାଟା ଏଥିରେ ଚୋରି ହୋଇଥିବା କୁହାଯାଉଛି। ବାଙ୍ଗାଲୋରର ସାଇବର କ୍ରାଇମ ସେଲରେ ଏହାକୁ ନେଇ ଏକ ଅଭିଯୋଗ ହୋଇଛି। ପ୍ରାୟ ୩୦ ଲକ୍ଷ ଟଙ୍କାରେ ଏହି ଡାଟାକୁ ହ୍ୟାକର ବିକ୍ରି କରିଥିବା କୁହାଯାଉଛି। ଇ-ମେଲ ଠିକଣା, ପାସୱାର୍ଡ, ଏସ୍ଏମ୍ଏସ୍ ଭଳି ବିଭିନ୍ନ ଡାଟା ଏହା ମଧରେ ସାମିଲ ରହିଛି। ପୂର୍ବରୁ ଏଭଳି ଘଟଣା ନେଇ ସନ୍ଦେହ ପ୍ରକାଶ କରାଯାଉଥିଲା। ବର୍ତ୍ତମାନ ଏଭଳି ଏକ ମାମଲା ସାମ୍ନାକୁ ଆସିଥିବାରୁ ପୋଲିସ ନିକଟରେ ଏନେଇ ଅଭିଯୋଗ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

### ଲଗ୍ ଇନ୍ କ୍ଷମତା ୩ ଲକ୍ଷକୁ ବଢ଼ାଇଲା ଜିଏସ୍ଟିଏନ୍

ନୂଆଦିଲ୍ଲୀ,୮।୧୧: ସାମଗ୍ରୀ ଓ ସେବା ଟିକସ (ଜିଏସ୍ଟି) ଲାଗି ଆଇଟି ଭିତ୍ତିଭୂମି ଯୋଗାଉଥିବା କମ୍ପାନୀ ଜିଏସ୍ଟିଏନ୍ ଏହାର ଲଗ୍ ଇନ କ୍ଷମତାକୁ ବଢ଼ାଇଛି। ବର୍ତ୍ତମାନ ଏହି ପ୍ଲାଟଫର୍ମକୁ ଏକାଥରକେ ୩ ଲକ୍ଷ ୟୁଜର ଲଗ୍ ଇନ୍ କରିପାରିବେ। ପିଡିଏଫ୍ ଫର୍ମାଟରେ ଜିଏସ୍ଟି ଆର୍ ୩ବି ଅଟୋ ପପୁଲେଟେଡ୍ ସେଲ୍ସ ରିଟର୍ନ ଫର୍ମକୁ ଶୁଭାରମ୍ଭ କରାଯାଇଛି। ଏହାକୁ ଅକ୍ଟୋବର ୨୦୨୦ ପରଠାରୁ କାର୍ଯ୍ୟକାରୀ କରାଇବା ଲାଗି ନିଷ୍ପତ୍ତି ନିଆଯାଇଛି। ସେହିଭଳି ଜିଏସ୍ଟିଏନ୍ ପ୍ଲାଟଫର୍ମରେ ଇନ୍ପୁଟ ଟାକ୍ସ କ୍ରେଡିଟ ପିଡିଏଫ୍ ଏବଂ ଅଟୋପପୁଲେଶନରେ ଉପଲବ୍ଧ ହେବ। ପୂର୍ବରୁ ଜିଏସ୍ଟିଏନ୍ରେ ଏକସଙ୍ଗରେ ଦେଢ଼ ଲକ୍ଷ ଲୋକ ଲଗ୍ ଇନ୍ କରିପାରୁଥିଲେ।

# ଇଣ୍ଡୋ-ୟୁଏସ୍ ବାଣିଜ୍ୟରେ ନୂଆ ଆଶା

ନୂଆଦିଲ୍ଲୀ,୮।୧୧

ଆମେରିକା ରାଷ୍ଟ୍ରପତି ଭାବେ ବାଇଡେନଙ୍କ ବିଜୟକୁ ଭାରତୀୟ ଶିଳ୍ପ ଜଗତ ପକ୍ଷରୁ ସ୍ୱାଗତ କରାଯାଇଛି। ବାଇଡେନଙ୍କ ନେତୃତ୍ୱ ଭାରତ-ଆମେରିକା ଅର୍ଥନୈତିକ ଏବଂ ବାଣିଜ୍ୟ ସମ୍ପର୍କକୁ ଏକ ନୂଆ ଦିଗ ପ୍ରଦାନ କରିବା ନେଇ ଆଶା କରାଯାଉଛି। ତାଙ୍କ ସମୟରେ ଭାରତ ସହ ଆମେରିକା ସମ୍ପର୍କ ଆହୁରି ମଜବୁତ ହେବ ବୋଲି କୁହାଯାଉଛି। ବାଇଡେନ ପ୍ରଶାସନଠାରୁ ସମସ୍ତ ପ୍ରକାର ସହଯୋଗ ଆଶା କରାଯାଉଥିବା ଭାରତୀୟ ଶିଳ୍ପ ମହାସଂଘ (ସିଆଇଇର) ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ କହିଛନ୍ତି। କରୋନା ଯୋଗୁ ବର୍ତ୍ତମାନ ସାରା ବିଶ୍ୱ ବଜାର ପ୍ରଭାବିତ ହୋଇ ରହିଛି। ଫଳରେ ଭାରତ- ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୫୦ ବିଲିୟନ ଡଲାର ସ୍ତରକୁ ଖସିଆସିଛି। ବଜାରରେ ବର୍ତ୍ତମାନ ସୁଧାର ଆସୁଥିବା ବେଳେ ଆମେରିକାରେ ଅନୁକୂଳ ନୀତି ଯୋଗୁ ଆଗାମୀ ଦିନରେ ୨ ଦେଶ ମଧ୍ୟରେ ୫୦୦ ବିଲିୟନ ଡଲାରର ବାଣିଜ୍ୟ ଲକ୍ଷ୍ୟ ଦିଗରେ ଅଗ୍ରସର ହେବାକୁ ସିଆଇଆଇ ଗୁରୁତ୍ୱାରୋପ କରିଛି। ବାଇଡେନ ଏବଂ କମଳା ହାରିସ ଭାରତ ଲାଗି ଅନୁକୂଳ ନୀତି ଆଣିବେ ବୋଲି ଆଲୋଚନା ଜୋର ଧରିଛି। ସେହିଭଳି ଦ୍ୱିପାକ୍ଷିକ କାରବାର ବଢ଼ିବା ନେଇ ମଧ୍ୟ ବିଶେଷଜ୍ଞ ଆଶାବାଦୀ ରହିଛନ୍ତି।

ଆମେରିକା-ଭାରତ ବାଣିଜ୍ୟ ପରିଷଦ(ୟୁଏସ୍ଆଇବିସି)ପକ୍ଷରୁ କୁହାଯାଇଛି ଯେ, ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ସମୟରେ ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବଢ଼ାଇବା ଦିଗରେ ବାଇଡେନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏଣୁ ବାଇଡେନ ଏବଂ କମଳା ହାରିସଙ୍କ କାର୍ଯ୍ୟ ଦ୍ୱାରା ୨ ଦେଶର ଆର୍ଥିକ ସହଭାଗିତା ପୂର୍ଣ୍ଣକ୍ଷମତା ହାସଲ କରିବ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ପରିବର୍ତ୍ତନକୁ ବିଚାର କରି ଆମେରିକାବାସୀ ଭୋଟ ଦେଇଥିବା ଜେଏସ୍ଡବ୍ଲ୍ୟୁ ଗ୍ରୁପ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଟୁଇଟ ଯୋଗେ କହିଛନ୍ତି। ସେହିଭଳି ଜେଏସ୍ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ସମ୍ପର୍କ ଆହୁରି ମଜବୁତ ହୋଇପାରିବ। ଭାରତରେ ଅବସ୍ଥାପିତ ଆମେରିକାରେ ଏକ ବାଣିଜ୍ୟିକ ସମୂହ ପକ୍ଷରୁ କୁହାଯାଇଛି, ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟରେ ଏକ ନୂଆ ଅଭିବୃଦ୍ଧି ଦେଖିବାକୁ ମିଳିବ। ଦ୍ୱିପାକ୍ଷିକ ବାଣିଜ୍ୟ କ୍ଷେତ୍ରରେ ବାଇଡେନଙ୍କର କିଛି ଦଶନ୍ଧିର ଅଭିଜ୍ଞତା ରହିଛି। ଭାରତ-ଆମେରିକା ବାଣିଜ୍ୟିକ ପରିଷଦର ଅଧ୍ୟକ୍ଷ ନିଶା ଦେଶାଇ ବିଶ୍ୱାଳ କହିଛନ୍ତି, ବାଇଡେନଙ୍କ ନେତୃତ୍ୱରେ ଭାରତକୁ ଆମେରିକାର ସହଯୋଗରେ ବୃଦ୍ଧି ନେଇ ଆଶା ରହିଛି। ଦୁଇ ଦେଶ ମଧ୍ୟରେ ରଣନୈତିକ, ପ୍ରତିରକ୍ଷା ଏବଂ ଆର୍ଥିକ ପ୍ରସଙ୍ଗ ସମେତ ଜଳବାୟୁ, ସ୍ୱାସ୍ଥ୍ୟ, ଶିକ୍ଷା, ବିଜ୍ଞାନ ଏବଂ ଔଦ୍ୟୋଗିକ କ୍ଷେତ୍ରର ବିକାଶକୁ ଧ୍ୟାନରେ ରଖାଯିବ। ବିଶ୍ୱାଳ ବାରାକ ଓବାମା ପ୍ରଶାସନରେ ଦକ୍ଷିଣ ଏବଂ ମଧ୍ୟ ଏସିଆର ଉପ ବିଦେଶ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ଭାରତ-ଆମେରିକା ବାଣିଜ୍ୟ ସମ୍ପର୍କକୁ ଆଗକୁ ବଢାଇବା ଦିଗରେ ତାଙ୍କର ଅଭିଜ୍ଞତା ରହିଛି।





### ଏଚ୍-୧ବି ଭିଜା ସୀମା ବଢ଼ିପାରେ

ଏଚ୍-୧ବି ଭିଜା ସମେତ ଅନ୍ୟ ଉଚ୍ଚ କୁଶଳୀ ଭିଜାର ସୀମାକୁ ବାଇଡେନ ବଢାଇବା ନେଇ ଆଶା କରାଯାଉଛି। ସେହିଭଳି ବିଭିନ୍ନ ଦେଶ ଲାଗି ରହିଥିବା ରୋଜଗାର ଆଧାରିତ ଭିଜା କୋଟାକୁ ସମାପ୍ତ କରିବା ଦିଗରେ ମଧ୍ୟ ସେ ପଦକ୍ଷେପ ନେଇପାରନ୍ତି। ଏଭଳି ପଦକ୍ଷେପ ଆସିଲେ ଭାରତୀୟମାନେ ସବୁଠାରୁ ବେଶି ଲାଭବାନ ହେବେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭିଜା କଟକଣା ଯୋଗୁ ଭାରତୀୟମାନେ ବେଶି ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଏ କ୍ଷେତ୍ରରେ ବର୍ତ୍ତମାନ ନୂଆ ଆଶା ଜନ୍ମିଛି। କମଳା ହାରିସ ଆମେରିକାର ନୂଆ ଉପରାଷ୍ଟ୍ରପତି ହେବେ। ଏଚ୍-୧ବି ଭିଜାଧାରୀଙ୍କ ଜୀବନସାଥୀଙ୍କ ଲାଗି ୱାର୍କ ପରମିଟ ଭିଜା ରଦ୍ଦ କରିବା ନେଇ ପୂର୍ବର ଟ୍ରମ୍ପ ପ୍ରଶାସନ ନେଇଥିବା ନିଷ୍ପତ୍ତିକୁ ମଧ୍ୟ ବାଇଡେନ ପରିବର୍ତ୍ତନ କରିପାରନ୍ତି। ଏହା ହେଲେ ଭାରତୀୟଙ୍କ ଲାଗି ଖୁସି ଖବର ଆସିବ। ଟ୍ରମ୍ପଙ୍କ ଏଭଳି ପଦକ୍ଷେପ ଯୋଗୁ ଆମେରିକାରେ ରହୁଥିବା ଭାରତୀୟ ପରିବାରଗୁଡିକ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହିଭଳି ୫ ଲକ୍ଷ ଭାରତୀୟଙ୍କୁ ଆମେରିକାରେ ନାଗରିକତ୍ୱ ପ୍ରଦାନ ଏବଂ ଗ୍ରୀନ କାର୍ଡ କୋଟା ଉଚ୍ଛେଦ ହୋଇପାରେ।

ଆଗାମୀ ଦିନରେ ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କ ଆହୁରି ଦୃଢ ହେବା ନେଇ ଆସୋସିଏଟେଡ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ(ଆସୋଚାମ) ପକ୍ଷରୁ ମତ ପ୍ରକାଶ ପାଇଛି। ବାଇଡେନ ଏବଂ ହାରିସଙ୍କ ନେତୃତ୍ୱରେ ଦୁଇ ଦେଶ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଲାଗି ମିଳିତ ହୋଇ କାମ କରିବେ ବୋଲି ଆସୋଚାମ ମହାସଚିବ ଦୀପକ ସୁଦ କହିଛନ୍ତି।

### କଳାଟଙ୍କା ଉପରେ ଲଗାମ ଲାଗିଛି: ମୋଦି

ନୂଆଦିଲ୍ଲୀ,୮।୧୧

ବିମୁଦ୍ରୀକରଣକୁ ୪ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଏଭଳି ପଦକ୍ଷେପ ଯୋଗୁ କଳାଟଙ୍କା ଉପରେ ଲଗାମ ଲାଗିଛି। କଳାଟଙ୍କାକୁ କମ୍ କରିବା ଦିଗରେ ଏହା ସହାୟକ ହୋଇଛି। ଟିକସ ଅନୁପାଳନ ବଢ଼ିବା ସହ ସିଷ୍ଟମ ଆହୁରି ପାରଦର୍ଶୀ ହୋଇଛି। ଟିକସ ସଂଗ୍ରହକୁ ଉନ୍ନତ କରିବା ସହ ଦେଶର ହିତ ଲାଗି ବିମୁଦ୍ରୀକରଣ ଯୋଗଦାନ ରଖିଛି। ଏକ ଟୁଇଟରରେ ସେ ଗ୍ରାଫିକ୍ସ ବ୍ୟବହାର କରିବା ସହ ଏହାକୁ ଦର୍ଶାଇଛନ୍ତି। ସେହିଭଳି ବିମୁଦ୍ରୀକରଣ ଦ୍ୱାରା କଳାଧନ ଉପରେ ଅଭୂତପୂର୍ବ ଭାବେ ସରକାର ସଫଳତା ହାସଲ କରିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମତ ରଖିଛନ୍ତି। ଏହା ଦ୍ୱାରା ଦେଶକୁ ଏକ ଡିଜିଟାଲ ଅର୍ଥ ବ୍ୟବସ୍ଥା ଭାଗେ ଗଢିତୋଳିବା ଦିଗରେ ସହାୟତା ମିଳିଛି। ବିମୁଦ୍ରୀକରଣ ପରେ ଅନେକ ଅଘୋଷିତ କଳାଟଙ୍କା ସାମ୍ନାକୁ ଆସିଛି। ଅପରେଶନ ବ୍ଲାକ ମନି ଅର୍ଥ ବ୍ୟବସ୍ଥାକୁ ସଙ୍ଗଠିତ କରିବା ଦିଗରେ ଯୋଗଦାନ ରଖିଥିବା ସେ ମତ ପ୍ରକାଶ କରିଛନ୍ତି।

### ଅର୍ଥ ବ୍ୟବସ୍ଥାକୁ ଧ୍ୱଂସ କରିଛି ବିମୁଦ୍ରୀକରଣ: ରାହୁଲ ଗାନ୍ଧୀ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଏଭଳି ପଦକ୍ଷେପ ଦେଶର ଅର୍ଥ ବ୍ୟବସ୍ଥାକୁ ବରବାଦ କରି ଦେଇଛି। ସରକାରଙ୍କ ଏଭଳି ଏକ ନିଷ୍ପତ୍ତି ଯୋଗୁ ଏହାର ପ୍ରଭାବ ଦେଶର ଅର୍ଥ ବ୍ୟବସ୍ଥାକୁ ସାମ୍ନା କରିବାକୁ ପଡୁଛି। ବାଲାଂଦେଶର ଜିଡିପି ଭାରତକୁ କିଭଳି ଟପିଗଲା ବୋଲି ରାହୁଲ ପ୍ରଶ୍ନ ଉଠାଇଛନ୍ତି। ସେ ପୁଣି କହିଛନ୍ତି, ସରକାର ପୁଞ୍ଜିପତିଙ୍କ ହାତରେ ଦେଶକୁ ଟେକି ଦେଇ ସାଧାରଣ ଲୋକଙ୍କୁ ହଇରାଣ କରିବା ଭଳି ଯୋଜନା ଉପରେ କାମ କରୁଛନ୍ତି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ଏକ ଡିଜିଟାଲ କ୍ୟାମ୍ପେନ ସ୍ପିକ ଅପ୍ ଏଗେନ୍ଷ୍ଟ ଡେମୋ ଡିଜାଷ୍ଟର କ୍ୟାମ୍ପେନ ଆରମ୍ଭ କରାଯାଇଛି।

## ଇନାୟା ଜୁଏଲର୍ସର ଶୁଭ ଉଦଘାଟନ

ଭୁବନେଶ୍ୱର,୮।୧୧

ଇନାୟା ଜୁଏଲର୍ସର ପ୍ରଥମ ରିଟେଲ ଷ୍ଟୋର ସ୍ଥାନୀୟ ରସୁଲଗଡସ୍ଥିତ ଏସପ୍ଲାନେଡ ମଲ ପରିସରରେ ଶୁଭ ଉଦ୍ଘାଟନ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ, ସମ୍ମାନୀତ ଅତିଥି ଭାବରେ ଗୁପ୍ତା କେବୁଲର ମୁଖ୍ୟ ମହେନ୍ଦ୍ର ଗୁପ୍ତା ଯୋଗଦେଇଥିଲେ। ମହିଳା ଉଦ୍ୟୋଗୀ କୋମଲ ଖଣ୍ଡେଲୱାଲଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ନୂତନ ଶୋ'ରୁମରେ ଅତ୍ୟାଧୁନିକ ଡିଜାଇନ ସହ ବେଷ୍ଟ କଲେକ୍ସନ ଗୁଡିକରେ ୧୦୦% ସାର୍ଟିଫାଏଡ ଡାଇମଣ୍ଡ ଜୁଏଲାରୀ ସହ ବିଆଇଏସ୍-୯୧୬ ହଲମାର୍କ ଗୋଲ୍ଡ ମଧ୍ୟ ଉପଲବ୍ଧ ହେଉଛି। ଦୀପାବଳୀ ଏବଂ ଧନତେରସକୁ ଦୃଷ୍ଟିରେ ରଖି ଏହି ଶୋ'ରୁମ ଶୁଭାରମ୍ଭ କରାଯାଇଥିବା ସୂଚନା ମିଳିଛି।



## କେୟାର ହସ୍ପିଟାଲ ପକ୍ଷରୁ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୮।୧୧

କେୟାର ହସ୍ପିଟାଲ ପକ୍ଷରୁ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ୭୦ ବର୍ଷୀୟା ଝୁଲିଆ ସାମଲ ଦୀର୍ଘଦିନ ହେବ କରୋନାରି ଆର୍ଟେରି ରୋଗରେ ପୀଡ଼ିତ ହୋଇ ସ୍ଥାନୀୟ କେୟାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲର ଅଭିଜ୍ଞ ଡାକ୍ତର ଶୁଭକାନ୍ତ ବିଶ୍ୱାଳଙ୍କ ନେତୃତ୍ୱାଧୀନ କାର୍ଡିଓଥୋରାସିସ୍ ସର୍ଜନଙ୍କ ଏକ ସ୍ୱତନ୍ତ୍ର ଟିମ୍ ଝୁଲିଆଙ୍କ ଏହି ଟ୍ରିପଲ ଭେସେଲ ରୋଗ ଭଳି ଏକ ଜଟିଳ କରୋନାରି ଆର୍ଟେରର ଚିକିତ୍ସା ଆରମ୍ଭ କରିଥିଲା। ତାଙ୍କ କରୋନାରି ଆର୍ଟେରି ଓ କରୋଟିଡ୍ ଏଣ୍ଡାରେକ୍ଟୋମିରେ ଅଟକୁଥିବା ରକ୍ତ ପ୍ରବାହକୁ ସ୍ୱାଭାବିକ କରିବା ଲାଗି ବିରଳ ଏକକାଳୀନ କରୋନାରି ଆର୍ଟେରି ବାଇପାସ୍ ଓ କରୋଟିଡ୍ ଏଣ୍ଡାର୍ଟେରେକ୍ଟୋମି ଭଳି ଅସ୍ତ୍ରୋପଚାର କରାଯାଇଛି। ୯୦% ଷ୍ଟେନୋସିସ୍କୁ ନେଇ ଟ୍ରିପଲ ଭେସେଲ ରୋଗର ନିଦାନ ପରେ ଏକ କରୋଟିଡ ଡୋପଲର ଇମେଜ ଟେଷ୍ଟିଂରୁ ଏକ ଦ୍ୱିପାକ୍ଷିକ ଉଲ୍ଲେଖନୀୟ କରୋଟିଡ ଆର୍ଟେରି ଷ୍ଟେନେସିସ୍ ଥିବା ଜଣାପଡିଥିଲା।

## ଫୁର୍ସତ

### ଆଇଆଇଟିର ଗଡ଼ ପଟ୍ୱାଟୋଲି

ପାଟ୍ନା(ବିହାର): କେବଳ ଭଲ କୋଚିଂ ସେଣ୍ଟରରେ ପଢ଼ିବା ଛାତ୍ରୀଛାତ୍ରଙ୍କ ସଫଳତାର ଚାବିକାଠି ହୋଇ ନ ପାରେ। କଠିନ ପରିଶ୍ରମ ହିଁ ସଫଳତା ଦେଇଥାଏ। ମା' ବାପାଙ୍କ ଆର୍ଥିକ ସ୍ଥିତି ଭଲ ନ ଥାଇ ମଧ୍ୟ ଅନେକ ପିଲା ବହୁ କଷ୍ଟରେ ପାଠପଢ଼ି ଉଚ୍ଚସ୍ତରରେ ପହଞ୍ଚିଥିବା ଉଦାହରଣ ରହିଛି। ହେଲେ ବିହାରରେ ଏମିତି ଏକ ଗ୍ରାମ ରହିଛି, ଯେଉଁଠାରେ ୧ହଜାର ଘର ମଧ୍ୟରୁ ପ୍ରାୟ ୨ଶହ ଲୋକଙ୍କ ଘରେ ଅନ୍ତତଃ ଜଣେ ଆଇଆଇଟି(ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ଛାତ୍ର କିମ୍ବା ଇଞ୍ଜିନିୟର ଦେଖିବାକୁ ମିଳନ୍ତି। ଆଇଆଇଟି ହବ୍ ରୂପେ ପରିଚିତ ଗୟା ଜିଲାର




#### ବୁଣାକାର ଗାଁରୁ ସୃଷ୍ଟି ଅନେକ ଇଞ୍ଜିନିୟର

ପଟ୍ୱାଟୋଲି ଗ୍ରାମରେ ପ୍ରାୟ ସମସ୍ତ ଛାତ୍ରଙ୍କ ସ୍ୱପ୍ନ ଏବଂ ଲକ୍ଷ୍ୟ ଆଇଆଇଟିରେ ପଢ଼ିବା। ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ଏହି ଗାଁର ପ୍ରତ୍ୟେକ ଘରର ଲୋକେ ବୁଣାକାର୍ଯ୍ୟ କରି ପରିବାର ଚଳାନ୍ତି। ତେଣୁ ଏହି ଗାଁ ବୁଣାକାରଙ୍କ ଗାଁ ଭାବେ ମଧ୍ୟ ଜଣାଶୁଣା। ହେଲେ ଏହି ବୁଣାକାରଙ୍କ ଅକ୍ଲାନ୍ତ ପରିଶ୍ରମ ଏବଂ ସେମାନଙ୍କ ପିଲାମାନଙ୍କ ଲକ୍ଷ୍ୟ ପ୍ରତି ନିଷ୍ଠା ଓ ସଂଘର୍ଷ ଗାଁକୁ ଆଇଆଇଟିର ଗଡ଼ରେ ପରିଣତ କରିପାରିଛି। ୧୯୯୨ରେ ପ୍ରଥମଥର ପାଇଁ ଗାଁ ବୁଣାକାରଙ୍କ ପୁଅ ଜିତେନ୍ଦ୍ର ସିଂ ଆଇଆଇଟି ପରୀକ୍ଷାରେ ସଫଳତା ପାଇଥିଲେ। ଏହାପରେ ତାଙ୍କଠାରୁ ପ୍ରେରଣା ପାଇ ଗାଁର ଅନେକ ଛାତ୍ର ଆଇଆଇଟିରୁ ପାସ୍ କରି ଦେଶ ଏବଂ ବିଦେଶରେ କାର୍ଯ୍ୟ କରୁଛନ୍ତି।

## ମସ୍ଜିଦ ଦେଖିଲା ଏଥେନ୍ସ

### ୨୦୦ ବର୍ଷ ଇତିହାସରେ ପ୍ରଥମ

ଗ୍ରୀସ୍ର ଐତିହାସିକ ସହର ତଥା ରାଜଧାନୀ ଏଥେନ୍ସ ୨୦୦ବର୍ଷ ଇତିହାସରେ ଦେଖିଛି ମସ୍ଜିଦ। ଏଠାରେ ଗତ ଶୁକ୍ରବାର ଔପଚାରିକ ଭାବେ ନମାଜ ପାଠ ପାଇଁ ଖୋଲିଛି ପ୍ରଥମ ଉପାସନା ଗୃହ। ଏକଦା କଠୋରପନ୍ଥୀ ଶାସକଙ୍କ ଦମନଲୀଳାର ମୂକସାକ୍ଷୀ ପାଲଟିଥିବା ଗ୍ରୀସ୍ର ସୁରକ୍ଷିତ ଭବିଷ୍ୟତ ପାଇଁ ମସ୍ଜିଦ ନିର୍ମାଣ ଉପରେ କଟକଣା ଲାଗୁ କରାଯାଇଥିଲା। ତେଣୁ ଲକ୍ଷାଧିକ ମୁସଲମାନ ସମ୍ପ୍ରଦାୟର ଲୋକଙ୍କ ବସତି ସତ୍ତ୍ୱେ ଏଥେନ୍ସରେ ମସ୍ଜିଦ ନ ଥିଲା।

ଗ୍ରୀସ୍ର ରାଜଧାନୀ ଏଥେନ୍ସରେ ସିରିଆ, ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶରୁ ଆସି ବହୁ ସଂଖ୍ୟାରେ ମୁସଲମାନ ସମ୍ପ୍ରଦାୟର ଲୋକେ ବାସ କରୁଛନ୍ତି। ତଥାପି ପାଖାପାଖି ୨୦୦ ବର୍ଷ ଭିତରେ ଏଠାରେ ଗୋଟିଏ ବି ମସ୍ଜିଦ ନିର୍ମାଣ ହୋଇ ନ ଥିଲା।୧୮୩୩ ପରବର୍ତ୍ତୀ ସମୟରେ ଗତ ଶୁକ୍ରବାର ଏଠାରେ ଔପଚାରିକ ଭାବେ ଖୋଲିଥିବା ଏକ ମସ୍ଜିଦରେ ସାମୂହିକ ନମାଜ ପାଠ ହୋଇଛି। ଏଥେନ୍ସ ହେଉଛି ୟୁରୋପୀୟ ରାଷ୍ଟ୍ରର ଏକମାତ୍ର ରାଜଧାନୀ, ଯେଉଁଠି ଇସ୍ଲାମ ଉପାସନା ସ୍ଥଳ ନିର୍ମାଣକୁ ନେଇ ଏପରି କଠୋର ନିୟମ ଲାଗୁ କରାଯାଇଛି।

ତେବେ ଗ୍ରୀସ୍ରେ କାହିଁକି ଏପରି କଡ଼ା ନିୟମ ଲାଗୁ କରାଗଲା, ତାକୁ ଜାଣିବାକୁ ହେଲେ ଇତିହାସକୁ ଫେରିବାକୁ ପଡ଼ିବ। ୧୮୩୨ରେ ଏଥେନ୍ସରେ ଉସ୍ମାନୀ ସାମ୍ରାଜ୍ୟ ରାଜୁତି କରୁଥିଲା। ଏହାକୁ ବ୍ରିଟିଶମାନେ 'ଅଟୋମନ ଏମ୍ପାୟର' ମଧ୍ୟ କହୁଥିଲେ। ଚରମପନ୍ଥୀ ଶାସନର ହିଂସା, ରକ୍ତପାତ ଦେଖିସାରିଥିବା ଏହି ୟୁରୋପୀୟ ଭୂଖଣ୍ଡ ସ୍ୱାଧୀନତା ପାଇବା ପରେ କୌଣସି ଧର୍ମୀୟ କଠୋରତାକୁ ପ୍ରଶ୍ରୟ ଦେବାକୁ ସିଧାସଳଖ ମନା କରିଦେଇଥିଲା। ପରବର୍ତ୍ତୀ ସମୟରେ ଅନେକ ସରକାର ଆସିଥିଲେ ମଧ୍ୟ ମସ୍ଜିଦ ନିର୍ମାଣ ପ୍ରସଙ୍ଗରେ ଆଲୋଚନା କରି ନ ଥିଲେ।

ମଧ୍ୟପ୍ରାଚ୍ୟରେ ଆର୍ଥିକ ମାନ୍ଦାବସ୍ଥା, ରାଜନୈତିକ ଅସ୍ଥିରତା କାରଣରୁ ସେଠାକାର ମୁସଲମାନମାନେ ୟୁରୋପୀୟ ୟୁନିୟନର ଶରଣାପନ୍ନ ହୋଇଥିଲେ। ୟୁରୋପୀୟ ବିଚାରଧାରାକୁ ବିରୋଧ କରୁଥିବାରୁ ଗ୍ରୀସ୍ ସେମାନଙ୍କ ଲାଗି ପାଲଟିଗଲା ସୁରକ୍ଷିତ ଆଶ୍ରୟସ୍ଥଳ। ଗ୍ରୀସ୍ର ଜନସଂଖ୍ୟା ୧ କୋଟି ମଧ୍ୟରୁ ୨% ମୁସ୍ଲମାନ। ଉସ୍ମାନୀ ଶାସନ କାଳରେ ଗ୍ରୀସ୍ର ରୂଢ଼ିବାଦୀ କ୍ୟାଥୋଲିକ୍ ଲୋକଙ୍କ ଉପରେ ଧର୍ମ ପରିବର୍ତ୍ତନ ଚାପ ପକାଯାଉଥିଲା, ଯାହା ଶାସକ ଗୋଷ୍ଠୀ ବିରୋଧୀ ଅସନ୍ତୋଷର ଝଡ଼ ସୃଷ୍ଟି କରିଥିଲା। ବିଶେଷ କରି ରାଜଧାନୀ ଏଥେନ୍ସରେ ଏହାକୁ ନେଇ ପ୍ରବଳ ବିରୋଧାଭାସ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଉଦାରବାଦୀ ଧର୍ମ ନିରପେକ୍ଷ ଗୋଷ୍ଠୀ ହାତକୁ ଶାସନ ଭାର ଯିବା ପରେ ଏଠାରେ ମସ୍ଜିଦ ନିର୍ମାଣ ଲାଗି ପ୍ରୟାସ ଆରମ୍ଭ ହୋଇଥିଲା। ଏଥିଲାଗି ସଂସଦରେ ବିଲ୍ ଅଣାଯିବାକୁ ଉଦ୍ୟମ ମଧ୍ୟ କରାଯାଇଥିଲା। ହେଲେ ଏହା ବିଫଳ ହୋଇଥିଲା। ବିତ୍ତୀୟସଙ୍କଟ, ରୂଢ଼ିବାଦୀ ଖ୍ରୀଷ୍ଟିଆନ ବହୁଳତା ଆଦି ପ୍ରସଙ୍ଗ ମସ୍ଜିଦ ନିର୍ମାଣରେ କଣ୍ଟା ସାଜିଥିଲା। ଗ୍ରୀକ୍ର ଚର୍ଚ୍ଚଗୁଡ଼ିକ ମଧ୍ୟ ମସ୍ଜିଦ ନିର୍ମାଣକୁ ନେଇ ବାରମ୍ବାର ଆପତ୍ତି ଉଠାଉଥିଲେ। ଏହି କାରଣରୁ ସବୁଠାରୁ ବେଶି ପ୍ରଭାବିତ ହୋଇଥିଲେ ଏଥେନ୍ସର ମୁସଲମାନ ଗୋଷ୍ଠୀ। ମସ୍ଜିଦ ନ ଥିବାରୁ ନିର୍ଦ୍ଦିଷ୍ଟ ପର୍ବରେ ଏକାଠି ହେବାରେ ସେମାନେ ସମସ୍ୟା ଭୋଗୁଥିଲେ। ଉଦାରବାଦୀ ଶାସକ ଗୋଷ୍ଠୀଙ୍କ ପ୍ରୟାସରେ ମସ୍ଜିଦ ନିର୍ମାଣ ହୋଇପାରିଛି। ତେବେ ଏହାର ଆକୃତି ସାଦାସିଧା କୋଠାଭଳି ହୋଇଥିବାରୁ ଅସନ୍ତୋଷ ଦେଖାଦେଇଛି।



## ଦୀପିକାଙ୍କ ଡିମାଣ୍ଡ ୧୫ କୋଟି

ମୁମ୍ବାଇ: ଯଶରାଜ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଫିଲ୍ମ 'ପଠାନ'ର କଳାକାରମାନଙ୍କ ପାରିଶ୍ରମିକକୁ ନେଇ ଚର୍ଚ୍ଚା ହେଉଛି। ହାଇ ବଜେଟ୍ରେ ଏହି ଆକ୍ସନ-ଥ୍ରୀଲର ଫିଲ୍ମ ପାଇଁ ଦୀପିକା ପାଦୁକୋନ ୧୫ କୋଟି ଟଙ୍କା ପାରିଶ୍ରମିକ ନେଉଥିବା କୁହାଯାଉଛି। ସେ ହଠାତ୍ ତାଙ୍କର ପାରିଶ୍ରମିକ ବଢ଼ାଇଦେଇଛନ୍ତି। ଫିଲ୍ମର ଅନ୍ୟତମ ପ୍ରମୁଖ ଭୂମିକାରେ ଅଭିନୟ କରୁଥିବା ଜନ ଆବ୍ରାହମଙ୍କ ପାରିଶ୍ରମିକକୁ ନେଇ ମଧ୍ୟ ପୂର୍ବରୁ ଚର୍ଚ୍ଚା ହେଉଥିଲା। ସେ ୨୫ କୋଟି ଡିମାଣ୍ଡ କରିଥିଲେ। ୨୦୧୮ ପରେ କିଙ୍ଗ ଖାନ ଶାହରୁଖ ଏହି ଫିଲ୍ମ ଜରିଆରେ ପୁଣି ଦର୍ଶକଙ୍କ ସାମ୍ନାକୁ ଫେରୁଛନ୍ତି। 'ଜିରୋ' ପରେ ଶାହରୁଖ ଓ ଦୀପିକା ପାଦୁକୋନ ପୁଣି ଥରେ ଏକାଠି ନଜର ଆସିବେ। ଫିଲ୍ମ 'ପଠାନ'ର ନିର୍ଦ୍ଦେଶନା ଦେଇଛନ୍ତି ସିଦ୍ଧାର୍ଥ ଆନନ୍ଦ। ଆଦିତ୍ୟ ଚୋପ୍ରା ଏହାର ପ୍ରଯୋଜନା କରୁଛନ୍ତି। ଏହା ଏକ ହାଇ ବଜେଟ ଫିଲ୍ମ ବୋଲି କୁହାଯାଉଛି। ଫିଲ୍ମ 'ପଠାନ'ରେ ଜନ ଖଳନାୟକ ଭୂମିକାରେ ନଜର ଆସିବେ। ଏହି ଫିଲ୍ମ ପାଇଁ ଆଦିତ୍ୟ ଚୋପ୍ରା ପ୍ରାୟ ୨୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ସବୁଠୁ ଖାସ କଥା ହେଉଛି, ଏଥିରେ ଶାହରୁଖଙ୍କ ପାରିଶ୍ରମିକ ସାମିଲ ନାହିଁ। ଆଦିତ୍ୟ ଏହି ଫିଲ୍ମରେ ଅଭିନୟଠାରୁ ଆରମ୍ଭ କରି ଆକ୍ସନ ପର୍ଯ୍ୟନ୍ତ ସବୁକିଛି ଅନ୍ତର୍ଜାତୀୟ ସ୍ତରୀୟ ବନେଇବା ପାଇଁ ଚେଷ୍ଟା କରୁଛନ୍ତି।



# ଦିଲ୍ଲୀ-ମୁମ୍ବାଇ ଫାଇନାଲ

**ଆବୁଧାବି, ୮।୧୧**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ କ୍ୱାଲିଫାୟର-୨ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୧୭ ରନରେ ହରାଇ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମଥରପାଇଁ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨୦ ଓଭରରେ ୩ ଉଇକେଟ ହରାଇ ୧୮୯ ରନ କରିଥିଲା। ଜବାବରେ କେନ୍ ୱିଲିୟମସନଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ସନ୍‌ରାଇଜର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୭୨ ରନ କରିବାକୁ ସକ୍ଷମ ହୋଇଥିଲା। ପରାଜୟ ସହ ସନ୍‌ରାଇଜର୍ସର ଅଭିଯାନ ଏଠାରୁ ଶେଷ ହୋଇଛି। ଦିଲ୍ଲୀ ଫାଇନାଲରେ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ। ହାଇ ପ୍ରୋଫାଇଲ୍ ଲିଗ୍‌ର ଫାଇନାଲ ମଙ୍ଗଳବାର ଦୁବାଇରେ ଖେଳାଯିବ। ଚଳିତ ଲିଗ୍‌ର କ୍ୱାଲିଫାୟର-୧ରେ ମୁମ୍ବାଇ ଓ ଦିଲ୍ଲୀ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ମୁମ୍ବାଇ ଜିତି ଫାଇନାଲରେ ପ୍ରବେଶ କରିଥିଲା। ତେଣୁ ଦିଲ୍ଲୀ ନିକଟରେ ଏବେ ପରାଜୟର ମଧୁର ପ୍ରତିଶୋଧ ନେବା

**ଆଇପିଏଲ-୨୦୨୦**

ସୁଯୋଗ ରହିଛି। ୨୦୧୬ରେ ଚାମ୍ପିୟନ ହୋଇଥିବା ସନ୍‌ରାଇଜର୍ସ ୨୦୧୮ରେ ରନର୍ସଅପ୍ ଏବଂ ୨୦୧୩, ୨୦୧୭ ଓ ୨୦୧୯ରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ୨୦୧୪ ଓ ୨୦୧୫ରେ ଏହି ଦଳ ୬ଷ୍ଠ ସ୍ଥାନ ପାଇଥିବାବେଳେ ଏଥର ୩ୟ ସ୍ଥାନରେ ସନ୍ତୁଷ୍ଟ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଦିଲ୍ଲୀ ଅଧିନାୟକ ଶ୍ରେୟାସ ଆୟାର। ଶିଖର ଧାୱନଙ୍କ ସହ ଇନିଂସ ଓପନ କରିଥିଲେ ମାର୍କୁସ ଷ୍ଟୋଇନିସ। ରଣନୀତି ବଢ଼ିଆ କାମ ଦେଇଥିଲା। ଦୁଇ ଓପନର ଆକ୍ରମଣାତ୍ମକ ବ୍ୟାଟିଂ କରି ପାୱାରପ୍ଲେ ୬ ଓଭରରେ ଦଳୀୟ ସ୍କୋରକୁ ୬୫ରେ ପହଞ୍ଚାଇଥିଲେ। ୫୦ ବଲ୍‌ରୁ ୮୬ ରନ ସଂଗ୍ରହ ପରେ ଓପନିଂ ଯୋଡ଼ି ଭାଙ୍ଗିଥିଲା। ତାରକା ସ୍ପିନର ରଶିଦ ଖାଁ ସନ୍‌ରାଇଜର୍ସଙ୍କୁ ଏହି ବ୍ରେକ୍ ଥ୍ରୁ ଦେଇଥିଲେ। ୨୭ଟି ବଲ୍ ଖେଳିଥିବା ଷ୍ଟୋଇନିସ ୫ ଚୌକା ଓ ୧ ଛକା ସହାୟତାରେ ୩୮ ରନ ସ୍କୋର କରି ରଶିଦଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ୯.୪ ଓଭରରେ ଦିଲ୍ଲୀ ସ୍କୋର ୧୦୦ ଅତିକ୍ରମ କରିଥିଲା। ସେତେବେଳକୁ ଭେଟେରାନ ଧାୱନ କ୍ୟାରିୟରର ୪୧ତମ ଆଇପିଏଲ ଅର୍ଦ୍ଧଶତକ ହାସଲ କରିସାରିଥିଲେ। ମଧ୍ୟଭାଗରେ ସନ୍‌ରାଇଜର୍ସ ବୋଲରମାନେ ଟାଇଟ୍ ବୋଲିଂ କରିଥିଲେ। ଫଳରେ ୧୦ରୁ ୧୫ ଓଭର ମଧ୍ୟରେ ଦିଲ୍ଲୀ ମାତ୍ର ୩୭ ରନ କରି ୧ ଉଇକେଟ ହରାଇଥିଲା। ଦ୍ୱିତୀୟ ଉଇକେଟରେ ଧାୱନଙ୍କ ସହ ୪୦ ରନ ଯୋଡ଼ିବାପରେ ଆୟାର ବ୍ୟକ୍ତିଗତ ୨୧(୨୦ ବଲ, ୧ ଚୌକା) ରନ କରି ଆଉଟ ହୋଇଥିଲେ। ଶେଷଭାଗରେ ଧାୱନ ଓ ଶିମରନ ହେଟମେର ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ। ୧୮ ଓଭର ବେଳକୁ ଦିଲ୍ଲୀ ସ୍କୋର ୧୭୬/୨ ହୋଇଥିଲା। ତେବେ ୧୯ତମ ଓଭରରେ ଧାୱନ ଆଉଟ ହୋଇଯିବାରୁ ଦିଲ୍ଲୀ ୨୦୦ର ନିକଟତର ହୋଇପାରି ନ ଥିଲା। ୫୦ଟି ବଲ୍ ଖେଳିଥିବା ଧାୱନ ୬ ଚୌକା ଓ ୨ ଛକା ସହାୟତାରେ ୭୮ ରନ କରିଥିବାବେଳେ ସନ୍ଦୀପ ଶର୍ମାଙ୍କ ବଲ୍‌କୁ ରିଭର୍ସ ସୁଇପ୍ ଖେଳିବାକୁ ଯାଇ ବିଫଳ ହୋଇଥିଲେ। ତେବେ ଏହା ମଧ୍ୟରେ ସେ ଚଳିତ ଆଇପିଏଲ୍‌ରେ ୬୦୦ ରନ ପୂରଣ କରିଥିଲେ। ହେଟମେର ୨୨ ବଲ୍‌ରୁ ଦ୍ରୁତ ୪୨(୪ ଚୌକା, ୧ ଛକା) ରନ କରି ଅପରାଜିତ ରହିଥିଲେ। ସନ୍‌ରାଇଜର୍ସ ପକ୍ଷରୁ ରଶିଦ ଖାଁ, ଜାସନ ହୋଲ୍ଡର, ସନ୍ଦୀପ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବୃହତ୍ ସ୍କୋର ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ସନ୍‌ରାଇଜର୍ସ ରବିଚନ୍ଦ୍ରନ ଅଶ୍ୱିନଙ୍କ ପ୍ରଥମ ଓଭରରୁ ୧୨ ରନ ସଂଗ୍ରହ କରିଥିଲେ ହେଁ ଦ୍ୱିତୀୟ ଓଭର ବୋଲିଂ କରିଥିବା କାଗିଶୋ ରାବାଡ଼ାଙ୍କ ପ୍ରଥମ ବଲ୍‌ରେ ଅଧିନାୟକ ଡେଭିଡ ୱାର୍ନରଙ୍କ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଅଧିନାୟକଙ୍କ ବିଦାୟରେ ଚାପଗ୍ରସ୍ତ ହୋଇଥିଲେ ହେଁ ବ୍ୟାଟିଂକ୍ରମରେ ଉପରେ ଆସିଥିବା ପ୍ରିୟମ ଗର୍ଗ ଓ ମନୀଷ ପାଣ୍ଡେ ଦ୍ରୁତ ହାରରେ ରନ ସଂଗ୍ରହ ଉପରେ ମନୋନିବେଶ କରିଥିଲେ। ତେବେ ୫ମ ଓଭରରେ ବୋଲିଂ କରିବାକୁ ଆସିଥିବା ଷ୍ଟୋଇନିସ ଗୋଟିଏ ବଲ୍ ବ୍ୟବଧାନରେ ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇ ଦିଲ୍ଲୀ ଶିବିରରେ ଉତ୍ସାହ ଭରି ଦେଇଥିଲେ। ଗର୍ଗ ୧୨ ବଲ୍‌ରୁ ୧୭(୨ ଛକା) ଓ ମନୀଷ ୧୪ ବଲ୍‌ରୁ ୨୧(୩ ଚୌକା) ରନ କରିଥିଲେ। ଚାପର ବଶବର୍ତ୍ତୀ ନ ହୋଇ ୱିଲିୟମସନ ଲଢୁଆ ପ୍ରଦର୍ଶନ ଜାରି ରଖିଥିଲେ। ସେ ଅବଦୁଲ ସମଦଙ୍କ ସହ ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ି ଦଳପାଇଁ ଆଶା ଉଜ୍ଜୀବିତ ରଖିଥିଲେ। ମାତ୍ର ୧୬ତମ ଓଭରରେ ବୋଲିଂଭାର ପାଇଥିବା ଷ୍ଟୋଇନିସ ୫ମ ବଲ୍‌ରେ ୱିଲିୟମସନଙ୍କୁ ରାବାଡ଼ାଙ୍କ ହାତରେ କ୍ୟାଚ କରାଇ ଦଳକୁ ବଡ଼ ସଫଳତା ଦେଇଥିଲେ। ୪୫ଟି ବଲ୍ ଖେଳିଥିବା ୱିଲିୟମସନ ୫ ଚୌକା ଓ ୪ ଛକା ସହାୟତାରେ ୬୭ ରନ କରିଥିଲେ। ଶେଷଭାଗରେ ସମଦ ଓ ରଶିଦ ଖାଁ କେତେକ ଦର୍ଶନୀୟ ଶଟ୍ ଖେଳିଥିଲେ ହେଁ ସନ୍‌ରାଇଜର୍ସ ଇନିଂସ ୧୭୨/୮ରେ ସୀମିତ ରହିଥିଲା। ସମଦ ୩୩(୧୬ ବଲ, ୨ ଚୌକା, ୨ ଛକା) ଓ ରଶିଦ ୧୧(୭ ବଲ୍, ୧ ଚୌକା, ୧ ଛକା) ରନ କରିଥିବାବେଳେ ଗୋସ୍ୱାମୀ ଖାତା ଖୋଲିପାରି ନ ଥିଲେ। ଦିଲ୍ଲୀ ପକ୍ଷରୁ ରାବାଡ଼ା ୪ଟି, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଷ୍ଟୋଇନିସ ୩ଟି ଓ ଅକ୍ଷର ଗୋଟିଏ ଉଇକେଟ ନେଇଥିଲେ।



ଦ୍ରୁତ ୭୮ ରନ୍‌ର ଇନିଂସ ଅବସରରେ ଶିଖର ଧାୱନ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୮୯/୩ (ଧାୱନ-୭୮, ହେଟମେର-୪୨*, ଷ୍ଟୋଇନିସ-୩୮, ଆୟାର-୨୧, ରଶିଦ-୧/୨୬, ସନ୍ଦୀପ-୧/୩୦, ହୋଲ୍ଡର-୧/୫୦)। ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୭୨/୮ (ୱିଲିୟମସନ-୬୭, ସମଦ-୩୩, ମନୀଷ-୨୧, ରାବାଡ଼ା-୪/୨୯, ଷ୍ଟୋଇନିସ-୩/୨୬, ଅକ୍ଷର-୧/୩୩)।

# ହ୍ୟାଟ୍ରିକ ଟାଇଟଲ ଲକ୍ଷ୍ୟରେ ସୁପରନୋଭାସ

**ଶାରଜା, ୮।୧୧(ପି.ଟି.)**

ମହିଳା ଟି୨୦ ଚ୍ୟାଲେଞ୍ଜ କ୍ରିକେଟର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି।ସୁପରନୋଭାସଓଟ୍ରେଲ୍‌ବ୍ଲେଜର୍ସମଧ୍ୟରେଫାଇନାଲ ସୋମବାର ଅନୁଷ୍ଠିତ ହେବ। ଗତ ଦୁଇଥରର ଚାମ୍ପିୟନ ସୁପରନୋଭାସ ମୋମେଣ୍ଟମ ସହିତ ଆଗକୁ ବଢୁଥିବାରୁ କ୍ରମାଗତ ତୃତୀୟଥର ଟାଇଟଲ ହାସଲ ସହ ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛି। ୨୦୧୮ ଓ ୨୦୧୯ରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଏହି ଦଳ ଚାମ୍ପିୟନ ହୋଇଥିଲା।

ଶନିବାର ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚରେ ସୁପରନୋଭାସ ସ୍ମୃତି ମାନ୍ଧାନାଙ୍କ ଟ୍ରେଲ୍‌ବ୍ଲେଜର୍ସ ଦଳକୁ ରୋମାଞ୍ଚକଭାବେ ମାତ୍ର ୨ ରନରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସୁପରନୋଭାସ ୨୦ ଓଭରରେ ୬ ଉଇକେଟ ହରାଇ ୧୪୬ ରନ କରିଥିବାବେଳେ ଟ୍ରେଲ୍‌ବ୍ଲେଜର୍ସ

**ମହିଳା ଟି୨୦ ଚ୍ୟାଲେଞ୍ଜ ଫାଇନାଲ ଆଜି**

୨୦ ଓଭରରେ ୫ ଉଇକେଟ ହରାଇ ୧୪୪ ରନରେ ସୀମିତ ରହିଥିଲା। ଶେଷ ୬ ବଲ୍‌ରୁ ବିଜୟ ପାଇଁ ଟ୍ରେଲ୍‌ବ୍ଲେଜର୍ସ ମାତ୍ର ୧୦ ରନ ଆବଶ୍ୟକ କରୁଥିଲା। ମାତ୍ର ମାତ୍ର ଚାପର ବଶବର୍ତ୍ତୀ ହୋଇ ଏହାର ବ୍ୟାଟ୍ସଓମ୍ୟାନମାନେ ସ୍ପିନର ରାଧା ଯାଦବଙ୍କ ଏହି ଓଭରରୁ ୭ ରନ ସଂଗ୍ରହ କରି ପାରିଥିଲେ। ଲିଗ୍ ପର୍ଯ୍ୟାୟ ଶେଷରେ ଏହି ଦୁଇ ଦଳ ସହିତ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭେଲୋସିଟି ମଧ୍ୟ ୨ ପଏଣ୍ଟ ପାଇଥିଲା। ମାତ୍ର ରନ ହାରରେ ଭେଲୋସିଟି ପଛରେ ପଡ଼ି ଯାଇଥିଲା। ଟ୍ରେଲ୍‌ବ୍ଲେଜର୍ସ +୨.୧୦୯, ସୁପରନୋଭାସ -୦.୦୫୪ ଓ ଭେଲୋସିଟି -୧.୮୬୯ ରନ ହାରରେ ପ୍ରତିଯୋଗିତା ଶେଷ କରିଥିଲା।

ସୁପରନୋଭାସ ଓପନର ଚାମରି ଆଟାପାଟ୍ଟୁ (୧୧୧ ରନ) ଚମତ୍କାର ଫର୍ମରେ ଅଛନ୍ତି। ଗତ ଟ୍ରେଲ୍‌ବ୍ଲେଜର୍ସ ବିପକ୍ଷ ମ୍ୟାଚରେ ସେ ୪୮ ବଲ୍‌ରୁ ୬୭ ରନ ସଂଗ୍ରହ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଲିଗ୍ ମ୍ୟାଚ ଦୁଇଟିରେ ୩୧ ରନ ଲେଖାଏ କରିଥିବା ଅଧିନାୟିକା ହରମନପ୍ରୀତ ଫାଇନାଲରେ ବଡ଼ ସ୍କୋର ଆଶାରେ ଅଛନ୍ତି।



ଟ୍ରେଲ୍‌ବ୍ଲେଜର୍ସ ବିପକ୍ଷ ଗତ ମ୍ୟାଚ୍‌ରେ ଚମତ୍କାର ବୋଲିଂ କରିଥିବା ରାଧା ଯାଦବ।

ଟ୍ରେଲ୍ ବ୍ଲେଜର୍ସ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରି ଭେଲୋସିଟିକୁ ମାତ୍ର ୪୭ ରନରେ ଅଲ୍‌ଆଉଟ କରିଥିଲେ। ତେବେ ସୁପରନୋଭାସ ବିପକ୍ଷ ମ୍ୟାଚରେ ସେ ପ୍ରଦର୍ଶନ ଦୋହରାଇପାରି ନ ଥିଲେ। ଅଧିନାୟିକା ମାନ୍ଧାନା ୨ଟି ମ୍ୟାଚରେ ମାତ୍ର ୩୯ ରନ କରିଛନ୍ତି। ତେଣୁ ଫାଇନାଲରେ ପ୍ରତିପକ୍ଷ ଦଳକୁ ଟକ୍କର ଦେବାକୁ ହେଲେ ତାଙ୍କ ବ୍ୟାଟ୍‌ରୁ ବଡ଼ ସ୍କୋର ଆସିବା ଆବଶ୍ୟକ ହେଉଛି। ମେଗା ମ୍ୟାଚରେ ଦୁଇ ଦଳର ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ଆଶା କରାଯାଉଛି। ଟ୍ରେଲ୍‌ବ୍ଲେଜର୍ସ ଦଳରେ ବିଶ୍ୱର ନମ୍ବରୱାନ ଟି୨୦ ସ୍ପିନର ଏକେଲ୍‌ଷ୍ଟୋନ ଓ ରାଜେଶ୍ୱରୀ ଗାଏକ୍ୱାଡ୍ ଥିବାବେଳେ ସୁପରନୋଭାସ ଦଳରେ ଭାରତୀୟ ତାରକା ଲେଗ୍ ସ୍ପିନର ପୁନମ ଯାଦବ ଓ ରାଧା ଯାଦବ ରହିଛନ୍ତି। ସୁପରନୋଭାସ ଦୁଇଥର ଫାଇନାଲ ଖେଳି ସାରିଛି। ତେଣୁ ଚାପ ସ୍ଥିତିରେ କିପରି ଖେଳିବାକୁ ହେବ ତାହା ଏହି ଦଳକୁ ଅଧିକ ଜଣାଅଛି। ଏହି ଅଭିଜ୍ଞତା ଫାଇନାଲ ଫଳାଫଳରେ ଭିନ୍ନତା ଆଣିପାରେ।

# ପାକିସ୍ତାନର କ୍ରମାଗତ ଦ୍ୱିତୀୟ ବିଜୟ



ବାବର ଆଜମ ଓ ହାଇଦର ଅଲୀ।

**ରାୱଲପିଣ୍ଡି, ୮।୧୧:** ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ପାକିସ୍ତାନ ୮ ଉଇକେଟରେ ବିଜୟ ହାସଲ କରିଛି। ଏଥିସହିତ ଘରୋଇ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିବା ସହ ୩ ମ୍ୟାଚବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ରବିବାର ସ୍ଥାନୀୟ ରାୱଲପିଣ୍ଡି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍‌ଜିତି ପାକିସ୍ତାନ ବୋଲିଂ ନିଷ୍ପତ୍ତି ନେଇଥିଲା। ଭ୍ରମଣକାରୀ ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୩୪ ରନ କରିଥିଲା। ଦଳର ଟପ୍ ସ୍କୋରର ର୍‌ୟାନ୍ ବର୍ଲ ୩୨ ରନ କରି ଅପରାଜିତ ରହିଥିବାବେଳେ ମାଧେଭେରେ ୨୪ ରନ କରିଥିଲେ। ପାକିସ୍ତାନ ତରଫରୁ ହାରିସ୍ ରଫ୍ ଓ ଉସ୍‌ମାନ କାଦିର ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଆୟୋଜକ ଦଳ ୧୫. ୧ ଓଭରରେ ୨ଉଇକେଟ ବିନିମୟରେ ୧୩୭ ରନ କରିବା ସହ ମ୍ୟାଚ ଜିତି ନେଇଥିଲା। ଦଳ ଟପ୍ ସ୍କୋରର ହାଇଦର ଅଲୀ ୬୬ରନ କରି ଅପରାଜିତ ରହିଥିଲେ। ସେ ୬ ଚୌକା ଓ ୩ ଛକା ଲଗାଇଥିଲେ। ଅଧିନାୟକ ବାବର ଆଜାମ ୨୮ ବଲ୍‌ରେ ୮ ଚୌକା ଓ ୧ ଛକା ସହ ୫୧ରନ କରିଥିଲେ। ଜିମ୍ବାୱେ ତରଫରୁ ବ୍ଲେସିଂ ମୁଜାରାବାନି ୨ ଉଇକେଟ ନେଇଥିଲେ।

ପାକିସ୍ତାନର ହାଇଦର ଅଲୀ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ତୃତୀୟ ତଥା ସିରିଜର ଅନ୍ତିମ ମ୍ୟାଚ ଏହି ଭେନ୍ୟୁରେ ମଙ୍ଗଳବାର ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

**ଜିମ୍ବାୱେ:** ୨୦ ଓଭରରେ ୧୩୪/୭ (ର୍‌ୟାନ୍ ବର୍ଲ-୩୨*, ମାଧେଭେରେ-୨୪, ଚିଗୁମ୍ବୁରା-୧୮, ଉସ୍‌ମାନ କାଦିର-୩/୨୩, ହାରିସ୍ ରଫ୍-୩/୩୧)।

**ପାକିସ୍ତାନ:** ୧୫.୧ ଓଭରରେ ୧୩୭/୨ (ହାଇଦର ଅଲୀ-୬୬*, ବାବର ଆଜାମ-୫୧, ବ୍ଲେସିଂ ମୁଜାରାବାନି-୨/୩୩)।

# ଟୋକିଓରେ ଦିନିକିଆ ଜିମ୍ନାଷ୍ଟିକ୍ ମିଟ୍

**ଟୋକିଓ, ୮।୧୧ (ଏପି)**

ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଉପସ୍ଥିତିରେ ଜାପାନରେ ରବିବାର ଏକ ପ୍ରଦର୍ଶନୀ ଜିମ୍ନାଷ୍ଟିକ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୁଷିଆ, ଚାଇନା ଓ ଯୁକ୍ତରାଷ୍ଟ୍ର ଆମେରିକାର ୨୨ଜଣ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଆୟୋଜକ ଦେଶରୁ ମଧ୍ୟ ୮ଜଣ ଭାଗ ନେଇଥିଲେ। ଆଗକୁ ଟୋକିଓ ଅଲିମ୍ପିକ୍ସ ଦୃଷ୍ଟିରୁ ନିଶ୍ଚିତ ଏହା ଏକ ଭଲ ଖବର। ପ୍ରତିଯୋଗିତା ପୂର୍ବରୁ ଅଣଜାପାନୀ ପ୍ରତିଯୋଗୀମାନଙ୍କୁ ଟୋକିଓସ୍ଥିତ ସେମାନଙ୍କ ହୋଟେଲରେ ୧୪ ଦିନ କ୍ୱାରାଣ୍ଟାଇନରେ ରହିବାକୁ ହୋଇଥିଲା। ଟୋକିଓ ଅଲିମ୍ପିକ୍ସ ଆଉ ୯ ମାସରୁ କମ୍ ସମୟ ରହିଛି। ଏଥିରେ ୨୦୬ ଟିଦେଶରୁ ୧୧,୦୦୦ ଆଥଲେଟ ଭାଗ ନେବେ। ପୁନଶ୍ଚ ଅତିରିକ୍ତ ୪,୪୦୦ରୁ ଅଧିକ ପାରାଅଲିମ୍ପିଆନ୍ ହଜାରରୁ ଅଧିକ ଅଫିସିଆଲ ଜଜ୍, ଭିଆଇପି, ମିଡିଆ, ବ୍ରଡକାଷ୍ଟର ଏବଂ ସ୍ପନସର ମଧ୍ୟରେ ଜାପାନରେ ପ୍ରବେଶ କରିବେ। ଇଭେଣ୍ଟରେ ଯୋଗଦେବା ଲାଗି ପ୍ରାୟ ୧୦ ହଜାର ଅଣଜାପାନୀ ଖେଳପ୍ରେମୀଙ୍କୁ ଅନୁମତି ଦିଆଯିବ ଗେମ୍ସକୁ କେବଳ ଜାପାନୀ ଦର୍ଶକଙ୍କ ମଧ୍ୟରେ ସୀମିତ ରଖାଯିବ ବର୍ତ୍ତମାନ ତାହା ଏକ ପ୍ରଶ୍ନ। ଆସନ୍ତା ବର୍ଷ କରୋନା ଭ୍ୟାକ୍ସିନ ଯଦି ଆସେ ଏବଂ ରାପିଡ୍ ଟେଷ୍ଟିଂ ଉପଲବ୍ଧ ହୁଏ ତା' ହେଲେ କିଛି ପରିମାଣରେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଟୋକିଓ ଆୟୋଜକ ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ମନେ କରୁଛନ୍ତି। ଜାପାନର ୩ ଥର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା କୋହେଇ ଉଚିମୁରା କହିଛନ୍ତି, ରବିବାର ପ୍ରଦର୍ଶନୀ ଇଭେଣ୍ଟ ସଫଳତାର ସହ ଆୟୋଜନ ହୋଇ ପାରିଥିବାରୁ ଅଲିମ୍ପିକ୍ସ ଆୟୋଜନରେ ସମସ୍ୟା ରହିବ ନାହିଁ ବୋଲି ସ୍ପଷ୍ଟ ସୂଚନା ମିଳିଛି। ମାତ୍ର ଦୁର୍ଭାଗ୍ୟର ବିଷୟ ଏହିକି ଯେ, କୋଭିଡ୍ ଯୋଗୁ ଟୋକିଓ ଅଲିମ୍ପିକ୍ସ ଆୟୋଜନ ହୋଇପାରିବ ନାହିଁ ବୋଲି ୮୦% ଜାପାନୀଙ୍କ ମନରେ ଧାରଣା ସୃଷ୍ଟି ହୋଇଛି।

# ପୂର୍ବତନ ପାକିସ୍ତାନ ଅଧିନାୟକ ସର୍ଫରାଜଙ୍କୁ ଜରିମାନା

**କରାଚୀ, ୮।୧୧ (ପି.ଟି.):** ପାକିସ୍ତାନର ପୂର୍ବତନ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କୁ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ ଜରିମାନା ହୋଇଛି। କଏଦ-ଇ-ଆଜାମ୍ ଟ୍ରଫିର ଏକ ମ୍ୟାଚ ବେଳେ ଖରାପ ଭାଷା ପ୍ରୟୋଗ ପାଇଁ ତାଙ୍କୁ ଏହି ଦଣ୍ଡ ବିଧାନ କରାଯାଇଛି। ସିନ୍ଧ୍ ଫାଷ୍ଟ ଏକାଦଶ ଅଧିନାୟକ ୩୩ ବର୍ଷୀୟ ସର୍ଫରାଜ ଶନିବାର ତାଙ୍କ ଦଳର ଏକ ମ୍ୟାଚ ବେଳେ ଲେଭଲ-୧ ନିୟମ ଉଲ୍ଲଂଘନ କରିଥିବା ସ୍ୱୀକାର କରିଛନ୍ତି। ସେ ଦିନ ଖେଳରେ ସର୍ଫରାଜ ଏକାଧିକ ଥର ଅମ୍ପାୟରଙ୍କ ନିଷ୍ପତ୍ତି ବିରୋଧରେ ଅନୁଚିତ ଟିପ୍ପଣୀ ଦେଇଥିବା ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପ୍ରକାଶ କରିଛି। ସର୍ଫରାଜ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ଉଦ୍ଦିଷ୍ଟ ପିସିବି ଆଚରଣ ବିଧି ଉଲ୍ଲଂଘନ କରିଥିବା ସମ୍ପର୍କରେ ଅନ୍ ଫିଲ୍ଡ ଅମ୍ପାୟର ଫୈଜଲ ଆଫ୍ରିଦୀ ଓ ସାକିବ ଖାନ୍ ରିପୋର୍ଟ କରିଥିଲେ। ଶନିବାର ଅନ୍ୟ ଏକ ଘଟଣାରେ ସେଣ୍ଟ୍ରାଲ ପଞ୍ଜାବ ବ୍ୟାଟ୍ସମ୍ୟାନ ଉସ୍‌ମାନ ସଲାହୁଦ୍ଦିନଙ୍କୁ ମଧ୍ୟ ତାଙ୍କ ମ୍ୟାଚ୍ ଫି'ର ୨୦ ପ୍ରତିଶତ ଜରିମାନା କରାଯାଇଛି।

# ରାମକୁମାର ରନର୍ସଅପ୍

**ଇକେଷ୍ଟାଲ୍, ୮।୧୧ (ପି.ଟି.):** ଭାରତୀୟ ଟେନିସ ଖେଳାଳି ରାମକୁମାର ରମାନାଥନ ଚ୍ୟାଲେଞ୍ଜର ସର୍କିଟରେ ପୁଣି ଥରେ ରନର୍ସ ହୋଇଛନ୍ତି। ରବିବାର ଅନୁଷ୍ଠିତ ଇକେଷ୍ଟାଲ ଟେନିସ୍ ଇଭେଣ୍ଟର ଫାଇନାଲରେ ସେ ଆମେରିକାର ସେବାଷ୍ଟିଆନ କୋର୍ଡାଙ୍କଠାରୁ ୪-୬, ୪-୬ ସେଟ୍‌ରେ ହାରିଯାଇଛନ୍ତି। ଏହି ମ୍ୟାଚ ଏକ ଘଣ୍ଟା ୨୩ ମିନିଟ୍ ଧରି ଚାଲିଥିଲା। ଏହାକୁ ମିଶାଇ ରାମକୁମାର ୫ମ ଥର ଚ୍ୟାଲେଞ୍ଜର ସର୍କିଟ ଫାଇନାଲ ଜିତିବାରେ ବିଫଳ ହୋଇଛନ୍ତି।

**୬୧ତମ ଜନ୍ମଦିନର ଶୁଭେଚ୍ଛା**





ସୁଶୀଲ କୁମାର ରଣା
ଗ୍ରାମ: କଷାଫଳ, ଜିଲ୍ଲା: ବାଲେଶ୍ୱର
ବାବା ଶ୍ରୀସାଇନାଥଙ୍କ ଆଶୀର୍ବାଦରୁ ମୁଁ ମସ୍ତିଷ୍କ ଟ୍ୟୁମର୍‌ରୁ ସର୍ଜରୀ ମାଧ୍ୟମରେ ଆରୋଗ୍ୟ ହୋଇ ପୁନଃର୍ଜନ୍ମ ପାଇଛି।
-:ଶୁଭେଚ୍ଛା ସହ:-
ସ୍ତ୍ରୀ: ଜ୍ୟୋତିର୍ମୟୀ, ପୁତ୍ର: ଅଭିଷେକ, ରାଜେଶ, ରଶ୍ମିତା, ରିଙ୍କି, ରାକ୍ଷୀ, ମାମୁନୀ, ଭଉଣୀ: କମଳା, ସମସ୍ତ ପରିବାରବର୍ଗ ତଥା ଅଫିସ୍ ସହକର୍ମୀଗଣ।
ଧ-୬୯୬୪୧

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ବଟକୃଷ୍ଣ ଲେଙ୍କା
କାର୍ତ୍ତିକ କୃଷ୍ଣ ନବମୀ
କରଡାବଣୀ, ନିହଲପ୍ରସାଦ, ଗଁଦିଆ, ଢେଙ୍କାନାଳ
ଆବିର୍ଭାବ: ୦୯।୧୨।୧୯୪୫
ତିରୋଧାନ: ୨୨।୧୦।୨୦୧୯
ଚାହୁଁ ଚାହୁଁ ବିତିଗଲା ବର୍ଷେ ଶୁଖୁନି ଆଖିରୁ ଲୁହ ଅନ୍ତରରୁ କୋହ, କେମିତି ଯେ ରହିଗଲ ନୀରବେ ନୀରବେ ତୁମେ ତୁଟାଇଣ ସବୁ ମାୟାମୋହ।
-:ଶୋକସନ୍ତପ୍ତ:-
ଆପଣଙ୍କର ପୁତ୍ର, କନ୍ୟା, ପତ୍ନୀ, ନାତି-ନାତୁଣୀ ଓ ଆତ୍ମୀୟସ୍ୱଜନ, ବନ୍ଧୁ ପରିଜନ।
ଧ-୬୬୮୮୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଇନ୍ଦୁମତି ସାହୁ
ବାଲିଅନ୍ତା, ଭୁବନେଶ୍ୱର
ତିରୋଧାନ: ୩୦।୧୦।୨୦୨୦
ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ବୋହୂ ଓ ଆତ୍ମୀୟସ୍ୱଜନ।
ଧ-୪୬୨୯୧

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ସାମଲ
ପଳେଇ, ବଡ଼ଚଣା, ଯାଜପୁର
ଆବିର୍ଭାବ: ୦୩।୧୧।୧୯୩୭
ତିରୋଧାନ: ୩୦।୧୦।୨୦୨୦
ତୁମର ସ୍ନେହ, ନିଃସ୍ୱାର୍ଥପର ଦିଗ୍‌ଦର୍ଶନ ଏବଂ ଉପଦେଶ ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କ ପୁଣ୍ୟ ଓ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରଏବଂ ପୁରାତନ ଛାତ୍ରୀଛାତ୍ର।
ଧ-୧୮୯୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସୁଶାନ୍ତ କୁମାର ସେଠୀ(ପୁଅ)
ଡମପୁର, ବେରବୋଇ, ପୁରୀ
ଆବିର୍ଭାବ: ୨୦।୦୬।୧୯୮୭
ତିରୋଧାନ: ୩୦।୧୦।୨୦୨୦
ଆଜିର ଏକାଦଶାହ ଉପଲକ୍ଷେ ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ ପରିବାରବର୍ଗ।:-
କୁନା, ଲୁନା, ଲକ୍ଷ୍ମୀ, ଟିକି, ରସାନ୍ତ, ଉପେନ୍ଦ୍ର, ବେବିନା, ପୂଜା, ସୀମା, ଖୁସୀ, ବୁବୁ, ପାତବାସ ଓ ଆତ୍ମୀୟସ୍ୱଜନ।
ଧ-୧୮୮୧୩

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କେଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ



ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
ଫୋନ୍ କରନ୍ତୁ - 8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କେଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ୟୁଟିଲିଟି ଗ୍ରୁପ୍
ଦ୍ୱାରା 3G/4G ମୋବାଇଲ ଉପକରଣ ନିଜର ଖାଲି ଜମି କିମ୍ବା ପ୍ଲଟ୍‌ରେ ଲଗାନ୍ତୁ
ଅଗ୍ରିମ 55 ଲକ୍ଷ
ଭଡ଼ା ମାସିକ 45,000
25,000ର ଅନ୍ୟାନ୍ୟ ସୁବିଧା
9351425214
Add. : 730-22A, Marathahalli, Bangalor

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ୧୦ବର୍ଷ ପୂର୍ବରୁ ଜାଣିହେବ କ୍ୟାନ୍‌ସର



ଚିକିତ୍ସା ବିଜ୍ଞାନରେ କ୍ୟାନ୍‌ସର ହେଉଛି ଚିନ୍ତାର କାରଣ ସାଜିଥିବା ଅନ୍ୟତମ ପ୍ରମୁଖ ରୋଗ । ପ୍ରାରମ୍ଭିକ ଅବସ୍ଥାରେ ଏହାକୁ ନିରୂପଣ କରି ଯଦି ଠିକ୍ ଚିକିତ୍ସା କରାଯାଏ ତେବେ ଏଥିରୁ ଆରୋଗ୍ୟ ଲାଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ହେଲେ ତାହା ଗୁରୁତର ଅବସ୍ଥାକୁ ଚାଲିଗଲେ ତାହାର ଚିକିତ୍ସା କଷ୍ଟକର ହୋଇଥାଏ। ଅନେକ କ୍ଷେତ୍ରରେ ଏହା ପ୍ରାଣନାଶକ ସାବ୍ୟସ୍ତ ହୋଇଥାଏ। ନିକଟରେ କ୍ୟାନ୍‌ସର ସମ୍ପର୍କିତ ଏକ ରୋଚକ ତଥ୍ୟ ଲୋକଲୋଚନକୁ ଆସିଛି। ଜଣେ ବ୍ୟକ୍ତି କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହେବେ କି ନାହିଁ ତାହା ପାଖାପାଖି ୧୦ ବର୍ଷ ପୂର୍ବରୁ ଜାଣିହେବ। ଏଭଳି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ୟୁନିଭର୍ସିଟି ଅଫ ଲଣ୍ଡନର କ୍ୟାନ୍‌ସର ବିଜ୍ଞାନୀମାନେ। ଏପରି ଗବେଷଣା ସମୟରେ ସେମାନେ କ୍ରୋମୋଜୋମ୍‌ରେ ଥିବା ଟେଲମିଅର ନାମକ ତତ୍ତ୍ୱକୁ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ତତ୍ତ୍ୱ ସନ୍ତୁଳିତ ରହିଲେ କ୍ୟାନ୍‌ସର ଆଶଙ୍କା କମ୍ ଥାଏ। ଯଦି ଏହାର ଆକାର ଧୀରେ ଧୀରେ କମିବାକୁ ଲାଗିଲା ତେବେ ଜଣେ ବ୍ୟକ୍ତି କ୍ୟାନ୍‌ସର ଆକ୍ରାନ୍ତ ହେବାର ଅଧିକ ଆଶଙ୍କା ରହିଛି ବୋଲି ଏହି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସଡ଼କ ଦୁର୍ଘଟଣା

**ଆଜିକାଲି ବେପାରୁଆ ଗାଡିଚାଳନା, ନିଶାଦ୍ରବ୍ୟ ସେବନ କରି ଗାଡି ଚଳାଇଲେ ତାହା ସଡ଼କ ଦୁର୍ଘଟଣାର କାରଣ ସାଜୁଛି। ଯଦି ଜଣେ ବ୍ୟକ୍ତି ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି ତେବେ ନିମ୍ନଲିଖିତ ଟିପ୍ସ ପ୍ରତି ଧ୍ୟାନ ଦେଇପାରନ୍ତି..**



–ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଅଧୈର୍ଯ୍ୟ ନ ହୋଇ ଧୈର୍ଯ୍ୟ ରଖନ୍ତୁ। କେତେକ ଏହି ସମୟରେ ବ୍ୟତିବ୍ୟସ୍ତ ହୋଇପଡନ୍ତି। ନିଜ ମନୋବଳକୁ ଟିକେ ଦୃଢ଼ କରି ବିଳମ୍ବ ନ କରି ନିକଟସ୍ଥ ହସ୍‌ପିଟାଲକୁ ଯାଇ ଚିକିତ୍ସିତ ହୁଅନ୍ତୁ। ଆପଣଙ୍କ ଶରୀର କେଉଁ ଅଙ୍ଗରେ ଆଘାତ ଲାଗିଛି ତାହା ଦେଖି ନିଅନ୍ତୁ। ଦୁର୍ଘଟଣା ସାମାନ୍ୟ ହେଉ ଅବା ଗୁରୁତର–ବିଳମ୍ବ ନ କରି ତାହାର ଚିକିତ୍ସା କରାଇ ନିଅନ୍ତୁ।

–ଯଦି ଆଘାତ ସାମାନ୍ୟ ତେବେ ତୁରନ୍ତ ତାହାର ପ୍ରାଥମିକ ଚିକିତ୍ସା କରାଇ ନିଅନ୍ତୁ।

–ଗାଡି ନେଇ ବାହାରକୁ ଯାଉଥିଲେ ଆପଣ ପାଖରେ ଫାଷ୍ଟ–ଏଡ୍ ବକ୍ସ ରଖିବାକୁ ଭୁଲନ୍ତୁ ନାହିଁ।

–ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଯଦି ରକ୍ତସ୍ରାବ ହେଉଛି ତେବେ ପ୍ରଥମେ ସେହି ସ୍ଥାନକୁ ପରିଷ୍କାର କପଡାରେ ପୋଛି ଦିଅନ୍ତୁ। ତା'ପରେ ତାହାକୁ ପରିଷ୍କାର କପଡାରେ ଭଲ ଭାବରେ ବାନ୍ଧି ଦିଅନ୍ତୁ।

–ଯଦି ଏହି ସମୟରେ କେହି ସାହାଯ୍ୟର ହାତ ବଢ଼ାଉଛନ୍ତି ତେବେ ମନା କରନ୍ତୁ ନାହିଁ।

–ଯଦି କେହି ବାଇକ କିମ୍ବା କାର୍‌ରେ ସଡକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିକୁ ହସ୍‌ପିଟାଲ ନେବାକୁ ଚାହୁଁଛନ୍ତି ତେବେ ସେଥିରେ ବିଳମ୍ବ କରନ୍ତୁ ନାହିଁ। ନଚେତ୍ ତୁରନ୍ତ ଆମ୍ବୁଲାନ୍ସ ଡାକି ସେହି ବ୍ୟକ୍ତିଙ୍କୁ ହସ୍‌ପିଟାଲ ପଠାଇବା ବ୍ୟବସ୍ଥା କରନ୍ତୁ।

# ଏକ୍ସ-ରେ'ର ଜନ୍ମବାସର



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ



ଶରୀର ଭିତରର କୌଣସି ଅଙ୍ଗପ୍ରତ୍ୟଙ୍ଗର ରୋଗ ବା ଉପସର୍ଗ ନିଶ୍ଚୟ କରିବା ନିମନ୍ତେ ଚିକିତ୍ସକମାନେ ବିଭିନ୍ନ ପଦ୍ଧତି ଅବଲମ୍ବନ କରିଥାନ୍ତି। ସେହି ସବୁ ପଦ୍ଧତି ମଧ୍ୟରେ ରହିଛି ଏକ୍ସ–ରେ ରେଡିଓଗ୍ରାଫି, କମ୍ପ୍ୟୁଟେଡ୍ ଟମୋଗ୍ରାଫି ବା ସିଟି ସ୍କାନିଂ, ଅଲଟ୍ରାସୋନୋଗ୍ରାଫି, ପୋଜିଟ୍ରନ୍,ଏମିସନ୍, ଟମୋଗ୍ରାଫି ବା ପେଟ୍ , ମ୍ୟାଗ୍ନେଟିକ୍ ରେଜୋନାନ୍ସ ଇମେଜିଙ୍ଗ୍ ବା ଏମ୍.ଆର୍.ଆଇ ଇତ୍ୟାଦି। ଏହି ପଦ୍ଧତିମାନ ରଞ୍ଜନ ବିଜ୍ଞାନ ବା ବିକିରଣ ବିଜ୍ଞାନର ଅନ୍ତର୍ଭୁକ୍ତ। ବିକିରଣ ବିଜ୍ଞାନକୁ ବିଜ୍ଞାନର ଭାଷାରେ 'ରେଡିଓ ଲୋଜି' ବୋଲି କହନ୍ତି। ଏହି ସବୁ ପଦ୍ଧତିରେ ବ୍ୟବହୃତ ହୋଇଥାଏ ଏକ୍ସ–ରେ, ଶବ୍ଦ ତରଙ୍ଗ, ଚୁମ୍ବକୀୟ କ୍ଷେତ୍ର ବା ତେଜସ୍କ୍ରିୟ ବିକିରଣ ଇତ୍ୟାଦି। ଏଗୁଡ଼ିକୁ ବିନିଯୋଗ କରି ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗର ଚିତ୍ର ଉତ୍ତୋଳିତ ହୋଇଥାଏ। ସେହି ଚିତ୍ରକୁ ଦେଖି ଓ ବିଶ୍ଳେଷଣ କରି ବିଶେଷଜ୍ଞ ଚିକିତ୍ସକମାନେ ରୋଗ ନିର୍ଣ୍ଣୟ କରିଥାନ୍ତି ଓ ତା'କୁ ଭିତ୍ତିକରି ରୋଗୀର ଚିକିତ୍ସା କରାଯାଇଥାଏ। ଆବଶ୍ୟକସ୍ଥଳେ କରାଯାଇଥାଏ ରୋଗାକ୍ରାନ୍ତ ଅଙ୍ଗର ଅସ୍ତ୍ରୋପଚାର । ଯେଉଁ ବିଶେଷଜ୍ଞ ଏହି ପଦ୍ଧତି ସାହାଯ୍ୟରେ ରୋଗ ଚିହ୍ନଟ କରିଥାନ୍ତି, ତାଙ୍କୁ ରେଡିଓଲୋଜିଷ୍ଟ୍ ବୋଲି କୁହାଯାଏ। କେବଳ ଚିକିତ୍ସାବିଜ୍ଞାନ କ୍ଷେତ୍ର ନୁହେଁ, ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ରହିଛି ଏହି ପଦ୍ଧତିରେ ଉପଯୋଗିତା।

ଚିକିତ୍ସାବିଜ୍ଞାନ ଶାଖାରେ ରେଡିଓଲୋଜି ଏକ ଅମୂଲ୍ୟ ବରଦାନ ସଦୃଶ। ୨୦୦୦ ମସିହା ପରଠାରୁ ରେଡିଓଲୋଜିରେ ଅଭୂତପୂର୍ବ ଉନ୍ନତି ସାଧିତ ହୋଇଛି। ଚିକିତ୍ସା ବିଜ୍ଞାନରେ ରେଡିଲୋଜିର ବ୍ୟବହାର ସର୍ବପ୍ରଥମେ ଆରମ୍ଭ ହୋଇଥିଲା। ୧୯୮୫ ମସିହାରେ ଏକ୍ସ–ରେ ପଦ୍ଧତିର ଆବିଷ୍କାର ପରେ। ଏକ୍ସ–ରେ'ର ଆବିଷ୍କାରକ ଥିଲେ ଜର୍ମାନ ପଦାର୍ଥବିଜ୍ଞାନୀ ଉଇଲ୍‌ହେଲ୍‌ମ କୋନରୋଡ୍ ରଣ୍ଟଜେନ୍। ତାଙ୍କର ଏହି ଅସାଧାରଣ ଆବିଷ୍କାର ଥିଲା ଆକସ୍ମିକ। ଏହି ଆବିଷ୍କାର ପାଇଁ ତାଙ୍କୁ ୧୯୦୧ ମସିହାରେ ପଦାର୍ଥ ବିଜ୍ଞାନରେ ପ୍ରଥମ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥଲା। ପ୍ରକାଶଥାଉ କି, ସେହି ୧୯୦୧ ମସିହାଠାରୁ ହିଁ ପଦାର୍ଥବିଜ୍ଞାନ ରସାୟନ ବିଜ୍ଞାନ, ଚିକିତ୍ସାବିଜ୍ଞାନ, ସାହିତ୍ୟ ଓ ଶାନ୍ତି ସ୍ଥାପନ କ୍ଷେତ୍ରରେ ନୋବେଲ୍ ପୁରସ୍କାର ପ୍ରଦତ୍ତ ହୋଇଆସୁଛି।

୧୯୮୫ ମସିହା ନଭେମ୍ବର ୮ତାରିଖରେ ସନ୍ଧ୍ୟା ସମୟରେ ରଣ୍ଟଜେନ୍ ଆକସ୍ମିକ ଭାବରେ ଏକ୍ସ–ରେ ଆବିଷ୍କାର କରିଥିଲେ। ତାଙ୍କ ପତ୍ନୀ ଅନ୍ନା ବର୍ଥା ଲୁଡ୍‌ଉଇଗ୍‌ଙ୍କ ବାମ ହାତର ଏକ୍ସ–ରେ ଫଟୋ ଥିଲା ପୃଥିବୀର ସର୍ବପ୍ରଥମ ଏକ୍ସ–ରେ ଫଟୋ। ସେହି ଫଟୋଟିରେ ପତ୍ନୀ ବର୍ଥାଙ୍କ ବାମ ହାତର ଆଙ୍ଗୁଠି ହାଡ଼ ଗୁଡ଼ିକର ଫଟୋ ଦେଖାଯାଉଥିବା ସଙ୍ଗେ ସଙ୍ଗେ ଅନାମିକା ଆଙ୍ଗୁଠିରେ ସେ ପିନ୍ଧିଥିବା ବିବାହ ମୁଦ୍ରିକାରେ ଫଟୋ ମଧ୍ୟ ଉଠିଯାଇଥିଲା। ୧୯୮୫ ମସିହା ଡିସେମ୍ବର ୨୨ ତାରିଖରେ ରଣ୍ଟଜେନ୍ ନିଜେ ସେହି ଏକ୍ସ–ରେ ଫଟୋଟି ଉଠେଇ ଥିଲେ।

ଏକ୍ସ–ରେ'ର ଆବିଷ୍କାର ଦିବସଟିକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୨୦୧୨ ମସିହାଠାରୁ 'ଇଉରୋପୀୟାନ ସୋସାଇଟି ଅଫ ରେଡିଓଲୋଜି', ରେଡିଓଲୋଜିକାଲ ସୋସାଇଟି ଅଫ ନର୍ଥ ଆମେରିକା ଏବଂ 'ଆମେରିକାନ କଲେଜ ଅଫ ରେଡିଓଲୋଜି'ର ଯୌଥ ଆନୁକୂଲ୍ୟରେ ପ୍ରତିବର୍ଷର ନଭେମ୍ବର ୮ ତାରିଖକୁ ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ ବା ଇଣ୍ଟରନ୍ୟାଶନାଲ ରେଡିଓଲୋଜି ଡେ' ଭାବେ ପାଳନ କରାଯାଇଛି।

ରୋଗ ନିର୍ଣ୍ଣୟ କ୍ଷେତ୍ରରେ ରେଡିଓଲୋଜି ଏବଂ ରେଡିଓଲୋଜିଷ୍ଟଙ୍କ ଅବଦାନ ଅତୁଳନୀୟ । ଅଥଚ ଏ ସମ୍ପର୍କରେ ସାଧାରଣ ଜନତାଙ୍କ ଜ୍ଞାନ ଖୁବ୍ ସୀମିତ । ତେଣୁ ସେମାନଙ୍କଠାରେ ଏ ସମ୍ବନ୍ଧୀୟ ସଚେତନତା ପ୍ରାୟତଃ ନାହିଁ କହିଲେ ଚଳେ।

ରେଡିଓଲୋଜିର ବିଭିନ୍ନ ପଦ୍ଧତି ଏବଂ ଆଧୁନିକ ଚିକିତ୍ସା କ୍ଷେତ୍ରରେ ଏହି ସବୁ ପଦ୍ଧତିରେ ଉପଯୋଗିତା ବିଷୟରେ ଜନସାଧାରଣଙ୍କୁ ଅବଗତ କରେଇ ସେମାନଙ୍କଠାରେ ସଚେତନତା ବୃଦ୍ଧି କରିବା ହିଁ ହେଉଛି ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଏହି ଦିବସଟିରେ ରେଡିଓଲୋଜିର ସାଧାରଣ ବ୍ୟବହାର ସମେତ ବିଭିନ୍ନ ଅଙ୍ଗର ଛାୟାଚିତ୍ରଣ ବା 'ଇମେଜିଙ୍ଗ' ସମ୍ପର୍କରେ ସ୍ୱତନ୍ତ୍ର ଭାବେ ଆଲୋଚନା କରାଯାଇଥାଏ। ଯେପରିକି ଡାୟାଗ୍ନୋଷ୍ଟିକ ରେଡିଓଲୋଜି, ନ୍ୟୁରୋରେଡିଓଲୋଜି, ରେଡିଏସନ ଅଙ୍କୋଲୋଜି, ନ୍ୟୁକ୍ଲିୟାର ରେଡିଓଲୋଜି, ପେଡିଆଟ୍ରିକ ରେଡିଓଲୋଜି, ଭାସ୍କୁଲାର ରେଡିଓଲୋଜି, କାର୍ଡିଓଭାସ୍କୁଲାର ରେଡିଓଲୋଜି, ଥୋରାସିକ ରେଡିଓଲୋଜି, ସ୍ପୋର୍ଟସ ରେଡିଓଲୋଜି, ଡିଜିଟାଲ ମାମ୍ମୋଗ୍ରାଫି ଇତ୍ୟାଦି। ଟେଲିରେଡିଓଲୋଜି ପଦ୍ଧତିରେ ଛାୟା ଚିତ୍ରଣକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପ୍ରେରଣ କରି ନିଆଯାଇପାରୁଛି ବିଶେଷଜ୍ଞ ପରାମର୍ଶ।

> "ଏକ୍ସ–ରେ'ର ଆବିଷ୍କାର ଦିବସଟିକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୨୦୧୨ ମସିହାଠାରୁ 'ଇଉରୋପୀୟାନ ସୋସାଇଟି ଅଫ ରେଡିଓଲୋଜି', ରେଡିଓଲୋଜିକାଲ ସୋସାଇଟି ଅଫ ନର୍ଥ ଆମେରିକା ଏବଂ 'ଆମେରିକାନ କଲେଜ ଅଫ ରେଡିଓଲୋଜି'ର ଯୌଥ ଆନୁକୂଲ୍ୟରେ ପ୍ରତିବର୍ଷର ନଭେମ୍ବର ୮ ତାରିଖକୁ ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ ବା ଇଣ୍ଟରନ୍ୟାଶନାଲ ରେଡିଓଲୋଜି ଡେ' ଭାବେ ପାଳନ କରାଯାଉଛି।"



ଏହି ଦିବସ ପାଳନ ଅବସରରେ ଆୟୋଜିତ ହୋଇଥାଏ ସେମିନାର, ବକ୍ତୃତା, ପ୍ରଦର୍ଶନୀ ଓ କର୍ମଶାଳା ଇତ୍ୟାଦି। ଏଥିରେ ଅଂଶଗ୍ରହଣ କରିଥାନ୍ତି ରେଡିଓଲୋଜିଷ୍ଟ, ରେଡିଓଲୋଜି ଅଧ୍ୟୟନ କରୁଥିବା ସ୍ନାତକୋତ୍ତର ଛାତ୍ର ଏବଂ ରେଡିଓଗ୍ରାଫରମାନେ । ଏହି ସବୁ କାର୍ଯ୍ୟକ୍ରମରେ ଜନସାଧାରଣ ଯୋଗଦେଇ ନିଜର ଜ୍ଞାନ ବୃଦ୍ଧି କରିଥାନ୍ତି।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ମ୍ୟାଡମ କ୍ୟୁରିଙ୍କ ନେତୃତ୍ୱରେ ଆହତ ସୈନିକମାନଙ୍କ ଏକ୍ସ–ରେ ଫଟୋ ଉଠେଇବା ପାଇଁ କାମ କରୁଥିଲା ଏକ ଭ୍ରାମ୍ୟମାଣ ଏକ୍ସ–ରେ ୟୁନିଟ୍ । ଏହି ୟୁନିଟ୍‌ର ନାମ ଥିଲା 'ଲିଟଲ କ୍ୟୁରି' । ଏଥିରେ କର୍ତ୍ତବ୍ୟବରତ ରହିଥିଲେ ୧୫ ଜଣ ତାଲିମପ୍ରାପ୍ତ ମହିଳା।

ଏକ୍ସ–ରେ ଆବିଷ୍କୃତ ହୋଇଥିଲା ୧୨୫ ବର୍ଷ ତଳେ । ମାତ୍ର ଏହା ଏପରି ଏକ ଯୁଗାନ୍ତକାରୀ ଆବିଷ୍କାର ଯେ ଏକ୍ସ–ରେ ସମେତ ସିଟି ସ୍କାନିଂ ଓ ଏମଆରଆଇ ସ୍କାନିଂ କ୍ଷେତ୍ରରେ ମଧ୍ୟ ମିଳିଛି ନୋବେଲ ପୁରସ୍କାର । ଏଯାବତ୍ ପାଖାପାଖି ୨୫ ଜଣ ବିଜ୍ଞାନୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରେଡିଓଲୋଜି ଆଧାରିତ କ୍ଷେତ୍ରରେ ଆବିଷ୍କାର କରି ନୋବେଲ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି।

ରେଡିଓଲୋଜି ପଦ୍ଧତିଟିରେ ବ୍ୟବହୃତ ହୋଇଥାଏ ତେଜସ୍କ୍ରିୟ ବିକିରଣ । ଏହି ତେଜସ୍କ୍ରିୟ ବିକିରଣ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଅନିଷ୍ଟକର । ଏପରି କି ଏହା ଜାତ କରିପାରେ କ୍ୟାନସର । ତେଣୁ ରେଡିଓଲୋଜି ବିଭାଗରେ କାର୍ଯ୍ୟରତ ଡାକ୍ତର, ନର୍ସ ଓ ରେଡିଓଗ୍ରାଫର ଇତ୍ୟାଦି ତେଜସ୍କ୍ରିୟତାରୁ ସୁରକ୍ଷିତ ରହିବା ନିମନ୍ତେ ଅନୁମୋଦିତ ସାବଧାନତା ଅବଲମ୍ବନ କରିଥାନ୍ତି।

*–'ଅଭୀପ୍ସା', ସେକ୍ଟର–୬,*
*ପ୍ଲଟ ନଂ–୧୧୩୧, ଅଭିନବ ବିଡାନାସୀ,*
*କଟକ, ମୋ : ୮୩୨୮୯୭୫୧୧୮*

## ନୋବେଲ ବିଜ୍ଞାନୀ

# ପେସା ଡାକ୍ତରୀ ନିଶା ଗବେଷଣା

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ବିଶ୍ୱବିଦିତ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଆଡଲଫ ଇମଲି ଭାନ୍ ବେହେରିଙ୍ଗ ଥିଲେ ଅନ୍ୟତମ। ଦୃଢ଼ ଆତ୍ମବିଶ୍ୱାସ ଏବଂ ପ୍ରଗାଢ଼ ଚେଷ୍ଟା ବଳରେ ସେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଥିଲେ। କେବଳ ସେତିକି ନୁହେଁ, ଚିକିତ୍ସା ବିଜ୍ଞାନରେ



ଆଡଲଫ ଇମଲି ଭାନ୍ ବେହେରିଙ୍ଗ

ପ୍ରଥମ ନୋବେଲ ପୁରସ୍କାର ହାସଲ କରିବାରେ ସେ ଥିଲେ ପ୍ରଥମ ବ୍ୟକ୍ତି। ୧୮୫୪ ମାର୍ଚ୍ଚ ୧୫ରେ ଜର୍ମାନୀର ହାନ୍ସଡୋର୍ଫଠାରେ ଜନ୍ମ ଗ୍ରହଣ କରିଥିଲେ ବେହେରିଙ୍ଗ । ପେସାରେ ସେ ଥିଲେ ଜଣେ ମିଲିଟାରୀ ଡାକ୍ତର। ପାଠପଢ଼ା ଶେଷ ହେବା ପରେ ଜର୍ମାନୀ ସେନା ବାହିନୀରେ ସେ ଯୋଗ ଦେଇଥିଲେ। ହେଲେ ଗବେଷଣା ପ୍ରତି ତାଙ୍କର ଆଗ୍ରହ ତାଙ୍କୁ ଚାକିରି କ୍ଷେତ୍ରରେ ବାନ୍ଧି ରଖିପାରି ନ ଥିଲା।

ଭେଷଜ ବିଜ୍ଞାନରେ ନୂଆ ନୂଆ ତଥ୍ୟ ଲୋକଲୋଚନକୁ ଆଣିବା ପାଇଁ ସେ ନିଜକୁ ଗବେଷଣାରେ ନିମଗ୍ନ ରଖିଥିଲେ। ୧୮୯୦ରେ ତାଙ୍କର ଚେଷ୍ଟା ସଫଳ ରୂପ ନେଇଥିଲା। ଡିପଥେରିଆ ଆଣ୍ଟିଟକ୍ସିନ ଟିକା ଉଦ୍ଭାବନ କରି ସେ ଚର୍ଚ୍ଚାର ପରିସରକୁ ଆସିଥିଲେ। ସେ ସମୟରେ ଡିପଥେରିଆରେ ଅନେକ ଶିଶୁ ଅକାଳ ମୃତ୍ୟୁବରଣ କରୁଥିଲେ। ଏହି ଟିକା ଉଦ୍ଭାବନ ଫଳରେ ସେତେବେଳେ ଏହି ମୃତ୍ୟୁହାରକୁ କେତେକାଂଶରେ ରୋକାଯାଇପାରିଥିଲା। ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୧୯୦୧ରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୧୭ ମାର୍ଚ୍ଚ ୩୧ରେ ଏହି ନୋବେଲ ବିଜ୍ଞାନୀ ଇହଲୀଳା ସମ୍ବରଣ କରିଥିଲେ।

# କ୍ୟାଲୋରିକୁ ସନ୍ତୁଳିତ ରଖେ ରକ୍ତଦାନ



ଆମ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିବା ନିହାତି ଜରୁରୀ। ଏଥିରେ ଅସନ୍ତୁଳିତ ପରିଲକ୍ଷିତ ହେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ତେବେ କ୍ୟାଲୋରି ସ୍ତରକୁ ସନ୍ତୁଳିତ ରଖିବା ପାଇଁ କେତେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡେ। ସନ୍ତୁଳିତ ଖାଦ୍ୟ ଖାଇବା ବ୍ୟତୀତ ଆଉ ଏକ ସରଳ ଉପାୟରେ କ୍ୟାଲୋରିକୁ ସନ୍ତୁଳିତ ରଖିହେବ। ତାହା ହେଲା ରକ୍ତଦାନ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତି ସମୟ ଅନ୍ତରାଳରେ ରକ୍ତଦାନ କରନ୍ତି ତେବେ ତାଙ୍କ ଶରୀରରେ କ୍ୟାଲୋରୀ ପରିମାଣ ସନ୍ତୁଳିତ ରହିଥାଏ। ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇ ନେବା ଜରୁରୀ। ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରୁଥିବା କେତେକ ବ୍ୟକ୍ତିଙ୍କ କ୍ୟାଲୋରୀ ପରିମାଣ କେତେ ରହୁଛି ତାହାକୁ ପରୀକ୍ଷା କରିବା ପରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଥିଲେ।

# ସ୍ୱାସ୍ଥ୍ୟ ସୂଚନା

–ବ୍ୟସ୍ତମୟ ଜୀବନରେ କେବେ ନିଜ ସ୍ୱାସ୍ଥ୍ୟ କଥା ଚିନ୍ତା କରିଛନ୍ତି। ଏବେକାର ଧାଁ ଧପଡ ଜୀବନ ଭିତରେ ଅନେକ ପରୋକ୍ଷରେ କେତେକ ରୋଗର ଶିକାର ହୋଇଥାଆନ୍ତି। ହେଲେ ତାହାକୁ କେତେକ ଗୁରୁତ୍ୱ ଦେଇ ନ ଥାନ୍ତି। ତେଣୁ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।



–ନିଜକୁ ସୁସ୍ଥ ରଖିବା ପଛରେ ନିଜ ଜୀବନଶୈଳୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏପରି କ୍ଷେତ୍ରରେ ନିଜର ଜୀବନଶୈଳୀ କିପରି ସନ୍ତୁଳିତ ରହିବ ସେ ନେଇ ନଜର ଦିଅନ୍ତୁ।

–ସବୁବେଳେ ରୋଟିନ୍ ମୁତାବକ କାମ କରନ୍ତୁ। ପ୍ରତ୍ୟେକ କାମ ପାଇଁ ସମୟ ନିର୍ଘଣ୍ଟ ସ୍ଥିର କରନ୍ତୁ। କାମକୁ ନେଇ ବିଚଳିତ ହେଲେ ଚାପର ବଶବର୍ତ୍ତୀ ହେବାର ଆଶଙ୍କା ରହିଛି।

–ଶରୀରରେ ପାଚନ କ୍ରିୟା ଯେପରି ସକ୍ରିୟ ରହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହାର ପ୍ରଭାବ ପାଚନ ଶକ୍ତି ଉପରେ ପଡିବ।

–ସବୁବେଳେ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ପାଣି ପିଇବା ଦ୍ୱାରା ଆମର ପାଚନ ଶକ୍ତି ଆହୁରି ଦୃଢ଼ ହୋଇଥାଏ।

# କାର୍ଯ୍ୟଦକ୍ଷତା ବଢ଼ାଇବାର ସହଜ ଉପାୟ



ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ପଢ଼ାପଢ଼ି କରନ୍ତି ତେବେ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇପାରେ। ଏପରି ଆକଳନ ବ୍ୟକ୍ତ କରିଛନ୍ତି ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ। ଏକ ସର୍ଭେରୁ ସେମାନେ ଏପରି ତଥ୍ୟ ଜାଣିବାକୁ ପାଇଛନ୍ତି। ପ୍ରତିଦିନ କିଛି ସମୟ ପଢ଼ିବା ଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଜୀବନ ଯାପନ କରିବାକୁ କୁହାଯାଇଥିବା ବେଳେ ଅନ୍ୟ ଗ୍ରୁପ୍ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ପଢ଼ାପଢ଼ି କରିବାକୁ ପରାମର୍ଶ ଦିଆଯାଇଥିଲା। କିଛି ସପ୍ତାହ ପରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ନିୟମିତ କିଛି ସମୟ ପଢୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ବଢୁଥିବାର ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**ମାରୁତି ସେନାର ରାଜ୍ୟସ୍ତରୀୟ ବୈଠକ**

**କଟକ ଅଫିସ:** ମାରୁତି ସେନାର ରାଜ୍ୟସ୍ତରୀୟ ପ୍ରଥମ ବୈଠକ କଟକ ମହାନଦୀ ବିହାରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସେନାର ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସେନାର ସଭାପତି ପପୁ ଦଳବେହେରା, ସମ୍ମାନିତ ଅତିଥି ରାଜୀବଲୋଚନ ଦାସ, କୁମୁଦିନୀ ପାଢ଼ଶାଣୀ ଓ ତାପସ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସଂଘର କଟକ ଜିଲା ସଭାପତି ଜ୍ଞାନ ପଣ୍ଡା, ଉପସଭାପତି ପ୍ରଦୀପ ମହାପାତ୍ର, ସଂଯୋଜିକା ଜ୍ୟୋତି ସାହୁ ଓ ସମ୍ପାଦକ ବାପିନା ବେଉରା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୮।୧୧(ବ୍ୟୁରୋ):** ଏୟାରପୋର୍ଟ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗଣ୍ଡମୁଣ୍ଡା ଲେନ ୫ରେ ରହୁଥିବା ସିଲୁ ସ୍ୱାଇଁ। ସୂଚନା ମୁତାବକ, ସିଲୁ ଗଣ୍ଡମୁଣ୍ଡା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ୧୦ଦିନ ହେବ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ଭଡା ଘରେ ବନ୍ଦ କରି ରଖି ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଶନିବାର ରାତିରେ ସେଠାରେ ଚଢ଼ାଉ କରି ତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା ପରେ ପୋଲିସ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପୋଲିସ ମାମଲା ନଂ.୨୩୦/୨୦ରେ ଅଭିଯୁକ୍ତ ସିଲୁଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

**ବାଲିଅନ୍ତା,୮।୧୧(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ବିଶରପୁର ଗ୍ରାମର କାଶୀନାଥ ବେହେରାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବା ଘଟଣାରେ ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ନିରଞ୍ଜନ ଭଞ୍ଜ(୪୫)। ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ କାଶୀନାଥ ରାସ୍ତାରେ ଛିଡା ହୋଇଥିବା ବେଳେ କୌଣସି କାରଣକୁ ନେଇ ନିରଞ୍ଜନ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୬୪/୨୦)ରୁଜୁକରି ନିରଞ୍ଜନଙ୍କୁ ଗିରଫ କରିଥିଲା।

### କରୋନା ସଚେତନତା କାର୍ଯ୍ୟକ୍ରମ

**ଟାଙ୍ଗୀ (ଖୋର୍ଦ୍ଧା),୮।୧୧(ଡି.ଏନ୍.ଏ.):** କାଲୁପଡ଼ାଘାଟ ଦାଶରଥି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଜୁନିୟର ରେଡକ୍ରସ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜରିପଡ଼ା ସରପଞ୍ଚ ଉମାକାନ୍ତ ବେହେରା ଉଦ୍‌ଘାଟନ କରିଥିଲେ। ସାମାଜିକ ଦ୍ୱରତ୍ୱ ରକ୍ଷା କରିବା ସହ ମାସ୍କ ପିନ୍ଧିବା, ହାତ ଧୋଇବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଏହି ଅବସରରେ ୪୦୦ମାସ୍କ ଓ ୧୪୦ ସାବୁନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଅଶୋକ କୁମାର ପଣ୍ଡିତରାୟ, ଚନ୍ଦନ ରଣା, ସୀତାରାମ ପ୍ରଧାନ, ବଂଶୀଧର ବେହେରା, ସୁକାନ୍ତ ପରିଡ଼ା, ନାରାୟଣ ସାହୁ, ସୁରେଶ ଚନ୍ଦ୍ର ସ୍ୱାଇଁ, ଲକ୍ଷ୍ମଣ ପ୍ରଧାନ, ବିଶ୍ୱଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସହରାଞ୍ଚଳରେ ୯.୪୮ କୋଟି ଜଳକର ବାକି

**ଯାଜପୁର ଅଫିସ,୮।୧୧**

**ଜନସ୍ୱାସ୍ଥ୍ୟ ବିଭାଗ-୨ କଟକ ଡିଭିଜନ**

■ବ୍ୟାସନଗରରେ ସର୍ବାଧିକ ୨.୯ କୋଟି

ଆର୍ଥିକ ଅଭିବୃଦ୍ଧି ଯେକୌଣସି ରାଜସ୍ୱ ଆଦାୟ ଉପରେ ନିର୍ଭରଶୀଳ। ଯେଉଁ ରାଜ୍ୟର ରାଜସ୍ୱ ଆଦାୟ ଯେତେ ଅଧିକ ସେହି ରାଜ୍ୟ ସେତେ ପ୍ରଗତିଶୀଳ ବୋଲି କୁହାଯାଏ। କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପରିଚାଳିତ ସହରାଞ୍ଚଳର ଜଳକର ଓ ଅନ୍ୟାନ୍ୟ ରାଜସ୍ୱ ଆଦାୟ ଅତି ନୈରାଶ୍ୟଜନକ। ଜନସ୍ୱାସ୍ଥ୍ୟ ବିଭାଗ-୨ କଟକ ଡିଭିଜନ ଅଧୀନ ୯ ସହରାଞ୍ଚଳରେ ଗତ ଜୁନ ସୁଦ୍ଧା ଜଳ ଓ ଅନ୍ୟାନ୍ୟ କର ବାବଦକୁ ୯ କୋଟି ୪୮ ଲକ୍ଷ ୩୯ ହଜାର ୮୨୪ ଟଙ୍କା ବାକି ପଡିଛି। ଏଥିରେ ଯାଜପୁର ଜିଲାର ବ୍ୟାସନଗର ପୌରାଞ୍ଚଳରେ ସର୍ବାଧିକ ୨ କୋଟି ୯୦ ଲକ୍ଷ ୯୫ ହଜାର ୫୫୪ ଟଙ୍କା ରହିଥିବାବେଳେ ଦ୍ୱିତୀୟରେ ଯାଜପୁର ଟାଉନ ପୌରାଞ୍ଚଳରେ ୧ କୋଟି ୩୮ ଲକ୍ଷ ୧୦ ହଜାର ୧୯୮ ଟଙ୍କା ରହିଛି। ଏଭଳି ଦୁର୍ବଳ ପ୍ରଦର୍ଶନକୁ ନେଇ ଜନସ୍ୱାସ୍ଥ୍ୟ ବିଭାଗ କଟକ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିବା ସହିତ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ଓ ଜନସଚେତନତା ସୃଷ୍ଟି କରି ଜଳକର ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଦୁର୍ବଳ ପ୍ରଦର୍ଶନ କରୁଥିବା ଅଧିକାରୀଙ୍କ ବିରୋଧରେ ପୂର୍ବ ଘୋଷଣା ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବକେୟା ଜଳକର ପରିମାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବୋଲି ମତପ୍ରକାଶ ପାଇଛି।

ଜନସ୍ୱାସ୍ଥ୍ୟ ବିଭାଗ-୨ କଟକ ଡିଭିଜନ କାର୍ଯ୍ୟାଳୟରୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୯ ସହରାଞ୍ଚଳରେ କେବଳ ଜଳକର ବାବଦକୁ ପୂର୍ବ ବର୍ଷର ବଳକାକୁ ମିଶାଇ ୯ କୋଟି ୯୬ ଲକ୍ଷ ୯୮ ହଜାର ୬୬୧ ଟଙ୍କା ଆଦାୟ କରିବାକୁ ନିର୍ଦ୍ଧାରିତ ହୋଇଥିଲା। କିନ୍ତୁ ଗତ ଜୁନ ସୁଦ୍ଧା ମାତ୍ର ୪୩,୫୪,୪୧୭ ଟଙ୍କା ଆଦାୟ ହୋଇଛି। ଅନ୍ୟାନ୍ୟ ରାଜସ୍ୱ ବାବଦକୁ ୫,୭୬,୦୦୦ ଟଙ୍କା ଆଦାୟ କରାଯାଇଛି। ଏଭଳି ପ୍ରଦର୍ଶନକୁ ନେଇ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ କେବଳ ଦୁର୍ବଳ ବୋଲି ଅଭିହିତ କରି ନୋଟିସ ଦେଇ ବସି ରହୁଛନ୍ତି। ଏହି କାରଣରୁ ସମ୍ପୃକ୍ତ ସହରଗୁଡ଼ିକର ଜଳଯୋଗାଣ ସ୍ଥିତି ଠିକ୍ ରହୁ ନ ଥିବା ଅଭିଯୋଗ ହୋଇଆସୁଛି।

| ସହରାଞ୍ଚଳ | ସଂଯୋଗ | ବକେୟା ଟଙ୍କା |
|---|---|---|
| ୧ ବ୍ୟାସନଗର | ୭୮୮୫ | ୨,୯୦,୯୫,୫୫୪ |
| ୨ ଯାଜପୁର ଟାଉନ | ୪୦୬୭ | ୧,୩୮,୧୦,୧୯୮ |
| ୩ ପାରାଦୀପ | ୨୮୫୫ | ୩୯,୭୯,୪୧୭ |
| ୪ ଜଗତ୍‌ସିଂହପୁର | ୨୧୬୪ | ୭୩,୩୫,୩୧୯ |
| ୫ ବାଙ୍କୀ | ୧୭୨୬ | ୧୦,୩୪,୯୪୯ |
| ୬ ଆଠଗଡ଼ | ୨୩୭୮ | ୧,୦୯,୮୧,୨୨୬ |
| ୭ ଚୌଦ୍ୱାର | ୩୫୭୪ | ୯୪,୨୯,୮୩୩ |
| ୮ ପଟ୍ଟାମୁଣ୍ଡାଇ | ୪୧୯୩ | ୯୯,୯୯,୩୮୯ |
| ୯ କେନ୍ଦ୍ରାପଡ଼ା | ୫୧୧୧ | ୯୧,୭୩,୯୩୯ |
| ମୋଟ | ୩୩୯୫୩ | ୯,୪୮,୩୯,୮୨୪ |

ସରକାରଙ୍କ ପକ୍ଷରୁ ବିପୁଳ ପରିମାଣର ଅନୁଦାନ ଯୋଗାଇ ଦିଆଯାଉଥିଲେ ହେଁ ଏଭଳି ଭାବେ ଉପଯୁକ୍ତ ରାଜସ୍ୱ ଆଦାୟ ନ ହେବା କାରଣରୁ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପଡୁଛି। ଅନ୍ୟପକ୍ଷେ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ପୌରାଞ୍ଚଳରେ ମାତ୍ର ୨ଟି କମର୍ସିଆଲ ସଂଯୋଗ ଦିଆଯାଇ ଜଳକର ଆଦାୟ କରାଯାଉଛି। ୨୬ଟି ୱାର୍ଡ ବିଶିଷ୍ଟ ବ୍ୟାସନଗରରେ ଶତାଧିକ ବାଣିଜ୍ୟ ଭିତ୍ତିକ ଅନୁଷ୍ଠାନକୁ ଜଳ ଯୋଗାଣ ହେଉଛି। ତେଣୁ ରିପୋର୍ଟ ଅନୁସାରେ ମାତ୍ର ୨ଟିରୁ ଜଳକର ଆଦାୟ ହେବା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି। ସେହିପରି ଯାଜପୁର ଟାଉନ ସହରାଞ୍ଚଳରୁ ମାତ୍ର ଗୋଟିଏ ବାଣିଜ୍ୟ ଭିତ୍ତିକ ଅନୁଷ୍ଠାନରୁ ଜଳକର ଆଦାୟ କରାଯାଉଛି। ଗତ ୫ ବର୍ଷ ମଧ୍ୟରେ ବ୍ୟାସନଗର ଓ ଯାଜପୁର ସହରରେ କେବଳ ଜଳ ଯୋଗାଣ ବାବଦକୁ ନେଇ ପ୍ରାୟ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସରକାର ଖର୍ଚ୍ଚ କରିଛନ୍ତି। ତଥାପି ଏଯାଏ ଏଠାରେ ଜଳଯୋଗାଣ ବ୍ୟବସ୍ଥାରେ ସୁଧାର ହୋଇ ପାରୁନାହିଁ। ବ୍ୟାସନଗରରେ ୭୮୮୫ଟି ଓ ଯାଜପୁର ସହରରେ ୪୦୬୭ଟି ସରକାରୀ ଗୃହ, ପ୍ରାଇଭେଟ ହିତାଧିକାରୀ, ବାଣିଜ୍ୟ ଓ ପ୍ରତିଷ୍ଠାନମାନଙ୍କୁ ଜଳ ସଂଯୋଗ କରାଯାଇଛି। ହେଲେ ପ୍ରତିବର୍ଷ ନିର୍ଦ୍ଧାରିତ ହେଉଥିବା ଜଳକର କାହିଁକି ଶତପ୍ରତିଶତ ଆଦାୟ ହୋଇ ପାରୁନାହିଁ ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଯାଜପୁର ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷେତ୍ରମୋହନ ସାହୁଙ୍କୁ ପଚାରିଲେ ସେ କୁହନ୍ତି, ଦୁଇ ସହରାଞ୍ଚଳରୁ ଶତପ୍ରତିଶତ ଜଳକର ଆଦାୟ କରିବାକୁ ସବୁପ୍ରକାର ଉଦ୍ୟମ କରାଯାଉଛି।

### ଦାଦାବଟି ପାଇଁ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,୮।୧୧୧ (ବ୍ୟୁରୋ):** ଦାଦା ବଟିକୁ କେନ୍ଦ୍ର କରି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣୀ କେନାଲ ରୋଡ୍‌ରେ ଦୋକାନ କରିଥିବା ମାଂସ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ବ୍ୟବସାୟୀ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ଅଣ୍ଡିଲୋ ଗ୍ରାମର ଶେଖ ମୁସ୍ତାକ ଓରଫ ଲାଡେନ। ସ୍ଥାନୀୟ କେତେଜଣ ଯୁବକ ତାଙ୍କୁ ଦଶହରା ପାଇଁ ଦାଦବଟି ମାଗିଥିଲେ ମଧ୍ୟ ବେପାର ନ ଥିବାରୁ ସେ ଦିନ ଗଡ଼ାଇ ଚାଲିଥିଲେ। ରବିବାର ପୁଣି ଟଙ୍କା ମାଗି ନିରାଶ ହେବାପରେ ଯୁବକମାନେ ତାଙ୍କ ଦୋକାନରୁ ୪ କେଜି ଖାସି ମାଂସ ଜବରଦସ୍ତ ନେଇଥିଲେ। ପ୍ରତିବାଦ କରିବାରୁ ୫ରୁ ଉର୍ଦ୍ଧ୍ୱ ଯୁବକ ସଂଘବଦ୍ଧ ହୋଇ ତାଙ୍କ ମାଂସ କଟା ଚାପଡରେ ଲାଡ଼େନଙ୍କୁ ଆକ୍ରମଣ କରିଥିଲେ। ସେ ତଳେ ପଡି ଚିତ୍କାର କରୁଥିଲେ ମଧ୍ୟ ଅଭିଯୁକ୍ତମାନେ ଚୋଟ ପରେ ଚୋଟ ମାରି ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଚଢ଼ାଉ ଆରମ୍ଭ କରିଛି। ଲଶଡେଙ୍କୁ ହସ୍ପିଟାଲ ପଠାଇବା ସହ ଅଭିଯୁକ୍ତମାନଙ୍କୁ ଧରିବା ନେଇ ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଛି।



କଟକ ଯୋବ୍ରା ଆନିକଟ ମହାନଦୀ ଜଳରାଶି ମଧ୍ୟରେ ଥିବା ପଥରଖଣ୍ଡ ଉପରେ ବସିଥିବା କଇଁଛ।

### ଗରୁଡ଼ଙ୍କୁ ଅପମାନ ଅଭିଯୋଗ

**ପୁରୀ ଅଫିସ, ୮।୧୧:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହନ ଗରୁଡ଼ ଦେବତାଙ୍କୁ ଅପମାନ ଦିଆଯାଉଛି। ରବିବାର ଗଣମାଧ୍ୟମ ଆଗରେ ଶ୍ରୀଜଗନ୍ନାଥ ସେନା ଏହି ଅଭିଯୋଗ ରଖିଛି। ସେନା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ଅଠରନଳାଠାରେ ଆବର୍ଜନା ପ୍ରବାହିତ ପାଣିରେ ଗରୁଡ଼ ମୂର୍ତ୍ତି ଦଣ୍ଡାୟମାନ ଅବସ୍ଥାରେ ରହିଛନ୍ତି। ସେହିପରି ରେଲଷ୍ଟେଶନ ନିକଟ ବିଦ୍ୟୁତ୍ ଅଫିସ ସମ୍ମୁଖରେ ଗରୁଡ଼ ମୂର୍ତ୍ତି ସ୍ଥାପନ କରାଯାଇ ହିନ୍ଦୁଙ୍କ ଧର୍ମୀୟ ଭାବନାକୁ କୁଠାରାଘାତ କରାଯାଇଛି। ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ଶାସ୍ତ୍ରାନୁଯାୟୀ, ଗରୁଡ଼ ହେଉଛନ୍ତି ଦେବତା। ଜଗନ୍ନାଥଙ୍କ ସମ୍ମୁଖରେ ସର୍ବଦା ଦଣ୍ଡାୟମାନ। ତେଣୁ ସରକାର ଉକ୍ତ ଦୁଇ ସ୍ଥାନରୁ ଗରୁଡ଼ ଦେବତାଙ୍କୁ ଅପସାରଣ କରି କୌଣସି ଦେବାଳୟରେ ସ୍ଥାପନ କରିବାକୁ ଆବାହକ ରଥ ଓ ମୁଖ୍ୟ ଉପଦେଷ୍ଟା ଦୁର୍ଗାପ୍ରସାଦ ମହାପାତ୍ର ମତ ରଖିଛନ୍ତି।

### ବାରଙ୍ଗ ଟ୍ରକ୍ ମାଲିକ ସଂଘର ଚକ ବନ୍ଦ ଚେତାବନୀ

**ବାରଙ୍ଗ,୮।୧୧(ଡି.ଏନ୍.ଏ.):** ଭୁବନେଶ୍ୱର ଓ ବାରଙ୍ଗ ତହସିଲ ପକ୍ଷରୁ ଟ୍ରକ୍ ମାଲିକମାନଙ୍କୁ ଅଯଥାରେ ହଇରାଣ କରାଯାଇ ଫାଇନ କଟାଯାଉଛି। ଫଳରେ ବ୍ୟାପକ କ୍ଷତି ସହିବାକୁ ପଡୁଛି। ମାସିକ ଚାନ୍ଦା ନେବା ପାଇଁ ଏଭଳି କରୁଛନ୍ତି ବୋଲି ରବିବାର ବାରଙ୍ଗ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ସଂଘ କାର୍ଯ୍ୟାଳୟରେ ସଭାପତି ବିଜୟ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ, ପୂର୍ବତନ ସଭାପତି ହେମବର୍ତ୍ତି ଚକ୍ରବର୍ତ୍ତୀ, ଉପଦେଷ୍ଟା କିଶୋର ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ବାରଙ୍ଗ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଚକ ବନ୍ଦ ପାଇଁ ଚେତାବନୀ ଦିଆଯାଇଛି। ଏନେଇ ଆସନ୍ତା ୧୫ତାରିଖରେ ଭୁବନେଶ୍ୱର, କଟକ ସିଡିଏ, ବାଙ୍କୀ, ଖୋର୍ଦ୍ଧା ଟ୍ରକ୍ ମାଲିକ ସଂଘ ସହ ଆଲୋଚନା କରାଯାଇ କଟକ-ଭୁବନେଶ୍ୱର ପରିବହନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ବାରଙ୍ଗ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ବିଜୁ ମହିଳା ଜନତା ଦଳର ସାଙ୍ଗଠନିକ ବୈଠକ




**ଖୋର୍ଦ୍ଧା ଅଫିସ,୮।୧୧:** ବିଜୁ ମହିଳା ଜନତା ଦଳ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ସାଙ୍ଗଠନିକ ବୈଠକ ସ୍ଥାନୀୟ ପିଡବ୍ଲୁଡି ଆଇବିରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖୋର୍ଦ୍ଧା ସହର ଏବଂ ବ୍ଲକସ୍ତରରେ ବିଜୁ ମହିଳା ଜନତା ଦଳର ସାଙ୍ଗଠନିକ ସ୍ଥିତି, ଆଗାମୀ ପୌର ଏବଂ ପଞ୍ଚାୟତ ନିର୍ବାଚନରେ ମହିଳାମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ କସ୍ତୁରୀ ମହାପାତ୍ର, ମୀନା ଗଡନାୟକ, ବାସନ୍ତୀ ମହାପାତ୍ର, ଦିଲ୍ଲୀପ କୁମାର ହୋତା, ବିଭୁପ୍ରସାଦ ସାହୁ, ରିତେଶ ସାହୁ, ଲଳିତ ମୋହନ ମହାପାତ୍ର, ଶର୍ମିଷ୍ଠା ପଟ୍ଟନାୟକ, ରୀତାରାଣୀ ବେହେରା, ସନ୍ଧ୍ୟାରାଣୀ ମିଶ୍ର, ସ୍ନିଗ୍ଧା ଦାସ, ଚପଳା ସ୍ୱାଇଁ, ଉର୍ମିଳା ସାହୁ, ଗୌତମ ମିଶ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ବହୁ ସରପଞ୍ଚ ଓ ସମିତିସଭ୍ୟା ଏବଂ ପୌରାଞ୍ଚଳର ପୂର୍ବତନ କାଉନସିଲର, ମହିଳାନେତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

### ଟ୍ରାକ୍ଟର ଜବତ: ଚାଳକ ଗିରଫ

**ଖୁଣ୍ଟୁଣୀ, ୮।୧୧(ଡି.ଏନ.ଏ.):** କଟକ ସିଡିଏ ସେକ୍ଟର-୧୧ ମହାନଦୀ ପଠାରୁ ବାଲି ଚୋରାଚାଲାଣ କରୁଥିବାବେଳେ ଏକ ଟ୍ରାକ୍ଟରକୁ ଗୁରୁଡିଝାଟିଆ ପୋଲିସ ଜବତ କରିଛି। ଏହାର ଚାଳକ ବାଲି ଚାଲାଣ ସମ୍ପର୍କିତ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ତାଙ୍କୁ ଗିରଫ କରିଛି ବୋଲି ଆଇଆଇସି ବିଜୟ କୁମାର ବିସି କହିଛନ୍ତି। ଗିରଫ ଚାଳକ ହେଲେ ଗୁରୁଡିଝାଟିଆ ଥାନା ଅଧୀନ ସାରକୋଳି ଗ୍ରାମର ଅମୀୟ ମହାନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଆଜି ରୁପା ଛାଉଣି ଡିଜାଇନ ଚୂଡ଼ାନ୍ତ ବୈଠକ

**ପୁରୀ ଅଫିସ, ୮।୧୧:**

**ଝଲସିବ ଶ୍ରୀମନ୍ଦିର ୮ ଦ୍ୱାର**

ଶ୍ରୀମନ୍ଦିରର ୮ଟି ଦ୍ୱାର ରୁପାରେ ଝଲସିବ। ଜୟ ବିଜୟ, କଳାହାଟ, ବେହେରଣ, ସାତ ପାହାଚ, ପଶ୍ଚିମ ଭୋଗ ମଣ୍ଡପ, ନୃସିଂହ ମନ୍ଦିର, ମା' ବିମଳା ଏବଂ ମା' ମହାଲକ୍ଷ୍ମୀ ମନ୍ଦିରର ଗର୍ଭଦ୍ୱାରକୁ ରୁପା ଛାଉଣି କରାଯିବ। ଏଥିପାଇଁ ଆବଶ୍ୟକ ସମସ୍ତ ଖର୍ଚ୍ଚ ଜଣେ ଭକ୍ତ ବହନ କରିବେ। ଏହି ୮ ଦ୍ୱାର କବାଟରେ ପ୍ରାୟ ଅଢେଇ ଟନ୍ ରୁପା ଲାଗିବ। ଏହି ରୁପା ଛାଉଣି ଡିଜାଇନ ପାଇଁ ଗଠିତ ୨୧ ଜଣିଆ କମିଟିର ବୈଠକର ସୋମବାର ଅନୁଷ୍ଠିତ ହେବ। ନୀଳାଦ୍ରି ଭକ୍ତ ନିବାସରେ ଅପରାହ୍ନ ୪ଟାରେ ହେବାକୁ ଥିବା ବୈଠକରେ ରୁପା ଡିଜାଇନ ଚୂଡ଼ାନ୍ତ କରାଯିବ। ରୁପା ଛାଉଣି ପାଇଁ ସମସ୍ତ ଖର୍ଚ୍ଚ ବହନ କରୁଥିବା ଭକ୍ତଙ୍କ ପକ୍ଷରୁ ମୁମ୍ବାଇରୁ ଡିଜାଇନର ଏବଂ କାରିଗର ଏଥିରେ ଯୋଗଦେବେ।

ଗତ ୨୭ ତାରିଖରେ କମିଟିର ପ୍ରଥମ ବୈଠକ ବସିଥିଲା। ଏଥିରେ ନୂତନ କବାଟ ତିଆରିଠାରୁ ରୁପା ଛାଉଣି ପର୍ଯ୍ୟନ୍ତ ସମସ୍ତ ବିଷୟରେ ଆଲୋଚନା କରାଯାଇଥିଲା। ରୁପା ଛାଉଣି ଡିଜାଇନକୁ ଛାଡ଼ି ଆଉ ସବୁ ଚୂଡ଼ାନ୍ତ ହୋଇଥିଲା।

### ଭାଜପାର ଜନସମ୍ପର୍କ ପଦଯାତ୍ରା

**ଡେଲାଙ୍ଗ,୮।୧୧(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକରେ ରବିବାର ଭାଜପା ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ଦୁର୍ଗାଚରଣ ରାଉତରାୟ, ଅଜୟ ରାଉତରାୟ, ପ୍ରମୋଦ ପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିଚିତ୍ର ରାଉତ, ବିଷ୍ଣୁପ୍ରସାଦ ବଳିୟାରସିଂ ପ୍ରମୁଖ ପୁରୁଷୋତ୍ତମପୁର, ଗୁଆଳିପଡା, କଲ୍ୟାଣପୁର, ଅଭୟମୁଖୀ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହା ସହ ପିପିଲି ନିର୍ବାଚନମଣ୍ଡଳୀର ଉପନିର୍ବାଚନରେ ଭାଜପା ପାର୍ଥୀଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ।

## ଧାନ ବିକ୍ରି ପାଇଁ ୬୨,୨୯୮ ଚାଷୀଙ୍କ ନାମ ପଞ୍ଜୀକରଣ

**କଟକ ସଦର,୮।୧୧(ଡି.ଏନ୍.ଏ.):** ଚଳିତ ଆର୍ଥିକ ବର୍ଷ(୨୦୨୦-୨୧)ରେ ବିଭିନ୍ନ ସେବା ସମିତି ଜରିଆରେ ଖରିଫ ଧାନ ବିକ୍ରି ପାଇଁ କଟକ ଜିଲାର ୧୪ଟି ବ୍ଲକର ୬୨ହଜାର ୨୯୮ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ୨୦୧୯-୨୦ ବର୍ଷ ଅପେକ୍ଷା ୧୧ହଜାର ୬୩୩ଜଣ ଅଧିକ ଚାଷୀ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ହେଲେ ରାଜ୍ୟ ଖାଦ୍ୟ, ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗର କ୍ରୟ ପଦ୍ଧତିକୁ ନେଇ ଚାଷୀମାନେ ଏଥର ବି ଆଶଙ୍କାରେ ରହିଛନ୍ତି। କାରଣ ସମୟ ସ୍ୱଳ୍ପତା ଦୃଷ୍ଟିରୁ ମାର୍ଚ୍ଚ ୩୧ ମଧ୍ୟରେ ସବୁ ଚାଷୀଙ୍କଠାରୁ ଧାନ କ୍ରୟ ସମ୍ଭବପର ହୋଇପାରୁ ନାହିଁ। ଫଳରେ ଗତବର୍ଷ ୫୦ହଜାର ୬୬୫ଜଣ ନାମ ପଞ୍ଜୀକରଣ କରିଥିଲେ ମଧ୍ୟ ୮ହଜାର ୮୧୩ଜଣ ଚାଷୀ ବିକ୍ରି କରିବା ସୁଯୋଗରୁ ବଞ୍ଚିତ ଥିଲେ। ସାଧାରଣତଃ କଟକ ଜିଲାରେ ପ୍ରତିବର୍ଷ ଡିସେମ୍ବର ଶେଷ ସପ୍ତାହଠାରୁ ଧାନମଣ୍ଡି ଖୋଲିଥାଏ। ମିଲର ଅଭାବରୁ ପ୍ରତି ମଣ୍ଡିରେ ସପ୍ତାହକୁ ଥରେ ଧାନ କ୍ରୟ କରାଯାଏ। ଏହି ବ୍ୟବସ୍ଥା ମାର୍ଚ୍ଚ ପର୍ଯ୍ୟନ୍ତ ଚାଲୁ ରହିଥିବାରୁ ସବୁଚାଷୀ ଧାନ ଦେବାରୁ ବଞ୍ଚିତ ହୋଇଥାନ୍ତି ବୋଲି କଟକସଦର ବ୍ଲକ ଆମ୍ବ୍ରା ସଭାପତି ସମର ବେହେରା କହିଛନ୍ତି। ରାଜ୍ୟ ସରକାର ୩ ମାସ ଭିତରେ ଅତିକମ୍‌ରେ ଥରେ ଲେଖାଏ ଧାନ ବିକ୍ରି ପାଇଁ ସୁଯୋଗ ଦେବାକୁ କଟକ ଜିଲା ଭାଜପା ସମବାୟ ପର୍ଯ୍ୟବେକ୍ଷକ ବିଜୟ କୁମାର ରାଉତରାୟ କହିଛନ୍ତି। ପଶ୍ଚିମ ଓଡ଼ିଶାରେ ନଭେମ୍ବରରୁ ଧାନ ବିକ୍ରି ଆରମ୍ଭ ହୋଇଯାଏ। କିନ୍ତୁ କଟକ ଭଳି ଉପକୂଳ ଜିଲାରେ ଧାନକଟା ଓ ଅମଳ ଡିସେମ୍ବରରେ ହୁଏ। ଏଭଳି ପରିସ୍ଥିତିରେ ପ୍ରତି ସପ୍ତାହରେ ୨ଥର ଧାନ କ୍ରୟ କରାଗଲେ ସବୁ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି କମରପଦା ଗ୍ରାମର ପ୍ରଶାନ୍ତ ପ୍ରଧାନ କହିଛନ୍ତି। ରାଜ୍ୟ ସରକାର ଏଥିପ୍ରତି ଆଗୁଆ ଦୃଷ୍ଟି ଦେଲେ ଧାନ ସଂଗ୍ରହ ସହଜ ହେବ ବୋଲି ଚାଷୀମାନେ ଆଶା ରଖିଛନ୍ତି।

## ଭିତରକନିକା ଜୈବ ବିବିଧତାକୁ ସଙ୍କଟ

**କେନ୍ଦ୍ରାପଡା ଅଫିସ, ୮।୧୧**

**ଖରସ୍ରୋତା ନଦୀ ପାଣି ବିବାଦ ବଢୁଛି**

■ଉତ୍କଟ ହେବ ପାନୀୟ ଜଳ ସମସ୍ୟା

■ନଦୀ ଅବବାହିକା ଲୋକଙ୍କ ପାଇଁ ଚିନ୍ତା

ଖରସ୍ରୋତା ନଦୀରୁ ଭଦ୍ରକ ଜିଲା ୪ ବ୍ଲକର ୯୧ ପଞ୍ଚାୟତକୁ ପନୀୟଜଳ ଯୋଗାଣ ହେବ। ଏଥିପାଇଁ କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକ ବରୁଣାଡିହାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପକୁ ନେଇ ବିବାଦ ବଢୁଛି। ମୁହାଣ ଦେଇ ଖରସ୍ରୋତାର ଜଳ ପ୍ରବାହ ହ୍ରାସ ପାଇଲେ ଲୁଣା ଓ ମଧୁର ପାଣିର ସମିଶ୍ରଣରେ ସୃଷ୍ଟି ହୋଇଥିବା ବିଶ୍ୱର ବିରଳ ଭିତରକନିକା ଅଭୟାରଣ୍ୟର ଜୈବ ବିବିଧତା ଗଭୀର ଭାବେ ପ୍ରଭାବିତ ହେବ। ଏଥିସହ ଭୂତଳ ଜଳ ସ୍ତର ଦ୍ରୁତଗତିରେ ହ୍ରାସ ପାଇବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଖରସ୍ରୋତା ନଦୀର ଅବବାହିକାରେ ବସବାସ କରୁଥିବା ଲୋକେ ଆଗାମୀଦିନରେ ଗୁରୁତର ପାନୀୟ ଜଳ ସଙ୍କଟରେ ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ ପାଇବ। କେନ୍ଦ୍ରାପଡା ଜିଲାର ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଅମରବର ବିଶ୍ୱାଳ, ମୀର ଅବୁ ଓବେଦା, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢୀ, ସୁନୀଲ କୁମାର ଗନ୍ତାୟତ ପ୍ରମୁଖ ଖରସ୍ରୋତାରୁ ଭଦ୍ରକକୁ ପାନୀୟ ଜଳ ଯୋଗାଣକୁ ନେଇ ବିରୋଧ କରିଛନ୍ତି। ହେଲେ ଏକ ନିର୍ଦ୍ଦିଷ୍ଟ ମହିଳା ସଙ୍ଗଠନ ଏଥିରେ ସମସ୍ୟା ନ ଥିବା ଦର୍ଶାଉଛନ୍ତି।




ଭିତରକନିକାର ହେନ୍ତାଳ ବନ।

ବୁଦ୍ଧିଜୀବୀମାନଙ୍କ କହିବା କଥା, ଆଳି, ରାଜକନିକା ଓ ରାଜନଗରର ୬୧ ପଞ୍ଚାୟତବାସୀ ଭବିଷ୍ୟତର କୃଷି ଏବଂ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନସ୍ଥ ଜୈବବିବିଧତାର ସୁରକ୍ଷା ପାଇଁ ଖରସ୍ରୋତାରୁ ଭଦ୍ରକ ଜିଲାକୁ ଜଳ ଯୋଗାଣକୁ ବିରୋଧ କରାଯାଉଛି। ଏଥିପାଇଁ ସେମାନେ କିଛିଦିନ ହେଲା ଆନ୍ଦୋଳନ ଜାରି ରଖିଛନ୍ତି। ଏହି ପାନୀୟ ଜଳ ପ୍ରକଳ୍ପ ଯୋଗୁ ଅଣମୌସୁମୀ ସମୟରେ ଖରସ୍ରୋତାରେ ଜଳାଭାବ ଦେଖାଦେବ। ଅପରପକ୍ଷରେ କେନ୍ଦ୍ରାପଡା ଜିଲାର ୬୧ ପଞ୍ଚାୟତରେ ଲୁଣା ଜଳ ସମସ୍ୟା ରହିଥିବା ବିଭିନ୍ନ ସରକାରୀ ରିପୋର୍ଟରେ ଉପସ୍ଥାପନା କରାଯାଇଛି। ଅଦ୍ୟାବଧି ଖରସ୍ରୋତା ନଦୀର ମଧୁର ପାଣି ଉଠାଇ ଜିଲାର ଜଳସେଚନ ଓ ପାନୀୟଜଳ ଯୋଗାଣକୁ ସୁନିଶ୍ଚିତ କରାଯାଇନାହିଁ। ତେଣୁ ଭଦ୍ରକ ଜିଲାରେ ଥିବା ଚିରସ୍ରୋତା ମଧୁର ଜଳ ପୂର୍ଣ୍ଣ ବୈତରଣୀ, ସାଳନ୍ଦୀ, ମନ୍ତେଇ ପ୍ରଭୃତି ନଦୀରୁ ଜିଲାବାସୀଙ୍କୁ ଜଳ ଯୋଗାଇ ଦେବାକୁ ସରକାର ପଦକ୍ଷେପ ନିଅନ୍ତୁ। ରାଜକନିକା ପାନୀୟ ଜଳ ପ୍ରକଳ୍ପରୁ ସରକାର ଓହରିଯିବାକୁ ବିଭିନ୍ନ ମହଲରୁ ଦାବି ମଧ୍ୟ ହେଉଛି। ଏହି ଦାବି ଜିଲାବାସୀଙ୍କ ପାଇଁ ଆବଶ୍ୟକ। କେନ୍ଦ୍ରାପଡା ଜିଲା ପାଇଁ ପ୍ରସ୍ତାବିତ ୨୬୮.୧୧ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହାକୁ ଅଞ୍ଚଳବାସୀ ସ୍ୱାଗତ କରିବା ସହ ସରକାର ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଧନ୍ୟବାଦ ଦେଇଛନ୍ତି। ତେବେ ମହିଳା ସଙ୍ଗଠନ ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ଜଳଯୋଗାଣକୁ ସମର୍ଥନ ଜଣାଇବା ପଛରେ ଥିବା ରହସ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନଦୀଜଳକୁ ନେଇ ବିବାଦ ସୃଷ୍ଟି ନ କରି ଜିଲାର ଭବିଷ୍ୟତ ପାଇଁ ଭଦ୍ରକ ଜିଲାକୁ ପାଣି ଦେବା ବନ୍ଦ ହେବା ଦରକାର ବୋଲି ଜିଲାର ବୁଦ୍ଧଜୀବୀ ମତବ୍ୟକ୍ତ କରିଛନ୍ତି।




**Ex-showroom price-Odisha. Accessories shown in the ad may not be a part of the standard equipment. *Finance at the sole discretion of the financier and offers cannot be clubbed together.
*5 year warranty without any additional charges. *T&C apply.

TVS 5 YEAR WARRANTY | TVS CREDIT | HDFC BANK We understand your world | Powered by Pine Labs | 5% Cashback* ICICI Bank Credit & Debit Cards | AXIS BANK | SBI

TVS Scooty | www.tvsscooty.com | Call: 1800 315 7777

**FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.co.in Authorised Main Dealers:** BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371; 3S TVS, Ph : : 8860629978. PURI: Modern TVS, Ph : 7978707757, 7440002101; CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHOLE : Sasmita TVS, Ph : 8860793803; JAGATSINGHPUR : Gita TVS, Ph : 06724-222717, 7788901717.
**Authorised Dealers:** CRP Square, Bhubaneswar, Ph.: 0674-2563343, 7537035786; Jatni, Ph.: 7008563051; Khurda, Ph.: 9861128283, 06755-223244; Baghamari, Ph.: 9238107505; Jagatpur, Ph.: 9861006854/9337268787; Pattamundai, Ph.: 9938602209; Mangalpur, Ph : 9853486660; Balipatna, Ph.:9238518534; Khandagiri, Ph : 0674-2351766, 9090894749;Athagarh, Ph.: 9853429148; Salepur, Ph.: 8018556514; Pipli, Ph.: 8093219941; Delang, Ph : 9090214582; Bramahgiri, Ph : 8480928880; Chari Chowk, Ph : 8327783765; Raj Sunakhala, Ph.: 7873510025; Daspalla, Ph.: 9437354285; Rohibank, Ph : 9090507765; Kalapathar, Ph : 9776942339;Ranpur, Ph : 9778520193; Paradip, Ph.: 9937392207; Nuapatana, Ph.: 9937019555; Banki, Ph.: 9937015536; Jatani, Ph : 8093198397; Balugaon, Ph : 9090048991, 9776099100; Duburi, Ph : 9439176344; Nirakarpur, Ph : 9658971360, 06756-252360; Khandapada, Ph : 9853479471, 9937153901; Erasama, Ph : 9937084847; Krushnanandapur, Ph : 9237066573; 9040091921; Badamba, Ph : 7381656665; Puranakatak, Ph : 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph : 9861150706; Nimapara, Ph : 06758-252044, 9438742101; Balichandrapur, Ph : 9439200714; Anandpur, Ph : 9438366880; Nachuni : Ph : 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph : 0671-2356967, 7440037801; Bari, Ph : 8917596087; Binjharpur, Ph : 7008499365; Nischintakoili, Ph : 9337438686; Chandol, Ph : 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph : 9658410027 ; Balikuda, Ph : 9439370305 ; Gothopatna, Ph : 9337950051, 8249710415; Odogaon, Ph : 9937558155; Tangi, Ph : 0671-2595877, 9348645572; Rajnagar, Ph : 9178026887; Tamando, Ph : 9337988543, 9778100000; Rajkanika, Ph : 9938602209.




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. BARIPADA: 9798190190. BHADRAK: 9798190190. NAYAGARH: 9798190190. BALASORE: 9798190190.

**NARAYANI MOTORS**
BHUBANESHWAR: 9583022019, 9583022012, 9583022013. NIMAPARA: 7381093626 JAGATSINGHPUR: 9583022090 PARADEEP: 9583022034/48 PURI: 9583022035.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450.

**SKY AUTOMOBILES**
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. JAJPUR: 9776900777.

*Offer includes consumer offer, exchange bonus and corporate offer (Wherever Applicable) on selected models/variants. Above mentioned savings amount is the value of maximum savings on selected models. **Any one of the above mentioned assured prizes will be given on purchase of Maruti Suzuki car. **Scratch card scheme is applicable on every retail and customer can win attractive prizes. Customer who books the car/had booked earlier and wants to take delivery/retail invoice done by 20th November 2020 will be eligible for this scheme. ^Finance scheme details mentioned in the advertisement are at the sole discretion of financier and terms and conditions as specified by the financier shall apply. Credit at sole discretion of Bank .^Low down payment of ₹501/- is applicable for S-Presso only. Terms and conditions apply. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. For more details, please contact your nearest ARENA dealership. Maruti Suzuki India Limited reserves the right to discontinue offers without notice. Parts and accessories shown may not be a part of standard equipment. Colours shown may vary from actual body colour due to printing on paper. Images used are for illustration purposes only. Offers valid till 30th November 2020.